

ପୁଣ୍ୟ ଜନ୍ମତିଥିରେ
ଜାତିର ପିତା ମହାତ୍ମା ଗାନ୍ଧୀ
ଏବଂ ଲାଲବାହାଦୁର
ଶାସ୍ତ୍ରୀଜୀଙ୍କୁ
'ସକାଳ' ପରିବାର ପକ୍ଷରୁ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-99 ◆FRIDAY ◆02 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୯ ୯ ◆ଶୁକ୍ରବାର ◆୦୨ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଧାମନଗରରେ ବିଏଲ୍ଓଙ୍କ ଆଇଡି, ଓଟିପିରେ ୩ ହଜାର ଫର୍ମ-୭

# କାହା ଚାପରେ ଏସ୍‌ଆଇଆର୍ ଜାଲିଆତି !

■ ଭୁବନେଶ୍ୱର/ଭଦ୍ରକ, ୧।୧୦ (ସମିସ): ଏସ୍‌ଆଇଆର୍‌ରେ ଓଡ଼ିଶାର ୨୦ ଲକ୍ଷ ୫୭ ହଜାରରୁ ଅଧିକ ଭୋଟରଙ୍କ ସମେତ ଦେଶରେ ୧୩ କୋଟି ୫୦ ଲକ୍ଷ ଭୋଟରଙ୍କ ନାମ ମତଦାତା ସୂଚୀରୁ ବାଦ୍ ପଡ଼ିଛି। ଓଡ଼ିଶାରେ ଅନେକ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ସାରା ଦେଶରେ ଏସ୍‌ଆଇଆର୍‌କୁ ନେଇ ବିବାଦୀୟହୋଇପଡ଼ିଥିବା ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ପାଇଁ ଚାପ ବଢୁଛି। ଏହି କ୍ରମରେ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ଏସ୍‌ଆଇଆର୍‌ରେ ତଞ୍ଚକତା କରି ଭୋଟରମାନଙ୍କୁ ବାଦ୍ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କ ଅଜାଣତରେ ସେମାନଙ୍କ ଲଗ୍‌ଇନ୍ ଆଇଡି ଏବଂ ଓଟିପି ବ୍ୟବହାର କରି ଭୋଟରଙ୍କ ନାମ ବାଦ୍ ପାଇଁ ୩ ହଜାରରୁ ଅଧିକ ଫର୍ମ-୭ ଦାଖଲ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଜଣେ ବିଏଲ୍ଓଙ୍କ ଅଜାଣତରେ ତାଙ୍କ ଆଇଡି ଲଗ୍‌ଇନ୍ କରାଯାଇ ଭୋଟରଙ୍କ ନାମ ବାଦ୍ ନିମନ୍ତେ ୨୨୭ଟି ଫର୍ମ-୭ ଦାଖଲ ଘଟଣା ଡିଜିଟାଲ୍ ଭୋଟର ତାଲିକା ପ୍ରକ୍ରିୟାର ସୁରକ୍ଷାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ତେବେ ଏହିସବୁ ଜାଲିଆତି ପଛରେ କିଏ ରହିଛି; କାହା ଚାପରେ ଓ କେଉଁ ଉଦ୍ଦେଶ୍ୟରେ ଏହା କରାଯାଉଛି, ତାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି।



**ଗୋଟିଏ ଲଗ୍‌ଇନ୍‌ରେ ୨୨୭ ଥର ଆବେଦନ**

**ବାଦ୍ ମତଦାତାଙ୍କ ମଧ୍ୟରେ ୯୦% ସଂଖ୍ୟାଲଘୁ ବର୍ଗ**

**ନିଲମ୍ବିତ ଏଆର୍‌ଓଙ୍କ ବିରୋଧରେ ହେବ ଚାର୍ଜସିଟ୍**

ଅଭିଯୋଗ ଅନୁସାରେ, ବିଏଲ୍ଓ ନିରୂପମା ତ୍ରିପାଠୀଙ୍କ ଅଜାଣତରେ ୨୨୭ଟି ଫର୍ମ-୭ ଦାଖଲ ହୋଇଛି। ସେହିପରି ଅନ୍ୟ ବିଏଲ୍ଓଙ୍କ ଲଗ୍‌ଇନ୍‌ରେ ମଧ୍ୟ ଭୋଟର ସୂଚୀରୁ ମତଦାତାଙ୍କ ନାମ ବାଦ୍ ଦେବା ପାଇଁ ଶତାଧିକ ଆବେଦନ ହୋଇଛି। କେବଳ ଧାମନଗର ବିଧାନସଭା କ୍ଷେତ୍ରରେ ଏଭଳି ୩ ହଜାରରୁ ଅଧିକ ଫର୍ମ-୭ ଦାଖଲ ହୋଇଥିବା ରିପୋର୍ଟ ସାମ୍ନାକୁ ଆସିବା ପରେ ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକରେ ମଧ୍ୟ ଅନୁରୂପ ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

ଅନ୍ୟପକ୍ଷରେ ଧାମନଗରରେ ମତଦାତା ସୂଚୀରୁ ଫର୍ମ ୭ରେ ନାମ ବାଦ୍ ଦେବା ପାଇଁ ଆବେଦନ ମଧ୍ୟରେ ୯୦%ରୁ ଊର୍ଦ୍ଧ୍ୱ ଭୋଟର ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ସୂଚନା ମିଳିଛି। ଯାଞ୍ଚ ସମୟରେ ଏହି ଭୋଟରଙ୍କ ନାମ ବୈଧ ଥିବା ଓ ଅନେକଙ୍କ ନାମ ୨୦୦୨ ମସିହା ପୁରୁଣା ଭୋଟର ତାଲିକାରେ ଥିଲେ ମଧ୍ୟ ସେମାନଙ୍କ ନାମକୁ ମତଦାତା ସୂଚୀରୁ ହଟାଇବାକୁ ଫର୍ମ-୭ରେ ଆବେଦନ ହୋଇଛି।

ପୂର୍ବରୁ ଧାମନଗରର ପ୍ରାୟ ୧୦ ଜଣ ବିଏଲ୍ଓ ସେମାନଙ୍କର ଲଗ୍‌ଇନ୍ ଓ ପାସୱାର୍ଡର ଅପବ୍ୟବହାର କରାଯାଇଥିବା ଅଭିଯୋଗ ▶ପୃଷ୍ଠା-୭

### ଏକାଠି ହେଲେ ବିରୋଧୀ ଦଳ ଓ ସାମାଜିକ ସଂଗଠନ

# ଆଜିଠୁ ଜ୍ଞାନେଶ ହଟାଅ ଅଭିଯାନ

■ ନୂଆଦିଲ୍ଲୀ, ୧।୧୦ (ଏଜେନ୍ସି): ଏସ୍‌ଆଇଆରକୁ ନେଇ ବିବାଦ ଘେରରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଆସନ୍ତାକାଲି ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଯାଉଛି ବଡ଼ ଧରଣର ଆନ୍ଦୋଳନ। ରାସ୍ତାକୁ ଓହ୍ଲାଇବେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ନାମରେ ୧୩ କୋଟି ଭୋଟରଙ୍କ ନାମ କାଟିଥିବା ଜ୍ଞାନେଶଙ୍କ ବିରୋଧରେ କମ୍ପିବ ରାଜରାସ୍ତା। ଏହି ଆନେଦାଳନରେ ସାମିଲ ହେବେ ବିଭିନ୍ନ ବିରୋଧୀ ଦଳଙ୍କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ଏବଂ କକ୍ରୋଚ ଜନତା ପାର୍ଟି। ତେବେ ଏଥିପାଇଁ ପ୍ରତିବାଦ ସଭାକୁ ଅନୁମତି ଦେବା ଲାଗି ପୁଲିସ ମନା କରିଦେଇଥିବାରୁ ଦିଲ୍ଲୀ ଏବଂ ମୁମ୍ବାଇରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଅନୁମତି ନଦେଲେ ମଧ୍ୟ ସେମାନେ ଆନ୍ଦୋଳନ କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ଆନ୍ଦୋଳନକାରୀ ଘୋଷଣା କରିବା ପରେ ଉଭୟ ଦିଲ୍ଲୀ ଓ ମୁମ୍ବାଇରେ ବ୍ୟାପକ ସଂଖ୍ୟାରେ ସଶସ୍ତ୍ର ପୁଲିସ ମୁତୟନ କରାଯାଇଛି। ଜ୍ଞାନେଶଙ୍କୁ ହଟାଇବା ଦାବିରେ ଆସନ୍ତାକାଲି ଠାରୁ କକ୍ରୋଚ ଜନତା ▶ପୃଷ୍ଠା-୭



**ମୁମ୍ବାଇରେ ସିଜେପି, ଦିଲ୍ଲୀରେ ଗର୍ଜିବେ ଆପ୍-କଂଗ୍ରେସ**

**ଅନୁମତି ଦେଉନି ପୁଲିସ, ବ୍ୟାପକ ନିରାପତ୍ତା ବ୍ୟବସ୍ଥା**

### ଫର୍ମ-୬ ପରିବର୍ତ୍ତନ ନେଇ କମିସନଙ୍କୁ ରାହୁଲଙ୍କ ପ୍ରଶ୍ନ

## ଟିସିଏସ୍‌କୁ ନିର୍ଦ୍ଦେଶ ଦେଲା କିଏ



■ ନୂଆଦିଲ୍ଲୀ, ୧।୧୦ (ଏଜେନ୍ସି): ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ବ୍ୟବହୃତ ଅନଲାଇନ୍ ଫର୍ମ-୬ରେ ହୋଇଥିବା ପରିବର୍ତ୍ତନକୁ ନେଇ ନିର୍ବାଚନ କମିସନଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଫର୍ମ-୬ରେ ବେଆଇନ ଭାବେ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ କରି ସେ ପଚାରିଛନ୍ତି ଯେ, ଟାଟା କନସଲଟାନ୍ସି ସର୍ଭିସେସ୍ ▶ପୃଷ୍ଠା-୭

## ଇସିଙ୍କ ଅଫିସ ଆଗରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ଧାରଣା

■ ବେଙ୍ଗାଲୁରୁ, ୧।୧୦(ଏଜେନ୍ସି): କର୍ଣ୍ଣାଟକରେ ଚାଲିଥିବା ଏସଆଇଆର ବେଳେ ଭୋଟରଙ୍କୁ କାଟିବା ଲାଗି ବ୍ୟାପକ ଜାଲିଆତି ହୋଇଛି। ତାଲିକାରୁ ଭୋଟରଙ୍କ ନାମ କାଟିବା ଲାଗି ଫର୍ମ-୭ର ବ୍ୟାପକ ଦୁରୁପଯୋଗ ହେଉଛି। ଏଭଳି ଜାଲିଆତିର ପ୍ରତିବାଦ କରିବା ସହିତ ଏଥିରେ ସଂପୃକ୍ତ ଲୋକମାନଙ୍କ ବିରୋଧରେ ଅପରାଧିକ ▶ପୃଷ୍ଠା-୭

## ଜ୍ଞାନେଶଙ୍କୁ 'ଭାନିସ୍' କହିଲେ ମମତା

■ ନୂଆଦିଲ୍ଲୀ, ୧।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ 'ଭାନିଶ କୁମାର' ବୋଲି ସମ୍ବୋଧନ କରି ତୀବ୍ର ମନ୍ତବ୍ୟ ଦେଇଛନ୍ତି ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ। ଭୋଟ ଅଧିକାର ଛଡ଼ାଇ ନେବା ପାଇଁ ଦାୟୀ ବ୍ୟକ୍ତିଙ୍କୁ ଦେଶବାସୀ କ୍ଷମା କରିବେ ନାହିଁ ବୋଲି ▶ପୃଷ୍ଠା-୭

## ଓଲଟ ପାଲଟ



ବିନା ହେଲମେଟ୍ ନାହିଁ ଡିଏଲ୍
ନାହିଁ ଗାଡ଼ି ପଞ୍ଜୀକରଣ,
ପଲ୍ୟୁସନ ସାର୍ଟିଫିକେଟ ନଥାଇ
କଟା ହେଲା ଯଦି ଚାଲାଣ।
କରି ପାରିବନି ବାରଣ,
ବିଜୁଳି ଟିକସ ମିଶିକି ଆସିବ
ହେବ ଦୁର୍ଦ୍ଦିନର କାରଣ।
ଲାଇନ ଟା ଯିବ କଟିଣ
ବଞ୍ଚି ଥାଉଁ ଥାଉଁ ମରଣ,
ଅମାନିଆ ଗାଡି ଚାଳକ ଏଣିକି
ସବୁ ସର୍ତ୍ତ କର ପୂରଣ ॥

- ଯାଯାବର

### ଦିଲ୍ଲୀରେ ଶାହାଙ୍କ ଅଧ୍ୟକ୍ଷତାରେ ମହାନଦୀ ବିବାଦ ବୈଠକ

# ସମାଧାନ ନିକଟତର: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧।୧୦ (ସମିସ): ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବୈଠକ। ବୈଠକରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଷ୍ଣୁଦେବ ସାଏଙ୍କ ସହ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲ, ଦୁଇ ରାଜ୍ୟର ମୁଖ୍ୟ ସଚିବ ଉପସ୍ଥିତ ଥିଲେ। ଏହି ବୈଠକରେ ମହାନଦୀ ଜଳ ବିବାଦ ସଂକ୍ରାନ୍ତରେ ଦୁଇ ରାଜ୍ୟ ମଧ୍ୟରେ ବିସ୍ତୃତ ଆଲୋଚନା ସକାରାତ୍ମକ ଭାବରେ ଶେଷ ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ଯେ ଦୁଇ ରାଜ୍ୟ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଆମେ ସମାଧାନର ନିକଟତର ହେଉଛୁ, ଖୁବ୍ ଶୀଘ୍ର ଏହାର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ। ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ।



ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ରାଜ୍ୟମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ପଥ ଉନ୍ମୁକ୍ତ ହେଉଛି। ସବୁ ରାଜ୍ୟମାନଙ୍କ ପାଇଁ ମହାନଦୀ ଜଳ ବିବାଦ ସମାଧାନ ଏକ ମଡେଲ ଡିସ୍‌ପ୍ୟୁଟ ରିଜୋଲ୍ୟୁସନ୍ ହେବ। ଓଡ଼ିଶାର କୋଟି ▶ପୃଷ୍ଠା-୭

### ଦଶହରାରେ ଲଘୁଚାପ

## ପୂଜା ଭିଜାଇବ ବର୍ଷା

ଭୁବନେଶ୍ୱର, ୧।୧୦ (ସମିସ): ସାଧାରଣତଃ ଅକ୍ଟୋବର ପରେ ବାତ୍ୟା ଋତୁ ଆରମ୍ଭ ହୋଇଥାଏ। ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଗୁଡ଼ିକ ଅନେକ ସମୟରେ ବାତ୍ୟାରେ ପରିଣତ ହୋଇଥାଏ। ପୂର୍ବରୁ ଦୁର୍ଗା ପୂଜା ସମୟରେ ବାତ୍ୟା ଆସିବାର ମଧ୍ୟ ନଜିର ରହିଛି। ଏହି କ୍ରମରେ ଆସନ୍ତା ଦୁର୍ଗା ପୂଜା ସମୟରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ସମ୍ଭାବନାକୁ ନେଇ ଯାବତୀୟ ଆଶଙ୍କା ସୃଷ୍ଟି ହୋଇଛି।

**ଅକ୍ଟୋବର ୧ରୁ ଆରମ୍ଭ ହୋଇଛି ବାତ୍ୟା ଋତୁ**

ଗୁରୁବାର ଆଇଏମ୍‌ଡି ପକ୍ଷରୁ ଜାରି ବିସ୍ତାରିତ ପରିସର ଆକଳନରେ ଆସନ୍ତା ୧୨ ଅକ୍ଟୋବର ବେଳକୁ ଆଣ୍ଡାମାନ ସାଗରକୁ ଦକ୍ଷିଣ ଚାଇନା ସାଗର ପଟୁ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବ ବୋଲି କୁହାଯାଇଛି। ଏହା ପ୍ରଭାବରେ ଅର୍ଥାତ ୧୩ ତାରିଖ ▶ପୃଷ୍ଠା-୭

### ରାଜଧାନୀରେ ଚାଞ୍ଚଲ୍ୟ

# ବନ୍ଧୁକ ମୁନରେ ଦୁଷ୍କର୍ମ

■ ଭୁବନେଶ୍ୱର, ୧।୧୦ (ସମିସ): ରାଜଧାନୀରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ଭିଆଇଛି ଅମାନବୀୟ କାଣ୍ଡ। ଦୁର୍ବୃତ୍ତ ଜଣଙ୍କ ଏକ ଟେଲିକମ୍ କମ୍ପାନୀରେ ଚାକିରି କରୁଥିବା ଜଣେ ଯୁବତୀଙ୍କ ଭଡ଼ା ଘରେ ପଶି ତାଙ୍କୁ ବନ୍ଧୁକ ମୁନରେ ଦୁଷ୍କର୍ମ କରିବା ପରେ ଫେରାର୍ ହୋଇଯାଇଛି। ଘଟଣାକୁ ଏହାମଧ୍ୟରେ ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପୁଲିସ ହାତ ସମ୍ପୂର୍ଣ୍ଣ ଭାବେ ଖାଲି। ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରି ପାରିନାହିଁ କି ଅଭିଯୁକ୍ତ ପାଖରେ ପହଞ୍ଚି ପାରିନି; ଯାହା କମିସନରେଟ୍ ପୁଲିସର ସୁରକ୍ଷା ବ୍ୟବସ୍ଥାକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ ହୋଇଛି। ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।



**ମୁଖା ପିନ୍ଧି ଆସି ଘରେ ପଶିଥିବା ଅଭିଯୋଗ**

**ପୀଡ଼ିତାଙ୍କ ଡାକ୍ତରୀ ମାଇନା, ବୟାନ ରେକର୍ଡ**

**୨୪ ଘଣ୍ଟା ପରେ ବି ପୁଲିସ ହାତ ଖାଲି**

ମିଳିଥିବା ସୂଚନା ମୁତାବକ, ପୀଡ଼ିତାଙ୍କ ବୟସ ୨୬। ସେ ତାଙ୍କ ବଡ଼ ଭଉଣୀ ସହ ନୟାପଲ୍ଲୀ ଅଞ୍ଚଳରେ ଏକ ଘରେ ଭଡ଼ା ରୁହନ୍ତି। ଉକ୍ତ ଘରର ମାଲିକ ସେହି ବିଲ୍ଡିଂର ଦ୍ୱିତୀୟ ମହଲାରେ ରହୁଥିଲା ବେଳେ ପୀଡ଼ିତା ▶ପୃଷ୍ଠା-୭


15001/103/2627





**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

(ହରି ବାବୁ କମ୍ଭମପାଟି)





**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପୂଜାରୀ । ନିଜର ନୀତି ଓ ନୈତିକତା, ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ସାରା ବିଶ୍ୱକୁ ସେ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ତାଙ୍କ ଯୁଗାନ୍ତକାରୀ ଚିନ୍ତାଧାରା ଓ ଆଦର୍ଶ ଯୁଗେ ଯୁଗେ ବିଶ୍ୱ ପାଇଁ ପ୍ରାସଙ୍ଗିକ ।

ଆସନ୍ତୁ, ତାଙ୍କର ସ୍ୱଦେଶୀ ଓ ସ୍ୱଚ୍ଛତାର ଆଦର୍ଶକୁ ଅନୁସରଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଆମେ ସମସ୍ତେ ସମର୍ପିତ ଭାବେ ନିଜ ନିଜର ଯୋଗଦାନ ରଖିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0103






## ବିଶେଷ ଟିପ୍ପଣୀ



ସିଇସି ଜ୍ଞାନେଶ କୁମାରଙ୍କୁ ଭାରତ ରତ୍ନ ଦେଇଦିଅ, ଦୁଇବର୍ଷ ପରେ ତାଙ୍କୁ ଦେଶର ରାଷ୍ଟ୍ରପତି କରିଦିଅ।

*- ଓମାର ଅବଦୁଲ୍ଲା*



ମୁଖ୍ୟ ନିର୍ବାଚନ କମିସନରଙ୍କ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ହେବା ଉଚିତ, ଏଥିରେ ନାଗରିକ ସମାଜର ମଧ୍ୟ ଭୂମିକା ରହିବା ଦରକାର ।

*- ଅଭିଜିତ ଦୀପକେ*

## ଜେନ୍ Z

ଗତ ୧୨ ବର୍ଷରେ ସବୁଠାରୁ ଯେଉଁ ଖରାପ ଘଟଣା ଘଟିଛି, ସେଥିମଧ୍ୟରୁ ଗୋଟିଏ ହେଉଛି- ଏକ ବର୍ଗର ଲୋକ ଭାବିବାକୁ ଲାଗିଥିଲେ ଯେ, ଦେଶର ଠିକା କେବଳ ସେମାନଙ୍କ ହାତରେ ଅଛି। ଯୁବପିଢ଼ି ଏହି ଧାରଣାକୁ ବଦଳାଇ ଦେଇଛି। ଏହି ଦେଶରେ ପ୍ରତ୍ୟେକଙ୍କର ଅଧିକାର ଅଛି। ତେଣୁ ଆମ ବ୍ୟବସ୍ଥାକୁ ବଦଳାଇବା ପାଇଁ ପ୍ରତ୍ୟେକଙ୍କ ପ୍ରୟାସ ଆବଶ୍ୟକ।

- ସୌରଭ ଦାସ

# ମଝି ଆକାଶର ହିରୋ

## ଛୁରାମାଡ଼ ସତ୍ତ୍ୱେ ୧୮୦ ଜୀବନ ବଞ୍ଚାଇଲେ



ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଦୁବାଇରୁ ଇସ୍ରାଏଲ ଯାଉଥିବା ବିମାନକୁ ଅପହରଣ କରିବା ଲାଗି କୋ ପାଇଲଟଙ୍କ ଉଦ୍ୟମକୁ ବ୍ୟର୍ଥ କରିବା ସହିତ ୧୮୦ ଜଣ ଯାତ୍ରୀ ଓ କର୍ମଚାରୀଙ୍କ ଜବୀନ ବଞ୍ଚାଇଥିବା ଭାରତୀୟ ପାଇଲଟ ସ୍ମିତ ମଚ୍ଛର ଏବେ ଚର୍ଚ୍ଚାରେ। ଏହି ଉଦ୍ୟମକୁ ବ୍ୟର୍ଥ କରିବା ସମୟରେ କୋପାଇଲଟ ତାଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ଗୁରୁତର ହୋଇଥିଲେ ମଧ୍ୟ ତାଙ୍କର ସାହାସ ମଝି ଆକାଶରେ ଏକ ବଡ଼ ଦୁର୍ଘଟଣାରୁ ଫ୍ଲାଏଦୁବାଇ ବିମାନକୁ ରକ୍ଷା କରିପାରିଛି। ସହ-ପାଇଲଟ୍‌ଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଚ୍ଛରଙ୍କ ଗୋଟିଏ ନିର୍ଣ୍ଣାୟକ ପଦକ୍ଷେପ ଯୋଗୁଁ ଫ୍ଲାଇଦୁବାଇ ବିମାନରେ ଥିବା ୧୮୦ ଯାତ୍ରୀ ଓ କର୍ମଚାରୀଙ୍କ ଜୀବନ ରକ୍ଷା ପାଇଛି। ପ୍ରବଳ ରକ୍ତସ୍ରାବ ସତ୍ତ୍ୱେ ସ୍ମିତ ନିଜର ଶେଷ ଶକ୍ତି ବ୍ୟବହାର କରି କକ୍‌ପିଟ୍ ଦ୍ୱାର ଖୋଲିଦେଇଥିଲେ। ଫଳରେ କିଛି ଯାତ୍ରୀ କକ୍‌ପିଟ୍ ଭିତରକୁ ପ୍ରବେଶ କରି ଆକ୍ରମଣକାରୀ ସହ-ପାଇଲଟ୍‌ଙ୍କୁ କାବୁ କରିପାରିଥିଲେ।

ଇସ୍ରାଏଲୀ ଅଧିକାରୀଙ୍କ କହିବା ଅନୁସାରେ, ଓମାନର ନାଗରିକ ଏହି ସହ-ପାଇଲଟ୍ ବିମାନର ନିୟନ୍ତ୍ରଣ ନେଇ ଏହାକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ଚାହୁଁଥିଲେ। ବିରୋଧ ସମୟରେ ସ୍ମିତଙ୍କୁ କୋପାଇଲଟ ଅନେକ ଥର ଛୁରାମାଡ଼ କରିଥିଲେ। ଆକ୍ରମଣ ବେଳେ ବିମାନଟି ହଠାତ୍ ତଳକୁ ଖସିବା ସହ ନିୟନ୍ତ୍ରଣ ହରାଇଥିବା କୁହାଯାଉଛି। ରକ୍ତାକ୍ତ ହୋଇ କକ୍‌ପିଟ୍ ତଳେ ପଡ଼ିଥିବା ସ୍ମିତ ଦ୍ୱାର ଖୋଲିବା ପରେ ଯାତ୍ରୀମାନେ ଭିତରକୁ ପ୍ରବେଶ କରିଥିଲେ। ସେମାନେ ସହ-ପାଇଲଟ୍‌ଙ୍କୁ କାବୁ କରିବା ସହ ବିମାନର ନିୟନ୍ତ୍ରଣ ପୁନଃ ସୁରକ୍ଷିତ କରିବାରେ ସହାୟତା କରିଥିଲେ। ବିମାନରେ ଥିବା ଦାନ୍ତ ଚିକିତ୍ସକ ଡାକ୍ତର ଶୋଟା ମୁସାଏଭ୍ ମଧ୍ୟ ସ୍ମିତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଥିଲେ। ଅଧିକ ରକ୍ତସ୍ରାବ ହୋଇଥିବାରୁ ତାଙ୍କ ଅବସ୍ଥା ଗୁରୁତର ଥିଲା। ପରେ ଯାତ୍ରୀ ଭାବେ ବିମାନରେ ଥିବା ଫ୍ଲାଇଦୁବାଇର ଦୁଇ ଅଫ୍-ଡ୍ୟୁଟି ପାଇଲଟ୍ ବିମାନର ନିୟନ୍ତ୍ରଣ ନେଇଥିଲେ। ସେମାନେ ସାଉଦି ଆରବର ତାବୁକ୍‌ରେ ବିମାନର ଜରୁରୀ ଅବତରଣ କରାଇଥିଲେ। ପରେ ସ୍ମିତଙ୍କୁ ହସ୍ପିଟାଲ୍ ନିଆଯାଇଥିଲା ଏବଂ ତାଙ୍କ ସ୍ଥିତି ଏବେ ସ୍ଥିର ଥିବା ଜଣାପଡ଼ିଛି। କ୍ୟାପଟେନ୍ ସ୍ମିତଙ୍କୁ ଅଧିକ ଓ ଉନ୍ନତ ଚିକିତ୍ସା ପାଇଁ ଦୁବାଇ ଏୟାରଲିଫ୍ଟ କରାଯାଇଛି। ତାଙ୍କ ପରିବାର ପୂର୍ବରୁ ୟୁଏଇରେ ପହଞ୍ଚିଥିବା ସୂଚନା ମିଳିଛି।ତେବେ କକପିଟରେ ହୋଇଥିବା ଏଭଳି ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏହାପଛରେ କୌଣସି ଆତଙ୍କବାଦୀ ଷଡ଼ଯନ୍ତ୍ର ଥିଲା କି ନାହିଁ, ତାହା ଜାଣିବା ଲାଗି ୟୁନାଇଟେଡ ଆରବ ଏମିରେଟସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

- ରକ୍ତାକ୍ତ ଅବସ୍ଥାରେ କକ୍‌ପିଟ୍ ଦ୍ୱାର ଖୋଲିଥିଲେ ସ୍ମିତ
- ଆତଙ୍କବାଦ ନା ଆଉ କ'ଣ, ତଦନ୍ତ କରୁଛି ୟୁଏଇ

### 'ଭାରତ ଆପଣଙ୍କ ପାଇଁ ଗର୍ବିତ'

## ସ୍ମିତଙ୍କ ପାଇଁ ମୋଦୀ, ନେତନ୍ୟାହୁ, ଟ୍ରମ୍ପଙ୍କ ପ୍ରଶଂସାର ସୁଅ



ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଫ୍ଲାଇଦୁବାଇ ବିମାନରେ ଗୁରୁତର ବିପଦ ସତ୍ତ୍ୱେ ସାହସିକ ପଦକ୍ଷେପ ନେଇ ବଡ଼ ଦୁର୍ଘଟଣାକୁ ଏଡ଼ାଇଥିବା ଭାରତୀୟ ପାଇଲଟ୍ ସ୍ମିତ ମଚ୍ଛରଙ୍କ ପ୍ରଶଂସାରେ ଏବେ ବିଶ୍ୱର ବଡ଼ ବଡ଼ ନେତାଙ୍କ ସହ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ପାଇଲଟ୍‌ଙ୍କ ସାହସକୁ ପ୍ରଶଂସା କରିଛନ୍ତି। ଗୁରୁତର ଆହତ ହୋଇଥିଲେ ମଧ୍ୟ ବିପଦ ସମୟରେ ତାଙ୍କ ସାହସ ଓ ଦାୟିତ୍ୱବୋଧ ପ୍ରଶଂସନୀୟ ବୋଲି ମୋଦୀ କହିଛନ୍ତି। ମୋଦୀ ପାଇଲଟ୍‌ଙ୍କ ସାହସକୁ ପ୍ରଶଂସା କରି କହିଛନ୍ତି, 'ଭାରତ ଆପଣଙ୍କ ପାଇଁ ଗର୍ବିତ।' ଜୀବନ ପ୍ରତି ଗୁରୁତର ବିପଦ ଥିବା ସମୟରେ ମଧ ସ୍ମିତ ମଚ୍ଛର ଯେପରି ସାହସ ପ୍ରଦର୍ଶନ କରିଥିଲେ, ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ ଉଲ୍ଲେଖ କରିଛନ୍ତି। ଫ୍ଲାଇଦୁବାଇ ବିମାନରେ ସହପାଇଲଟ୍‌ଙ୍କ ଆକ୍ରମଣରେ କ୍ୟାପ୍ଟେନ୍ ସ୍ମିତ ମଚ୍ଛର ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ମଧ ସେ କକ୍‌ପିଟ୍‌ର ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ। ଏହା ଫଳରେ ବିମାନର ନିୟନ୍ତ୍ରଣ ସମ୍ଭାଳିବା ଓ ସମ୍ଭାବ୍ୟ ବଡ଼ ବିପଦକୁ ଏଡ଼ାଇବା ସମ୍ଭବ ହୋଇଥିଲା ବୋଲି ରିପୋର୍ଟରେ କୁହାଯାଇଛି।

### ଟିଏମ୍‌ସିର ବ୍ୟାଙ୍କଖାତା ଫ୍ରିଜ୍ ମାମଲା

## ଶୀଘ୍ର ଶୁଣାଣି ପାଇଁ ହାଇକୋର୍ଟକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ପଶ୍ଚିମବଙ୍ଗ ପୁଲିସ ଫ୍ରିଜ୍ କରିଥିବା ତୃଣମୂଳ କଂଗ୍ରେସର ୪ଟି ବ୍ୟାଙ୍କ ଖାତା ଖୋଲିବା ନେଇ ଦଳ ପକ୍ଷରୁ ଦାଏର ଆବେଦନରେ ଗୁରୁବାର ସୁପ୍ରିମକୋର୍ଟ କୌଣସି ଆଶ୍ୱସ୍ତି ଦେଇନାହାନ୍ତି। ମାମଲାର ଶୀଘ୍ର ଶୁଣାଣି ପାଇଁ କୋଲକାତା ହାଇକୋର୍ଟକୁ କହିଛନ୍ତି ସର୍ବୋଚ୍ଚ ଅଦାଲତ। ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ, ଏହି ପର୍ଯ୍ୟାୟରେ ମାମଲାର ମେରିଟ୍‌କୁ ଯିବାକୁ ଚାହୁଁନାହାନ୍ତି। ନିର୍ବାଚନ ଆୟୋଗଙ୍କ ଅନ୍ତରୀଣ ଆଦେଶରେ ଦଳୀୟ ଚିହ୍ନ ସମ୍ପର୍କିତ ବିବାଦ ଥିବାରୁ ଖାତାରେ ଥିବା ଅର୍ଥ କେଉଁ ଗୋଷ୍ଠୀ ବ୍ୟବହାର କରିବ, ସେ ପ୍ରଶ୍ନ ମଧ୍ୟ ବିଚାରାଧୀନ ରହିଛି। ଟିଏମ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ ଯେ, ଖାତାଗୁଡ଼ିକ ଫ୍ରିଜ୍ ହେବା ଫଳରେ ଦଳର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେଉଛି। ଦଳର ଦାବି ଅନୁସାରେ, ଦୈନନ୍ଦିନ କାର୍ଯ୍ୟ ପାଇଁ ମାସକୁ ପ୍ରାୟ ୧୨.୧୫ କୋଟି ଟଙ୍କା ଆବଶ୍ୟକ। ଅନ୍ୟପକ୍ଷରେ, ସଲିସିଟର ଜେନେରାଲ ତୁଷାର ମେହତା ଖାତାରେ କଥିତ ୩୫ କୋଟି ଟଙ୍କା ନଗଦ ଜମା ନେଇ ତଦନ୍ତର କଥା ଉଠାଇଥିଲେ। ଏହି ଅଭିଯୋଗର ତଦନ୍ତ ଚାଲିଥିବା ସେ କହିଥିଲେ। ଏହାଛଡ଼ା, ଇଡି ପୂର୍ବରୁ ଟିଏମ୍‌ସିର ୩ଟି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଖାତାକୁ ମଧ୍ୟ ଫ୍ରିଜ୍ କରିଥିଲା। ଅଗଷ୍ଟ ୧୧ରେ ସୁପ୍ରିମକୋର୍ଟ ଦୈନନ୍ଦିନ ଖର୍ଚ୍ଚ ପାଇଁ ସେହି ଖାତାଗୁଡ଼ିକ ଚଳାଇବା ସମ୍ପର୍କିତ ହାଇକୋର୍ଟର ବ୍ୟବସ୍ଥାରେ ହସ୍ତକ୍ଷେପ କରିନଥିଲେ।

## ଜମି ମାମଲାରେ ସୋରେନଙ୍କ ବିରୋଧରେ ଚାର୍ଜଫ୍ରେମ୍

ରାଞ୍ଚି,୧।୧୦(ଏଜେନ୍ସି): ଝାଡ଼ଖଣ୍ଡ ରାଜନୀତିରେ ଜମି ମାମଲାକୁ ନେଇ ଆଉ ଏକ ଆଇନଗତ ପଦକ୍ଷେପ। ରାଞ୍ଚିର ବରଗାଇ ଅଞ୍ଚଳର ୮.୮୬ ଏକର ଜମି ସଂପର୍କିତ ଅର୍ଥ ହେରଫେର ମାମଲାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିରୋଧରେ ବୁଧବାର ଚାର୍ଜ ଫ୍ରେମ୍ କରିଛନ୍ତି ସ୍ଥାନୀୟ ପିଏମ୍‌ଏଲ୍‌ଏ ଅଦାଲତ। ସୋରେନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅଦାଲତରେ ହାଜର ହୋଇଥିଲେ। ଏହା ସହ ମାମଲାର ବିଚାର ପାଇଁ ରାସ୍ତା ଖୋଲିଛି। ପରବର୍ତ୍ତୀ ଶୁଣାଣି ନଭେମ୍ବର ୩୦ରେ ହେବ। ସୋରେନ ଅଭିଯୋଗକୁ ଖଣ୍ଡନ କରି ଏହା ଭିତ୍ତିହୀନ ଓ ଭୁଲ୍ ବୋଲି କହିଛନ୍ତି। ତାଙ୍କ ଓକିଲ ସଞ୍ଜୀବ ସାହାୟଙ୍କ ଅନୁସାରେ, ଅଦାଲତରେ ସୋରେନ ନିଜକୁ ଦୋଷୀ ନୁହେଁ ବୋଲି ଜଣାଇଛନ୍ତି। ତଦନ୍ତକାରୀ ସଂସ୍ଥାର ଅଭିଯୋଗ ଅନୁସାରେ, ଜାଲ୍ ଜମି ରେକର୍ଡ ଓ ଦଲିଲ ବ୍ୟବହାର କରି ଉକ୍ତ ଜମି ହାତେଇବା ଉଦ୍ୟମ ହୋଇଥିଲା। ଏହି ମାମଲାରେ ସୋରେନ ୧୭ତମ ଅଭିଯୁକ୍ତ। ଅନ୍ୟ ୧୬ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଚାର୍ଜ ଗଠନ ହୋଇଛି। ୨୦୨୪ ଜାନୁଆରୀ ୩୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋରେନଙ୍କୁ ଗିରଫ କରିଥିଲା। ପରେ ଜୁନ୍‌ରେ ତାଙ୍କୁ ଜାମିନ ମିଳିଥିଲା। ମାମଲାର ଦଲିଲ ଯାଞ୍ଚ ପାଇଁ ସୋରେନ ଅଦାଲତରେ ଅଧିକ ସମୟ ମାଗିଥିଲେ।

# ବିବାଦରେ ଫର୍ମ-୬, ଫର୍ମ-୭

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଯୋଗ୍ୟ ବିବେଚିତ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ଲାଗି ଗୋଟିଏ ଫର୍ମ ବ୍ୟବହାର କରାଯାଉଛି। ଅଯୋଗ୍ୟ ଭୋଟରଙ୍କୁ ବାଦ ଦେବାଲାଗି ଆଉ ଏକ ଫର୍ମର ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ଲାଗି ଏହି ଦୁଇଟି ଫର୍ମ ମୁଖ୍ୟ ଭୂମିକା ଗ୍ରହଣ କରୁଛି। କିନ୍ତୁ ଚଳିତ ଏସଆଇଆରରେ ଏହି ଦୁଇଟି ଫର୍ମ ସବୁଠାରୁ ବଡ଼ ବିବାଦ ସୃଷ୍ଟି କରିଛି। ଏହି ଦୁଇଟି ଫର୍ମ ଯୋଗୁଁ କୋଟି କୋଟି ଭୋଟର ମତଦାନ ଅଧିକାର ହରାଇଛନ୍ତି। ଚଳିତ ଏସଆଇଆର ବେଳେ ଏହି ଦୁଇଟି ଫର୍ମରେ ଏପରି ପରିବର୍ତ୍ତନ କରାଯାଇଛି, ଯାହାକି ଭୋଟରଙ୍କୁ ଯୋଡ଼ିବା ଅପେକ୍ଷା କାଟିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ସଂଶୋଧନକୁ ଦୁଇ ଜଣ କମିସନର ବିରୋଧ କରିଥିଲେ ମଧ୍ୟ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଖାତିର ନକରି ଏହାକୁ କାର୍ଯ୍ୟକାରୀ କରିଥିଲେ।

ନୂଆ ଭୋଟର ବା ବାଦ୍ ପଡ଼ିଥିବା ଭୋଟରଙ୍କୁ ତାଲିକାରେ ସାମିଲ କରିବା ପାଇଁ ଫର୍ମ୬ ରହିଛି। କିନ୍ତୁ ଏଥର ଏଥିରେ ଏମିତି ଜଟିଳ ସର୍ତ୍ତ ଯୋଡ଼ାଗଲା ଯେ, ତାଲିକାରେ ସ୍ଥାନ ପାଇବା ଲାଗି ଭୋଟରଙ୍କୁ ସଂଘର୍ଷ କରିବାକୁ ପଡ଼ିଛି। ଯେମିତିକି ପୂର୍ବ ଏସଆଇଆରରେ ସେମାନଙ୍କର ପିତାମାତାଙ୍କ ନାମ ଥିଲା କି ନାହିଁ। ଏହାକୁ ନ ମେଳାଇଲେ ଅନଲାଇନରେ ଫର୍ମ ୬ ପୂରଣ ସମ୍ଭବ ହେଉନଥିଲା। ଫଳରେ ଲକ୍ଷ ଲକ୍ଷ ଯୋଗ୍ୟ ଭୋଟରଙ୍କୁ ନିରାଶ ହେବାକୁ ପଡ଼ିଲା। କଂଗ୍ରେସ ନେତା ଜୟରାମ ରମେଶ ମଧ ଫର୍ମ-୬ରେ ପରିବର୍ତ୍ତନକୁ ନେଇ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଜୁଲାଇ ୨୦୨୬ରେ ଫର୍ମ-୬ରେ ସାମ୍ବିଧାନିକ ବ୍ୟବସ୍ଥା ବିରୋଧୀ ପରିବର୍ତ୍ତନ କରାଇଥିଲେ ଏବଂ ଏହାର ଉଦ୍ଦେଶ୍ୟ ଜେନ୍-ଜେଡ୍ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦେବା ଲାଗି ରହିଛି। ଏହାକୁ ନେଇ ପ୍ରତିବାଦ ବଢ଼ିବା ପରେ କମିସନ ଫର୍ମ-୬ରେ ଲାଗିଥିବା ଅତିରିକ୍ତ ସର୍ତ୍ତକୁ ହଟାଇ ଦେଇଛନ୍ତି।

ଚଳିତ ଏସଆଇଆରରେ ସବୁଠାରୁ ବଡ଼ ଖଳନାୟକ ହୋଇଛି ଫର୍ମ -୭। ମୃତ ବା ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତରିତ ଭୋଟରଙ୍କ ନାମ କାଟିବା ଲାଗି ଏହି ଫର୍ମ-୭ ରହିଛି। ତାଲିକାରୁ ଅଯୋଗ୍ୟ ଭୋଟରଙ୍କୁ କାଟିବା ଲାଗି ମଧ ଏହାର ବ୍ୟବହାର କରାଯାଇପାରିବ। ନିଜ ନାମ କାଟିବା ଲାଗି ଜଣେ ଭୋଟର ଏହି ଫର୍ମ ପୂରଣ କରେ। ଅନ୍ୟମାନଙ୍କ ନାମ କାଟିବା ଲାଗି ମଧ ଜଣେ ଭୋଟର ଏହି ଫର୍ମ ଜରିଆରେ ଆବେଦନ କରିପାରିବ। ଯେଉଁମାନେ ଭାରତୀୟ ନାଗରିକ ନୁହନ୍ତି ବା ଅନ୍ୟ କୌଣସି କାରଣରୁ ସେମାନେ ଅଯୋଗ୍ୟ ବୋଲି ଭାବିଲେ ନାମ କାଟିବା ଲାଗି ଅନ୍ୟମାନେ ଏହି ଫର୍ମ ଯୋଗେ ଆବେଦନ କରିପାରିବେ। ତେବେ ଯେଉଁମାନଙ୍କୁ ଅଯୋଗ୍ୟ କୁହାଯାଉଛି, ତାହାର ପ୍ରମାଣ ଉପସ୍ଥାପିତ କରିବାକୁ ପଡ଼ିବ। ଏହାପରେ କମିସନ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବେ। କିନ୍ତୁ ଏଥର ଏହି ଫର୍ମ-୭ର ବ୍ୟାପକ ଦୁରୁପଯୋଗ କରାଯାଇଛି। ବିଶେଷ କରି ମୁସଲିମ ଭୋଟରଙ୍କ ନାମ କାଟିବା ଲାଗି ବିଜେପି କର୍ମୀମାନେ ଏହି ଫର୍ମ ଦାଖଲ କରିଛନ୍ତି। ଫଳରେ କେବଳ କର୍ଣ୍ଣାଟକ ୪୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କଟିଯାଇଛି। ବିହାର ଓ ପଶ୍ଚିମ ବଙ୍ଗରେ ମଧ ଲକ୍ଷ ଲକ୍ଷ ଭୋଟରଙ୍କୁ ବିନା ଯାଞ୍ଚରେ କମିସନ କାଟି ଦେଇଛନ୍ତି। ଏହାକୁ ନେଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶିବକୁମାର ଆଜି ନିର୍ବାଚନ କମିସନ ଅଫିସରେ ଧାରଣା ଦେଇଥିଲେ। ଫର୍ମ-୭ ଜାଲିଆତି ମାମଲାରେ ସଂପୃକ୍ତ ଲୋକଙ୍କ ବିରୋଧରେ ଅପରାଧିକ ମାମଲା ଦାଏର କରିବାକୁ ସେ ଦାବି କରିଛନ୍ତି।

### ଜାଲିଆତି ପଛରେ କିଏ ?

# ବିଚ୍ଛିନ୍ନତାବାଦୀଙ୍କୁ ପାକିସ୍ତାନରୁ ମିଳିଛି ୯ କୋଟି ଟଙ୍କା!

ନୂଆଦିଲ୍ଲୀୟ,୧।୧୦(ଏଜେନ୍ସି): ଆତଙ୍କବାଦୀ ପାଣ୍ଠି ମାମଲାରେ ବିଚ୍ଛିନ୍ନତାବାଦୀ ନେତା ୟାସିନ ମଲିକଙ୍କ ସମେତ ୭ ଜଣଙ୍କ ବିରୋଧରେ 'ପ୍ରିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ' ଅଧୀନରେ ଚାର୍ଜ ଗଠନ କରିବା ଅର୍ଥାତ ସେମାନଙ୍କୁ ଅଭିଯୁକ୍ତ କରିବା" ପାଇଁ ନିର୍ଦ୍ଦେଶ ଦେଇଛନ୍ତି ନୂଆଦିଲ୍ଲୀର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ। ଅଭିଯୁକ୍ତଙ୍କ ସଂପୃକ୍ତି ନେଇ ଦୃଢ଼ ସନ୍ଦେହ ସୃଷ୍ଟି କରିବା ଭଳି ପର୍ଯ୍ୟାପ୍ତ ତଥ୍ୟ ରହିଥିବା କୋର୍ଟ କହିଛନ୍ତି। ଇଡିର ଅଭିଯୋଗ ଅନୁସାରେ, ପାକିସ୍ତାନ ଓ ଅନ୍ୟ ଆତଙ୍କବାଦୀ ସଂଗଠନରୁ ହାୱାଲା ସମେତ ବିଭିନ୍ନ ମାଧ୍ୟମରେ ପ୍ରାୟ ୮.୯୪ କୋଟି ଟଙ୍କା ଭାରତକୁ ଆସିଥିଲା ଏବଂ ଏହି ଅର୍ଥ ଅଭିଯୁକ୍ତମାନଙ୍କ ନିକଟକୁ ପଠାଯାଇଥିଲା। ମଲିକଙ୍କ ବ୍ୟତୀତ ଜାହୁର ଅହମଦ ଶାହ ୱାଟାଲି, ଅବଦୁଲ ରଶିଦ ଶେଖ, ଶବିର ଅହମଦ ଶାହ, ନୱାଲ କିଶୋର କପୁର, ଟ୍ରିସନ ଫାର୍ମସ ଆଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମସରତ ଆଲମ ଭଟଙ୍କ ନାମ ରହିଛି। ଇଡି ୨୦୧୭ ଜୁନ୍ ୧୪ରେ ଅପରାଧରୁ ମିଳିଥିବା ଅର୍ଥର ତଦନ୍ତ ପାଇଁ ଅଭିଯୋଗ ଦାଖଲ କରିଥିଲା। ଏନ୍‌ଆଇଏର ଦ୍ୱିତୀୟ ପୂରକ ଚାର୍ଜସିଟ୍‌କୁ ଉଦ୍ଧୃତ କରି କୋର୍ଟ କହିଛନ୍ତି ଯେ, ୟାସିନ ମଲିକ ସାଉଦି ଆରବରୁ ୧୫.୭୫ ଲକ୍ଷ ଟଙ୍କା ପାଇଥିବା ତଥ୍ୟ ମଧ୍ୟ ରହିଛି। ସୁରକ୍ଷାଗତ କାରଣରୁ କିଛି ଅଭିଯୁକ୍ତଙ୍କୁ ସପ୍ଟେମ୍ବର ୩୦ରେ କୋର୍ଟରେ ହାଜର କରାଯାଇପାରି ନ ଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦ରେ ହେବ। ୟାସିନ ମଲିକ ୧୯୮୦ ଦଶକର ଶେଷଭାଗରେ ଜେକେଏଲ୍‌ଏଫ୍‌ରେ ଯୋଗ ଦେଇଥିଲେ। ୧୯୮୯-୯୦ରେ କଶ୍ମୀର ଉପତ୍ୟକାରେ ଉଗ୍ରବାଦ ବୃଦ୍ଧି ସମୟରେ ସେ ପ୍ରମୁଖ ଚେହେରା ଭାବେ ଉଭା ହୋଇଥିଲେ। ୧୯୯୪ରେ ସେ ସଶସ୍ତ୍ର ସଂଗ୍ରାମ ଛାଡ଼ିବା ଘୋଷଣା କରିଥିଲେ। ୨୦୧୯ରେ କେନ୍ଦ୍ର ସରକାର ଜେକେଏଲ୍‌ଏଫ୍‌କୁ ୟୁଏପିଏ ଅଧୀନରେ ନିଷିଦ୍ଧ କରିଥିଲେ। ୨୦୨୨ ମେ'ରେ ଆତଙ୍କବାଦୀ ପାଣ୍ଠି ମାମଲାରେ ଦିଲ୍ଲୀର ଏନ୍‌ଆଇଏ କୋର୍ଟ ମଲିକଙ୍କୁ ଆଜୀବନ କାରାଦଣ୍ଡ ଦେଇଥିଲେ। ବର୍ତ୍ତମାନ ସେ ତିହାର ଜେଲ୍‌ରେ ଅଛନ୍ତି।

### ୟାସିନ ମଲିକଙ୍କ ସମେତ ୭ ଜଣଙ୍କୁ ଅଭିଯୁକ୍ତ କରିବାକୁ ନିର୍ଦ୍ଦେଶ

## ରାମମନ୍ଦିର ଦାନ ଚୋରି ମାମଲା: ଚମ୍ପତ ରାୟଙ୍କ ବିରୋଧରେ ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଅଯୋଧ୍ୟା ରାମମନ୍ଦିର ସହ ଜଡ଼ିତ ଦାନ ଓ ଜମି କାରବାରରେ କଥିତ ଅନିୟମିତତା ନେଇ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଅନ୍ୟମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଦାବି କରି ଦାଖଲ ଆବେଦନର ଶୁଣାଣି ନଭେମ୍ବର ୨ରେ କରିବାକୁ ରାଜି ହୋଇଛନ୍ତି ସୁପ୍ରିମକୋର୍ଟ। ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଏହି ଆବେଦନ ଦାଖଲ ହୋଇଛି। ଆବେଦନରେ ମନ୍ଦିର ନିର୍ମାଣ ପାଇଁ ସଂଗୃହୀତ ଦାନରେ କଥିତ ଅନିୟମିତତା ହୋଇଥିବା ଏବଂ ମନ୍ଦିର ଆଖପାଖ ଅଞ୍ଚଳରେ କଥିତ ଭାବେ ଅନିୟମିତ ଉପାୟରେ ଜମି କିଣାଯାଇଥିବା ଅଭିଯୋଗ କରାଯାଇଛି। ଏଥିସହ ବର୍ତ୍ତମାନର ଟ୍ରଷ୍ଟକୁ ଭାଙ୍ଗି ନୂଆ ଭାବେ ଗଠନ କରିବାକୁ ମଧ୍ୟ ଆବେଦନରେ ଦାବି କରାଯାଇଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆବେଦନ ସମାନ ପ୍ରସଙ୍ଗ ସହ ଜଡ଼ିତ ଅନ୍ୟ ବିଚାରାଧୀନ ଆବେଦନଗୁଡ଼ିକ ସହିତ ଶୁଣାଣି କରାଯିବ। ତେବେ ଚମ୍ପତ ରାୟଙ୍କ ବିରୋଧରେ ଉଠିଥିବା ଦାନ ଅନିୟମିତତା ଅଭିଯୋଗ ନେଇ ଉତ୍ତରପ୍ରଦେଶ ରାଜ୍ୟ ଏସ୍‌ଆଇଟି ତଦନ୍ତ କରି ତାଙ୍କୁ କ୍ଲିନ୍‌ଚିଟ୍ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏସ୍‌ଆଇଟି ଦାଖଲ କରିଥିବା ଚାର୍ଜସିଟ୍‌ରେ ରାୟଙ୍କୁ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଭାବେ ଦର୍ଶାଯାଇଛି। ମାମଲାରେ ଗିରଫ ହୋଇଥିବା ୮ ଜଣ କାଉଣ୍ଟିଂ ଏଜେଣ୍ଟ ଓ କର୍ମଚାରୀଙ୍କୁ ହିଁ ଅଭିଯୁକ୍ତ ଭାବେ ନାମିତ କରାଯାଇଥିବା କୁହାଯାଇଛି।

## କଂଗ୍ରେସକୁ ଫେରିପାରନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବାଘେଲା

ଗାନ୍ଧୀନଗର,୧।୧୦(ଏଜେନ୍ସି): ପୂର୍ବତନ ଗୁଜରାଟ ମୁଖ୍ୟମନ୍ତ୍ରୀ ଶଙ୍କରସିଂହ ବାଘେଲା ପୁଣିଥରେ କଂଗ୍ରେସରେ ଯୋଗ ଦେଇପାରନ୍ତି। ଦଳୀୟ ସୂତ୍ର ଅନୁସାରେ, ୮୬ ବର୍ଷୀୟ ବାଘେଲା କଂଗ୍ରେସକୁ ଫେରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଗୁଜରାଟ କଂଗ୍ରେସ ତାଙ୍କ ପ୍ରତ୍ୟାବର୍ତ୍ତନକୁ ଅନୁମୋଦନ କରିସାରିଥିବା ବେଳେ କେନ୍ଦ୍ରୀୟ ନେତୃତ୍ୱର ଶେଷ ଅନୁମୋଦନ ବାକି ରହିଛି। ଆଗାମୀ ଗାନ୍ଧୀନଗର ମହାନଗର ନିଗମ ନିର୍ବାଚନରେ ବାଘେଲାଙ୍କୁ ପ୍ରମୁଖ ପ୍ରଚାରକ ଭାବେ ବ୍ୟବହାର କରିବାକୁ ରାଜ୍ୟ କଂଗ୍ରେସ ଚାହୁଁଥିବା ସୂଚନା ମିଳିଛି। ଦଳର ବରିଷ୍ଠ ନେତା ଶକ୍ତିସିଂହ ଗୋହିଲ କହିଛନ୍ତି, ଠିକ୍ ସମୟରେ ଏନେଇ ଉତ୍ତର ମିଳିବ। ବାଘେଲା ଜନସଂଘରୁ ରାଜନୈତିକ ଜୀବନ ଆରମ୍ଭ କରି ପରେ ଗୁଜରାଟରେ ବିଜେପି ଗଠନରେ ଭୂମିକା ନେଇଥିଲେ। ୧୯୯୬ରେ ବିଜେପି ଛାଡ଼ି ରାଷ୍ଟ୍ରୀୟ ଜନତା ପାର୍ଟି ଗଠନ କରିଥିଲେ। ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲେ। ୧୯୯୮ରେ ତାଙ୍କ ଦଳ କଂଗ୍ରେସରେ ମିଶିଥିଲା। ପରେ ସେ କେନ୍ଦ୍ରମନ୍ତ୍ରୀ ଓ ଗୁଜରାଟ ବିଧାନସଭାରେ ବିରୋଧୀ ଦଳ ନେତା ହୋଇଥିଲେ। ୨୦୧୭ରେ ସେ କଂଗ୍ରେସଠାରୁ ଅଲଗା ହୋଇଥିଲେ।

# ୧୧ ରାଜ୍ୟକୁ ନିରାଶ କଲା ମୌସୁମୀ, ୨୮୨ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

ନୂଆଦିଲ୍ଲୀ,୧।୧୦(ଏଜେନ୍ସି): ଚଳିତ ବର୍ଷ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ୧୨.୬ ପ୍ରତିଶତ କମ୍ ରେକର୍ଡ ହୋଇଛି। ଫଳରେ ୨୦୨୬ର ମୌସୁମୀ ଋତୁ ଗତ ୧୩ ବର୍ଷ ମଧ୍ୟରେ ଦେଶର ସବୁଠୁ ଶୁଷ୍କ ମୌସୁମୀ ଋତୁ ଭାବେ ପରିଗଣିତ ହୋଇଛି। ଦେଶର ପ୍ରାୟ ୪୩ ପ୍ରତିଶତ ଜିଲ୍ଲାରେ ୨୦ରୁ ୭୨ ପ୍ରତିଶତ ପର୍ଯ୍ୟନ୍ତ ବର୍ଷା ନିଅଣ୍ଟ ରହିଛି। ପଞ୍ଜାବରେ ସ୍ୱାଭାବିକ ଠାରୁ ପ୍ରାୟ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ରାଜସ୍ଥାନରେ ପ୍ରାୟ ୨୨ ପ୍ରତିଶତ ନିଅଣ୍ଟ ରହିଛି। ଏହାବ୍ୟତୀତ ଆଉ ୯ଟି ରାଜ୍ୟରେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ତେବେ ଓଡ଼ିଶାରେ ଚିତ୍ର ଭିନ୍ନ ରହିଛି। ରାଜ୍ୟରେ ସ୍ୱାଭାବିକ ଠାରୁ ୩୦ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅନ୍ୟପକ୍ଷରେ, ଅଧିକ ବର୍ଷା ପାଇଁ ପରିଚିତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ୧୯୦୧ ପରଠାରୁ ଚଳିତ ବର୍ଷର ମୌସୁମୀ ବର୍ଷା ସବୁଠୁ କମ୍ ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ରାଜସ୍ଥାନ ଓ ଉତ୍ତରପ୍ରଦେଶର ଅବଶିଷ୍ଟ ଅଞ୍ଚଳ ସମେତ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଗୁଜରାଟ ଓ ମଧ୍ୟପ୍ରଦେଶର ଅଧିକାଂଶ ଅଞ୍ଚଳରୁ ମୌସୁମୀ ବାୟୁ ଫେରିଯିବା ସମ୍ଭାବନା ରହିଛି। ଏହାସହ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମହାରାଷ୍ଟ୍ରର କିଛି ଅଞ୍ଚଳରୁ ମଧ୍ୟ ମୌସୁମୀ ବାୟୁ ଫେରିବ। ପାଣିପାଗ ବିଭାଗର ଆକଳନ ଅନୁସାରେ, ଅକ୍ଟୋବର ୧୦ ସୁଦ୍ଧା ସମଗ୍ର ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିପାରେ। ତେବେ ଦକ୍ଷିଣ ଓ ଉତ୍ତର-ପୂର୍ବ ଭାରତର କେତେକ ଅଞ୍ଚଳରେ ଆଗକୁ ମଧ୍ୟ ପ୍ରବଳ ବର୍ଷା ଜାରି ରହିପାରେ। ଅକ୍ଟୋବର ୧୫ ପରେ ଦକ୍ଷିଣ ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉତ୍ତର-ପୂର୍ବ ମୌସୁମୀ ବାୟୁ ପହଞ୍ଚିବା ସମ୍ଭାବନା ରହିଛି। ମୌସୁମୀ ଋତୁର ଶେଷ ପର୍ଯ୍ୟାୟରେ ହୋଇଥିବା ଭଲ ବର୍ଷା ଦେଶର ମୋଟ ବର୍ଷା ନିଅଣ୍ଟକୁ କିଛି ମାତ୍ରାରେ କମାଇଛି। ସେପ୍ଟେମ୍ବରର ଶେଷ ସପ୍ତାହରେ ସ୍ୱାଭାବିକଠାରୁ ୫୦ ପ୍ରତିଶତ ଅଧିକ ବର୍ଷା ହୋଇଥିଲା। ଏହାର ପୂର୍ବ ସପ୍ତାହରେ ବର୍ଷା ନିଅଣ୍ଟ ୧୫ ପ୍ରତିଶତ ଥିଲା। ୧୨୨ ଦିନିଆ ମୌସୁମୀ ଋତୁରେ ପାଣିପାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଣାଳୀ ୭୭ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ଏହା ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ଆଣିଥିଲା। ଏଲ୍ ନିନୋ ପ୍ରଭାବ ଯୋଗୁଁ ମୌସୁମୀ ଋତୁ ପୂର୍ବରୁ ମରୁଡ଼ି ଆଶଙ୍କା ପ୍ରକାଶ ପାଇଥିଲା। ତେବେ ଗୋଟିଏ-ଦୁଇଟି ରାଜ୍ୟକୁ ଛାଡ଼ିଦେଲେ ପରିସ୍ଥିତି ପ୍ରାରମ୍ଭିକ ଆଶଙ୍କା ଅନୁସାରେ ଅତି ଗମ୍ଭୀର ହୋଇନାହିଁ। ଦେଶର ମୋଟ ୨୮୨ଟି ଜିଲ୍ଲା, ଅର୍ଥାତ୍ ପ୍ରାୟ ୩୮ ପ୍ରତିଶତ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହୋଇଛି। ଏପରିକି ଦେଶର ସର୍ବାଧିକ ବର୍ଷାପ୍ରବଣ ଅଞ୍ଚଳ ମଧ୍ୟରୁ ଅନ୍ୟତମ ମେଘାଳୟରେ ମଧ୍ୟ ପ୍ରାୟ ୬୦ ପ୍ରତିଶତ ବର୍ଷା ନିଅଣ୍ଟ ଦେଖାଦେଇଛି। ସେପ୍ଟେମ୍ବର ୨୪ ସୁଦ୍ଧା ଦେଶର ୧୫୦ଟି ପ୍ରମୁଖ ଜଳଭଣ୍ଡାରରେ ପ୍ରାୟ ୧୩୦ ବିଲିୟନ ଘନମିଟର (ବିସିଏମ୍) ଜଳ ମହଜୁଦ ଥିଲା। ଏହି ଜଳଭଣ୍ଡାରଗୁଡ଼ିକର ମୋଟ କ୍ଷମତା ୧୮୨.୪ ବିସିଏମ୍। ଅର୍ଥାତ୍ ଜଳଭଣ୍ଡାରଗୁଡ଼ିକ ପ୍ରାୟ ୭୧ ପ୍ରତିଶତ ପୂର୍ଣ୍ଣ ରହିଥିଲେ ମଧ ଗତବର୍ଷ ତୁଳନାରେ ଜଳସଂରକ୍ଷଣ କମ୍ ରହିଛି। ଆଇସିଆଇସିଆଇ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ, ଇଣ୍ଡିଆନ୍ ଓସେନ୍ ଡାଇପୋଲ୍ (ଆଇଓଡି) ସୂଚକାଙ୍କ ୦.୭୬ ରହିଛି, ଯାହା ସକାରାତ୍ମକ ସ୍ଥିତିକୁ ଦର୍ଶାଉଛି। ସକାରାତ୍ମକ ଆଇଓଡି ଶକ୍ତିଶାଳୀ ହେଉଥିବା ଏଲ୍ ନିନୋର ପ୍ରତିକୂଳ ପ୍ରଭାବକୁ କିଛି ମାତ୍ରାରେ ସନ୍ତୁଳିତ କରିପାରେ। ତଥାପି, ଆଗାମୀ ସମୟରେ ବର୍ଷା ପରିସ୍ଥିତି ପାଇଁ ଏଲ୍ ନିନୋକୁ ଏକ ପ୍ରମୁଖ କାରଣ ଭାବେ ରିପୋର୍ଟରେ ଚିହ୍ନଟ କରାଯାଇଛି।

- ୧୩ ବର୍ଷରେ ଭାରତର ସବୁଠୁ ଶୁଷ୍କ ମୌସୁମୀ ବର୍ଷା
- ୧୦ ସୁଦ୍ଧା ସାରା ଦେଶରୁ ଫେରିଯିବ ମୌସୁମୀ



### ସାମାଜିକ ଓ ଧାର୍ମିକ ଅଧିକାର ସୁରକ୍ଷା ଦାବିରେ ଗାନ୍ଧୀ ମାର୍ଗରେ ଗଣଧାରଣା

# ନବୀନଙ୍କୁ ଭେଟିଲେ ଖ୍ରୀଷ୍ଟିୟାନ ସମୁଦାୟ





ଭୁବନେଶ୍ୱର,୧।୧୦(ସମିସ): ରାଜ୍ୟରେ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନଙ୍କ ସାମାଜିକ ଏବଂ ଧାର୍ମିକ ଅଧିକାରକୁ ସୁନିଶ୍ଚିତ କରିବା ଦାବିରେ ଆଜି ରାଜଧାନୀସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ 'ଶାନ୍ତି ସମାରୋହ ମଞ୍ଚ, ଓଡ଼ିଶା' ପକ୍ଷରୁ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ତଥା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଏବଂ ସମ୍ପାଦକ ମନୋଜ ବାନ୍ଧିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୬ ହଜାରରୁ ଉର୍ଦ୍ଧ୍ୱ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗ ଦେଇଥିଲେ।

ଖ୍ରୀଷ୍ଟିୟାନ ସମୁଦାୟଙ୍କୁ ସାମାଜିକ ବାସନ୍ଦ, ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ଓ ପରିହାସ, ବଳପୂର୍ବକ ପୂଜା ଚାନ୍ଦା ଆଦାୟ, ଆଦିବାସୀମାନଙ୍କ ଉପରେ ମିଥ୍ୟା ଧର୍ମାନ୍ତରୀକରଣ ଅଭିଯୋଗ, ଗ୍ରାମାଞ୍ଚଳରେ ନଳକୂପରୁ ପାଣି ନେବାକୁ ବାରଣ ତଥା ଶବ ସତ୍କାରରେ ବାଧା ସୃଷ୍ଟି ଭଳି ଘଟଣାକୁ ନେଇ ମଞ୍ଚ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଆକ୍ରମଣ କ୍ଷେତ୍ରରେ ପୁଲିସ ପ୍ରଶାସନ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଏଥିସହ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଶବ ସତ୍କାର ନିମନ୍ତେ ସ୍ୱତନ୍ତ୍ର ସରକାରୀ ଜମି ପ୍ରଦାନ କରିବାକୁ ମଞ୍ଚ ଦାବି କରିଛି।

## ଆନ୍ଦୋଳନକୁ ବିଜେଡିର ସମର୍ଥନ

ଏହି ଆନ୍ଦୋଳନକୁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ଦଳର ବରିଷ୍ଠ ଉପ-ସଭାପତି ଦେବୀ ପ୍ରସାଦ ମିଶ୍ର, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ସାହୁ, ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ, ଶ୍ରୀମତୀ ପରୱାନା ପରବିନ୍ ଏବଂ ସଂଖ୍ୟାଲଘୁ ସେଲ୍ ସଭାପତି ଶେଖ ନିଜାମ ଉଦ୍ଦିନ ଧାରଣାସ୍ଥଳରେ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

କାର୍ଯ୍ୟକ୍ରମ ପରେ ମଞ୍ଚର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟପାଳଙ୍କ ସହ ଆଲୋଚନା କରି ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ସଭାପତି ପ୍ରକାଶ କରିଛନ୍ତି। ସମାବେଶକୁ ତ୍ରିଲୋଚନ ଦଙ୍ଗ, ରୁବେନ ବାନ୍ଧିଆ, ଗଣେଶରାମ ସିଂକୁ, ଜାମାଦାର ବାଲମୁଚୁ, ଚମ୍ପାଝରର ସରପଞ୍ଚ ବିକ୍ରମ ପିଙ୍ଗୁଆ, ଯଶୀପୁର ବ୍ଲକ ଅସ୍ତକୁମାର ସରପଞ୍ଚ ପ୍ୟାରୀ ଟୁଟୀ, କୁସୁନୁ ଗିଲୁଆ, ଭୁବନ ହେମ୍ବ୍ରମ, ମୁରଲୀ ବାନାରା, ଲମ୍ବୋଦର ଗୋଇପାଇ ଓ ସାଧୁଚରଣ ବିରୁଆ ପ୍ରମୁଖ ପରିଚାଳନା କରିଥିଲେ।

### ମହାନଦୀ ଜଳ ବିବାଦ ସମାଧାନ ପାଇଁ ଦିଲ୍ଲୀରେ ବୈଠକ ପ୍ରସଙ୍ଗ

# ବୈଠକରେ ହେଉଥିବା ନିଷ୍ପତ୍ତିକୁ ସାର୍ବଜନୀନ କରାଯାଉ: ବିଜେଡି

ଭୁବନେଶ୍ୱର,୧।୧୦(ସମିସ): ମହାନଦୀ ଜଳ ବିବାଦର ସମାଧାନ ଖୋଜିବା ପାଇଁ ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଯୋଗ ଦେଉଛନ୍ତି। ତେବେ ଏହି ବୈଠକର ସଫଳତାକୁ ନେଇ ବିଜେଡି ସନ୍ଦେହ ପ୍ରକାଟ କରିଛି। ଏହାସହ ବୈଠକରେ ନିଆଯାଉଥିବା ନିଷ୍ପତ୍ତିକୁ ସାର୍ବଜନୀନ କରିବାକୁ ବିଜେଡି ଦାବି କରିଛି।

ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ମହାନଦୀ ଜଳ ବିବାଦ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହି ବୈଠକର ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଜଣାଇବା ଜରୁରୀ। ତେଣୁ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ସାର୍ବଜନୀନ କରିବା ପାଇଁ ବିଜେଡି ଦାବି ରଖୁଛି । ଓଡ଼ିଶାରେ ପଞ୍ଚାୟତ ଓ ପୌର ନିର୍ବାଚନ ନିକଟତର ହୋଇଥିବାରୁ କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ଏହି ବୈଠକକୁ ଆୟୋଜିତ କରି ବିବାଦର ସମାଧାନ ହୋଇଗଲା ବୋଲି କୁହାନଯାଉ । ଦୀର୍ଘ ୧୨ ବର୍ଷ ହେଲାଣି କେନ୍ଦ୍ର ବିଜେପି ନେତୃତ୍ୱାଧୀନ ସରକାର ଥିବାବେଳେ, ୨୦୨୪ ନିର୍ବାଚନରେ ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ହୋଇଥିଲା । ଟ୍ରିପଲ ଇଞ୍ଜିନ ସରକାର ଥିବାରୁ ମହାନଦୀ ଜଳ ବିବାଦର ସମାଧାନର ସମ୍ଭାବନା ବୃଦ୍ଧି ପାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହାର ସମାଧାନ ଦିଗରେ କୌଣସି ତତ୍ପରତା ଦେଖିବାକୁ ମିଳିନଥିଲା । ଟ୍ରିବ୍ୟୁନାଲ ମାଧ୍ୟମରେ ବା ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବ ସେନେଇ କୌଣସି ସ୍ୱଷ୍ଟତା ଆସିପାରି ନାହିଁ। ଯେଉଁ କାରଣରୁ ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ଅଢେଇ ବର୍ଷ ବିତିଯିବା ପରେ ମଧ୍ୟ ବିବାଦ ଯେଉଁଠାରେ ଥିଲା ସେଇଠାରେ ରହିଛି। ଡ. ସାହୁ ଆହୁରି କହିଥିଲେ ଯେ ଛତିଶଗଡ଼ ଦ୍ୱାରା ବେଆଇନ ଭାବେ ବ୍ୟାରେଜ, ଆନିକଟ ଓ ବାଲିବନ୍ଧ ଇତ୍ୟାଦି ଉପର ମୁଣ୍ଡରେ ନିର୍ମାଣ କରାଯିବାରୁ, ମହାନଦୀ ଜଳ ବିବାଦ ସୃଷ୍ଟି ହୋଇଥିଲା । ଅଣମୌସୁମୀ ସମୟରେ ମହାନଦୀ ଓ ଏହାର ଶାଖା ନଦୀ ଗୁଡିକରେ ଜଳ ଶୁଖି ଯାଉଛି । ଚଳିତବର୍ଷ ମୌସୁମୀ ସମୟରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେ, ଛତିଶଗଡ଼ ଦ୍ୱାରା ଓଡ଼ିଶାକୁ କୌଣସି ସୂଚନା ନଦେଇ ଗେଟ୍ ଖୋଲିଦେବାରୁ ଓଡ଼ିଶାରେ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ଆସିଥିଲା । ଏଥିରୁ ସ୍ପଷ୍ଟ ହେଉଛି ଯେ ଛତିଶଗଡ଼ ଓ ଓଡ଼ିଶା ସରକାର ମଧ୍ୟରେ ଆବଶ୍ୟକୀୟ ସମନ୍ୱୟ ରହୁନାହିଁ । ଏହି ପରିପ୍ରେକ୍ଷୀରେ ଆଜି ବସୁଥିବା ବୈଠକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ପ୍ରସଙ୍ଗରେ ସ୍ୱାଭାବିକ ଭାବେ କେତେ ଗୁଡିଏ ପ୍ରଶ୍ନ ସାମ୍ନାକୁ ଆସୁଛି, ଯାହାର ଉତ୍ତର ଆସିବା ଦରକାର । ଅଣମୌସୁମୀ ସମୟରେ ଓଡ଼ିଶାକୁ ଆବଶ୍ୟକ ହେଉଥିବା ଜଳ ମିଳିବ କି ନାହିଁ। ବେଆଇନ ଭାବେ ନିର୍ମିତ ହୋଇଥିବା ବ୍ୟାରେଜ ଗୁଡିକର ସ୍ଥିତି କ'ଣ ରହିବ । ମହାନଦୀରୁ ଶିଳ୍ପ ଅନୁଷ୍ଠାନକୁ କେତେ ପରିମାଣର ଜଳ ଛତିଶଗଡ଼ ସରକାର ଦେଉଛନ୍ତି ତାହା ମଧ୍ୟ ଲୋକଲୋଚନକୁ ଆସିବା ଦରକାର। ତେଣୁ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବା ସ୍ୱାକ୍ଷରିତ ହେବାକୁ ଥିବା ବୁଝାମଣା ପତ୍ରକୁ ସାର୍ବଜନୀନ କରିବା ଅତ୍ୟନ୍ତ ଜରୁରୀ । ଏହା କେବଳ ଏକ ଧର୍ମକୁ ଆଖିଠାର ସଦୃଶ୍ୟ ବୈଠକ ନହେଉ ବୋଲି ସେ କହିଛନ୍ତି।



- କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ବୈଠକ ଆୟୋଜିତ ନ ହେଉ
- ଟ୍ରିପଲ ଇଞ୍ଜିନ ଥାଇ ମଧ୍ୟ ଅଢେଇ ବର୍ଷ ପରେ ବିବାଦ ଯେଉଁଠି ଥିଲା ସେଇଠି ରହିଛି
- ଅଣମୌସୁମୀ ସମୟରେ ଓଡ଼ିଶାକୁ ଆବଶ୍ୟକୀୟ ଜଳ ମିଳିବା ନେଇ ନିଶ୍ଚିତ କରାଯାଉ

### ସରକାରଙ୍କ ୟୁ-ଟର୍ଣ୍ଣ

# ୨୦୨୬ ପହିଲାରୁ ନିୟମିତ ହେବେ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର, ୧।୧୦(ସମିସ): ନିଯୁକ୍ତି ପାଇବା ଦିନଠାରୁ ନୁହେଁ; ବରଂ ୨୦୨୬ ପହିଲାରୁ କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ମାନେ ନିୟମିତ ହେବେ। ପୂର୍ବ ନିଷ୍ପତ୍ତିରୁ ସରକାର ୟୁ-ଟର୍ଣ୍ଣ ନେବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ବରିଷ୍ଠ-କନିଷ୍ଠ ବିବାଦ ପାଇଁ ହାଇକୋର୍ଟରେ ବିଚାରଧୀନ ମାମଲାର ଅନ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପରିବର୍ତ୍ତିତ ବିଜ୍ଞପ୍ତିରେ କୁହାଯାଇଛି ଯେ ଗତ ଅକ୍ଟୋବର ୧ ତାରିଖରେ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସଂଶୋଧନ କରାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନେ ୨୦୨୬ ଜାନୁଆରୀ ୧ରୁ ନିୟମିତ ହେବେ। ଆସିଷ୍ଟାଣ୍ଟ ଟିଚର୍ ଭାବେ ନିୟମିତ ହେବା ସହ ଲେଭଲ୍-ଭି(ଏ)ର ଦରମା ପାଇବେ। ଅନୁରୂପ ଭାବେ ଚାକିରିରେ ଯୋଗଦେବା ଦିନଠାରୁ ୨୦୨୫ ଶେଷ ପର୍ଯ୍ୟନ୍ତ ଅବଧିକୁ ସ୍କିମାଟିକ୍ ବା ଚୁକ୍ତିଭିତ୍ତିକ ସେବା ଭାବେ ଗଣନା କରାଯିବ। ଏହି ସମୟ ପାଇଁ ନିୟମିତ କ୍ୟାଡର୍, ବରିଷ୍ଠତା କିମ୍ବା ଅନ୍ୟ କୌଣସି ନିୟମିତ ସେବା ସୁବିଧା ପାଇଁ ଦାବି କରିପାରିବେ ନାହିଁ। ୨୦୨୬ ଜାନୁଆରୀ ୧ରୁ ନିୟମିତ ଦରମା ସହ ଆସିଷ୍ଟାଣ୍ଟ ଟିଚରଙ୍କ ପାଇଁ ପ୍ରଯୁଜ୍ୟ ଅନ୍ୟାନ୍ୟ ସୁବିଧା ପାଇପାରିବେ ବୋଲି କୁହାଯାଇଛି। ଅପରପକ୍ଷରେ ୨୦୨୩-୨୪ ବ୍ୟାଚ୍ ଶିକ୍ଷକଙ୍କୁ ଚାକିରି ପାଇବା ଦିନଠାରୁ ନିୟମିତ କରିବା ପରେ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକମାନେ କନିଷ୍ଠ ହୋଇଥିବା ନେଇ ଚାଲିଥିବା ମାମଲାର ଅନ୍ତ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ୭ ଅକ୍ଟୋବର ୨୦୨୪ରେ ଏହି ୨୦୨୩-୨୪ ବ୍ୟାଚ୍‌ର କନିଷ୍ଠ ଶିକ୍ଷକମାନେ ନିଯୁକ୍ତି ପାଇଥିଲେ।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ସିବିଆଇ ଜାଲରେ ଆଇସିଏଆର-ସିଆଇଏଫ୍‌ଆର୍‌ଆଇର ନିର୍ଦ୍ଦେଶକ

ଭୁବନେଶ୍ୱର,୧।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଇସିଏଆର-ସେଣ୍ଟ୍ରାଲ ଇନଲ୍ୟାଣ୍ଡ ଫିସରିଜ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିଆଇଏଫ୍‌ଆର୍‌ଆଇ)ର ନିର୍ଦ୍ଦେଶକ ଡଃ. ବସନ୍ତ ଦାସଙ୍କ ଘରେ ଚଢ଼ଉ କରିଛି ସିବିଆଇ। ଗୁରୁବାର ଏକସଙ୍ଗରେ ଭୁବନେଶ୍ୱର ଜଗାମରା ଅଞ୍ଚଳସ୍ଥିତ ତାଙ୍କର ତିନି ମହଲା ବିଶିଷ୍ଟ ବାସଭବନ, କୋଲକାତା ସରକାରୀ କାର୍ଯ୍ୟାଳୟ ଏବଂ ବାଲେଶ୍ୱରରେ ଥିବା ତାଙ୍କର ପୈତୃକ ଘରରେ ଚଢ଼ଉ କରାଯାଇଛି। ସିବିଆଇ ସୂଚନା ଅନୁସାରେ ଆଇସିଏଆର-ସିଫ୍ରି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନରେ ଏକ ପ୍ରମୁଖ ଅନୁଷ୍ଠାନ। ଏହାର ମୁଖ୍ୟ କାର୍ଯ୍ୟାଳୟ କୋଲକାତାର ବାରାକପୁରରେ। ଶ୍ରୀ ଦାସ ଏଠାରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀ ଦାସଙ୍କ ଆୟ ତୁଳନାରେ ତାଙ୍କର ଅଧିକ ସମ୍ପତ୍ତି ଥିବା ନେଇ ସିବିଆଇ ପାଖରେ ଖବର ପହଞ୍ଚିଥିଲା। ଏହାପରେ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏହି ମାମଲାର ତଦନ୍ତ କରୁଥିଲା। ପ୍ରମାଣ ମିଳିବା ପରେ ଗୁରୁବାର ଭୋର ସମୟରୁ ସିବିଆଇ ଟିମ୍ ଶ୍ରୀ ଦାସଙ୍କ ଉପରୋକ୍ତ ଠିକଣା ଗୁଡ଼ିକରେ ଏକକାଳୀନ ଚଢ଼ାଉ ଆରମ୍ଭ କରିଥିଲା। ଚଢ଼ାଉ ସମୟରେ ସିବିଆଇ ଅଧିକାରୀମାନେ ତାଙ୍କର ବିଭିନ୍ନ ଆର୍ଥିକ ରେକର୍ଡ, ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର, ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ ଯାଞ୍ଚ କରିଥିଲେ। ତେବେ କେତେ ପରିମାଣର ସମ୍ପତ୍ତି କିମ୍ବା କେଉଁ କେଉଁ କାଗଜପତ୍ର ଜବତ ହୋଇଛି ସେ ନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

## ପଦାସାହିରୁ ନରକଙ୍କାଳ ଉଦ୍ଧାର

ବିଞ୍ଝାରପୁର,୧।୧୦ (ସମିସ): ବିଞ୍ଝାରପୁର ବ୍ଲକ୍ ଗୁହାଳି ପଞ୍ଚାୟତ ପଦାସାହି ହାଇସ୍କୁଲ ପଡ଼ିଆ ନିକଟସ୍ଥ ବଣରୁ ଗୁରୁବାର ଏକ ନରକଙ୍କାଳ ଉଦ୍ଧାର ହୋଇଛି। ବଣ ମଧ୍ୟରେ ଏକ ଗଛରେ ଗାମୁଛାରେ ଏହା ଝୁଲୁଥିବା ଦେଖି ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ନର କଙ୍କାଳ ଉଦ୍ଧାର କରିଥିଲା। ଉଦ୍ଧାର ସମୟରେ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ବାସ୍କେ, ଡାକ୍ତରୀ ଟିମ୍ ଏବଂ ଥାନା ଅଧିକାରିଣୀ ପାର୍ବତୀ ମଲ୍ଲିକ ଉପସ୍ଥିତ ଥିଲେ। ନର କଙ୍କାଳ ବେକରେ ଝୁଲୁଥିବା ପଦକ ଏବଂ ଗାମୁଛାକୁ ଆଧାର କରି ଉଦ୍ଧାର ହୋଇଥିବା କଙ୍କାଳଟି ବଡ଼ପାଳ ଗ୍ରାମର ରାଜକୁମାର ସେଠୀ (୪୦)ଙ୍କର ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ତାଙ୍କ ସାନଭାଇ ବିଜନ ସେଠୀ ମଧ୍ୟ ଏହାକୁ ଚିହ୍ନଟ କରିଥିବା ଜଣାଯାଇଛି। ବିଜନଙ୍କ ସୂଚନା ଅନୁଯାୟୀ, ରାଜକୁମାର ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ଘରୁ ନିଖୋଜ ଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ଅବଗତ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ କଙ୍କାଳଟିର ପରିଚୟ ଓ ମୃତ୍ୟୁର କାରଣ ସମ୍ପର୍କରେ ଅଧିକ ତଦନ୍ତ ପରେ ସ୍ପଷ୍ଟ ହେବ।

15001/105/2627



ଜାତିର ଜନକ
ମହାତ୍ମା ଗାନ୍ଧୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨ ଅକ୍ଟୋବର, ୨୦୨୬
ସମୟ: ସକାଳ ୮:୪୦ ମିନିଟ୍
ସ୍ଥାନ: ଓଡ଼ିଶା ବିଧାନ ସୌଧ ପରିସର, ଭୁବନେଶ୍ୱର
ପ୍ରାର୍ଥନା ସଭା
ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ
ସର୍ବଧର୍ମ ପ୍ରାର୍ଥନା ସଭା
ଆଶ୍ରମ ଭଜନ
ରାମଧୁନ
ଡ. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ, ସାଂସଦ, ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ପ୍ରେମୀ ତଥା ଅନ୍ୟାନ୍ୟ ଅତିଥିବୃନ୍ଦ ଏହି ପ୍ରାର୍ଥନା ସଭାରେ ଯୋଗ ଦେଇ ବାପୁଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ।
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
OIPR-15001/15001/2/26-27/0105

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆଉଏକ ସଫଳ ଗବେଷଣା

# ସମୁଦ୍ର ଶୈବାଳରେ ଲୁଚିଛି ଔଷଧର ଭବିଷ୍ୟତ

ବାରିପଦା,୧।୧୦ (ସମିସ): ସମୁଦ୍ରର ଅଗାଧ ଜଳରାଶି ଭିତରେ ଲୁଚି ରହିଛି ଭବିଷ୍ୟତର ଜୀବନ ରକ୍ଷାକାରୀ ଔଷଧର ସମ୍ଭାବନା। ସାଧାରଣ ଦେଖାଯାଉଥିବା ସାମୁଦ୍ରିକ ଶୈବାଳ ଏବେ ମାନବ କଲ୍ୟାଣ ଓ ଚିକିତ୍ସା ବିଜ୍ଞାନରେ ଏକ ନୂଆ ବିପ୍ଲବ ଆଣିବାକୁ ଯାଉଛି।



### ରହିଛି କର୍କଟ ପ୍ରତିରୋଧକ ଶକ୍ତି ସହିତ କ୍ଷତିକାରକ ଅତିବାଇଗଣି ରଶ୍ମିରୁ ସୁରକ୍ଷା ଓ ଜୀବାଣୁନାଶକ ଗୁଣ

ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗରେ ସାମୁଦ୍ରିକ ଶୈବାଳର ଔଷଧୀୟ ଗୁଣ ଉପରେ ଚାଲିଥିବା ଅଭିନବ ଗବେଷଣାରୁ ଏଭଳି ଉତ୍ସାହଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ଶୈବାଳରେ କର୍କଟ ରୋଗ ପ୍ରତିରୋଧକ ଶକ୍ତି ସହିତ କ୍ଷତିକାରକ ଅତିବାଇଗଣି ରଶ୍ମିରୁ ସୁରକ୍ଷା ଓ ଜୀବାଣୁନାଶକ ଗୁଣ ରହିଥିବା ଜଣାପଡ଼ିଛି।

ବାଲେଶ୍ୱରର ତାଳସାରୀଠାରୁ ଆରମ୍ଭ କରି ଗଞ୍ଜାମର ଗୋପାଳପୁର ପର୍ଯ୍ୟନ୍ତ ଓଡ଼ିଶାର ଦୀର୍ଘ ୪୮୦ କିଲୋମିଟର ଉପକୂଳବର୍ତ୍ତୀ ଅଞ୍ଚଳରୁ ପ୍ରାୟ ୫୮ ପ୍ରଜାତିର ସାମୁଦ୍ରିକ ବୃହତ ଶୈବାଳ ସଂଗ୍ରହ କରାଯାଇଛି। ସଂଗୃହୀତ ଶୈବାଳକୁ ଗବେଷଣାଗାରରେ ପରିଷ୍କାର କରିବା ପରେ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପ୍ରଜାତି ଚିହ୍ନଟ କରାଯାଉଛି। ଏହାର କୃତ୍ରିମ ସମ୍ବର୍ଦ୍ଧନ ଜାରି ରହିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଏହି କ୍ଷେତ୍ରରେ କାର୍ଯ୍ୟରତ ଥିବା ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରଫେସର ଡ ବିଶ୍ୱଜିତ୍ ରଥଙ୍କ କହିବାନୁଯାୟୀ, ପ୍ରବଳ ସୂର୍ଯ୍ୟାଲୋକ, ଲୁଣିଆ ପାଣି ଓ ପ୍ରତିକୂଳ ସାମୁଦ୍ରିକ ପରିବେଶରେ ବଞ୍ଚିବା ପାଇଁ ଏହି ଶୈବାଳ ନିଜ ଶରୀରରେ ବିଭିନ୍ନ ଜୈବ ସକ୍ରିୟ ଉପାଦାନ ପ୍ରସ୍ତୁତ କରିଥାଏ। ଏଥିରେ ପ୍ରଚୁର ପରିମାଣରେ ଜାରଣବିରୋଧୀ, ଜୀବାଣୁନାଶକ, ସୂର୍ଯ୍ୟକିରଣରୁ ସୁରକ୍ଷାକାରୀ ତଥା କର୍କଟ ନିରୋଧକ ଗୁଣ ରହିଛି। ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତି ସାହାଯ୍ୟରେ ଏହି ମୂଲ୍ୟବାନ ଉପାଦାନଗୁଡ଼ିକୁ ପୃଥକ୍ କରି ବିଶ୍ଳେଷଣ କରାଯାଉଛି। ଶୈବାଳରୁ ବାହାରୁଥିବା ପ୍ରାକୃତିକ ରଙ୍ଗକଣିକା ବ୍ୟବହାର କରି ଉଚ୍ଚମାନର ତ୍ୱଚା ସୁରକ୍ଷାକାରୀ କ୍ରିମ୍ ପ୍ରସ୍ତୁତ କରାଯାଇପାରିବ। ସେହିପରି ଏହାର ଔଷଧୀୟ ଗୁଣ ପୋଷଣଯୁକ୍ତ ଔଷଧ ନିର୍ମାଣରେ ବ୍ୟବହାର ହୋଇପାରିବ ଓ କର୍କଟ ନିରୋଧକ ଗବେଷଣା ସଫଳ ହେଲେ ଔଷଧ ଶିଳ୍ପରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ଗବେଷକ ସତ୍ୟବ୍ରତ ଦାଶ ଓ ଅନ୍ୟ ଛାତ୍ରମାନେ ମତ ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ସହାୟତା ମିଳିଥିଲେ ସୁଦ୍ଧା ଏହାକୁ ବ୍ୟାପକ ସ୍ତରରେ ବିକଶିତ କରିବା ପାଇଁ ଆହୁରି ଅନେକ ଭିତ୍ତିଭୂମି ଆବଶ୍ୟକ। ନିରବଚ୍ଛିନ୍ନ ବିଦ୍ୟୁତ୍, ଜଳ ଯୋଗାଣ, ଅତ୍ୟାଧୁନିକ ଯନ୍ତ୍ରପାତି ଓ ପର୍ଯ୍ୟାପ୍ତ ଅନୁଦାନ ମିଳିଲେ ବଡ଼ ବଡ଼ ପାତ୍ରରେ ବ୍ୟାବସାୟିକ ଭିତ୍ତିରେ ଏହାର ବ୍ୟାପକ ଚାଷ ସମ୍ଭବ ହୋଇପାରିବ। ଉପଯୁକ୍ତ ସରକାରୀ ଓ ବେସରକାରୀ ସହଯୋଗ ମିଳିଲେ ଓଡ଼ିଶାର ଉପକୂଳବର୍ତ୍ତୀ ସାମୁଦ୍ରିକ ସମ୍ପଦକୁ ଆଧାର କରି ରାଜ୍ୟରେ ଏକ ବିରାଟ ଜୈବ-ଔଷଧ ଶିଳ୍ପ ଗଢ଼ିଉଠିବା ସହ ରାଜ୍ୟର ଅର୍ଥନୀତିକୁ ନୂଆ ଦିଗ ମିଳିପାରିବ।

ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଘରୋଇ ନର୍ସିଂହୋମକୁ ରେଫର୍ କରି ଦାୟିତ୍ୱ ସାରୁଛନ୍ତି ଡାକ୍ତର

ବ୍ୟାସନଗର,୧।୧୦(ସମିସ):




ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଶୋଷଣ ହେଉଥିବା ଅଭିଯୋଗ ହେଉଛି। ଏହି ଡାକ୍ତରଖାନାକୁ ଦିନକୁ ପ୍ରାୟ ୭୦୦ ରୋଗୀ ଆସୁଥିବାବେଳେ ସେମାନେ ସେବା ବଦଳରେ ଏଭଳି ଶୋଷଣ ହେଉଥିବା ଅଭିଯୋଗ ହୋଇଆସୁଛି। ଦୀର୍ଘ ବର୍ଷ ହେବ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଅବହେଳିତ ହୋଇ ପଡ଼ିଥିବାବେଳେ ଚିକିତ୍ସା ପାଇଁ ଆସୁଥିବା ବିଚରା ଗରିବ ରୋଗୀଟିଏ ଏଠାରେ ଉନ୍ନତ ଚିକିତ୍ସା ପାଇବା ବଦଳରେ ଭଗବାନଙ୍କ ଡାକ୍ତରମାନଙ୍କ ଦ୍ୱାରା ପ୍ରତ୍ୟହ ପ୍ରତାରିତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନେ ସରକାରଙ୍କ ପ୍ରଦତ୍ତ ମାଗଣା ଚିକିତ୍ସା କରିବା ବଦଳରେ କମିଶନ ପାଇଁ ପ୍ରତ୍ୟହ ବେସରକାରୀ ମେଡିକାଲକୁ ରୋଗୀମାନଙ୍କୁ ରେଫର କରୁଥିବା ଦେଖିବାକୁ ମିଳୁଛି। ଦିନକୁ ୪୦ରୁ ୫୦ ପ୍ରତିଶତ ରୋଗୀଙ୍କୁ ଏଠାରୁ ଯାଜପୁର ଟାଉନସ୍ଥିତ ବିଭିନ୍ନ ବେସରକାରୀ ମେଡିକାଲ, ଟାଟା ମେଡିକା କଳିଙ୍ଗନଗର ଏବଂ ନିକଟରେ ଥିବା କିଛି ବେସରକାରୀ ମେଡିକାଲକୁ ରେଫର କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ଅଭିଯୋଗ ଅନୁଯାୟୀ ସ୍ତ୍ରୀ ଏବଂ ପ୍ରସୂତି ବିଭାଗରେ ବିଶେଷଜ୍ଞ ଡାକ୍ତରମାନେ ରହିଥିଲେ ମଧ୍ୟ ନିଜ କମିଶନ ବୃଦ୍ଧି ପାଇଁ ସେମାନେ ଏଠାରେ ଚିକିତ୍ସା ନକରି ନିକଟସ୍ଥ ବେସରକାରୀ ମେଡିକାଲକୁ ପଠାଇଥାନ୍ତି। ଫଳରେ ଗରିବ ରୋଗୀମାନେ ବିଭିନ୍ନ ସମୟରେ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି। ଫଳରେ ଡାକ୍ତରଖାନା ପ୍ରତି ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଖୋଦ୍ ମେଡିକାଲ ଅଫିସର ପ୍ରସେନଜିତ କର ଏହି ବିଭାଗ ସମ୍ଭାଳୁଥିବା ବେଳେ ସେ ବିଭିନ୍ନ ବାହାନା କରି ରୋଗୀଙ୍କୁ ବେସରକାରୀ ମେଡିକାଲ ପଠାଉଥିବା ଅନେକ ରୋଗୀ ନିଜ ନାମ ଗୁପ୍ତ ରଖି ସୂଚନା ଦେଇଛନ୍ତି। କେବଳ ସ୍ତ୍ରୀ ଏବଂ ପ୍ରସୂତି ବିଭାଗ ନୁହେଁ ମେଡିସିନ ବିଭାଗରେ ମଧ୍ୟ ଅନେକ ସମସ୍ୟା ରହିଛି। ବରିଷ୍ଠ ବିଶେଷଜ୍ଞ ଡାକ୍ତର ଜୟଦେବ ନନ୍ଦ ସପ୍ତାହକୁ ୨ ଦିନ ଏଠାରେ ରୋଗୀ ଦେଖୁଥିବା ବେଳେ ବାକି ସମୟ ବେସରକାରୀ ମେଡିକାଲରେ ଚିକିତ୍ସାରେ ବ୍ୟସ୍ତ ରହୁଛନ୍ତି। ସେହିପରି ଶିଶୁରୋଗ ବିଶେଷଜ୍ଞ ଭାବେ ଗୌତମ ସାହୁ ଏକା ରହିଥିବା ବେଳେ ଦାନ୍ତ ବିଭାଗରେ ଡାକ୍ତର ପଦ ଦୀର୍ଘବର୍ଷ ହେବ ଖାଲିପଡ଼ିଛି। ଏଠାରେ ପୂର୍ବରୁ କାର୍ଯ୍ୟରତ ଡା. ଶୁଭଲକ୍ଷ୍ମୀ ରଥଙ୍କୁ ଏଠାରୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନରେ ପଠାଯିବା ପରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦନ୍ତ ଚିକିତ୍ସା ସାମଗ୍ରୀ ଏବେ ଖତ ଖାଉଛି। ସେହିପରି ଚକ୍ଷୁ ବିଭାଗରେ ଜନୈକ ଫାର୍ମାସିଷ୍ଟ ନିଯୁକ୍ତ ହୋଇ ଦରମା ନେଉଥିଲେ ମଧ୍ୟ ତାଙ୍କର ରୋଗୀ ଦେଖିବାର ନିର୍ଦ୍ଦିଷ୍ଟ ସମୟ ନ ଥିବା ଅନେକ ରୋଗୀ ଅଭିଯୋଗ କରିଛନ୍ତି। ସେହିପରି ସର୍ଜରୀ ବିଭାଗରେ ଦୀର୍ଘ ବର୍ଷ ରହି ବୀରେନ୍ଦ୍ର ଦାଶ କେନ୍ଦ୍ରାପଡ଼ା ଯିବା ପରେ କିଛି ଦିନ ପାଇଁ ସରୋଜ ରାଉଳ ଦାୟିତ୍ୱ ନେଇଥିଲେ ମଧ୍ୟ ୨୦୨୧ ମସିହାଠାରୁ ଏଯାଏଁ କାହାକୁ ନିଯୁକ୍ତି ନ ମିଳିବାରୁ ସେ ସିଟ୍ ଖାଲି ପଡ଼ିଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଆନାସ୍ଥେସିଆ ବିଭାଗରେ ସତ୍ୟଜିତ ସାହୁ ନିଯୁକ୍ତି ପାଇଥିବାବେଳେ ସପ୍ତାହକୁ ମାତ୍ର ଦୁଇଦିନ ଏଠାକୁ ଆସୁଛନ୍ତି। ଏତଦ୍‌ଭିନ୍ନ ସାଧାରଣ ଏମ୍‌ବିବିଏସ୍ ଡାକ୍ତର ଭାବେ ବରିଷ୍ଠ ଡାକ୍ତର ତଥା ପୂର୍ବତନ ମେଡିକାଲ ଅଫିସର ଦେବାଶିଷ ସାହୁ, ମନିଷ ସେନାପତି, ରତ୍ନପର୍ଣ୍ଣା ପରିଡ଼ା, ସୋନାଲି ମହାପାତ୍ର ସ୍ଥାୟୀ ଭାବେ ରୋଗୀ ଦେଖୁଥିବା ବେଳେ ବିସ୍ମୟ ନାୟକ(ଚୁକ୍ତିଭିତ୍ତିକ) ନିଯୁକ୍ତି ପାଇ ଯେନତେନ ପ୍ରକାର ଚିକିତ୍ସା ବ୍ୟବସ୍ଥାକୁ ଚଳାଉଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଛୋଟ ଛୋଟ ରୋଗ ହୋଇଥିଲେ ଯାଜପୁର ଟାଉନ/କଟକ ରେଫର କରିବାରେ ସିଦ୍ଧହସ୍ତ। ଏପରିସ୍ଥିତିରେ ବ୍ୟାସନଗର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ରହିଥିବା ବେଳେ ଲୋକେ ସାଧାରଣ ଭାବେ ଏଠାରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି। ତେବେ ଏହି ଖବର ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ଯାଏଁ ପହଞ୍ଚିଥିଲେ ମଧ୍ୟ କେହି ଏ ନେଇ ମୁହଁ ଖୋଲିବାକୁ ନାରାଜ। ଏପ୍ରକାର ଅବ୍ୟବସ୍ଥା ନେଇ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ତଥା ସ୍ତ୍ରୀ ଏବଂ ପ୍ରସୂତି ବିଶେଷଜ୍ଞ ପ୍ରସେନଜିତ କରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ତେବେ ଏଭଳି ସମସ୍ୟା ନେଇ ଯାଜପୁର ରୋଡ୍ ଚାମ୍ବର ଅଫ କମର୍ସର ସମ୍ପାଦକ ସଦାଶିବ ଦାଶ କହନ୍ତି ଯେ, ବର୍ତ୍ତମାନ ସମୟରେ ଡାକ୍ତର ସମସ୍ୟା ଏକ ବଡ଼ ସମସ୍ୟା ହୋଇଥିବା ବେଳେ ସରକାର ଡାକ୍ତର ପଦବୀ ପୂରଣ ନ କରି ଖାଲି ନୂଆ ମେଡିକାଲ ଖୋଲିବାରେ ବ୍ୟସ୍ତ ରହିଛନ୍ତି। ଡାକ୍ତର ନଥିଲେ ନୂଆ ମେଡିକାଲର କ'ଣ ମୂଲ୍ୟ। ତେଣୁ ତୁରନ୍ତ ଡାକ୍ତର ପଦବୀ ପୂରଣ ନ କଲେ ଏବେଠୁ ସୃଷ୍ଟ ଜନଅସନ୍ତୋଷ ଆନ୍ଦୋଳନର ରୂପ ନେବ।

## ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କ ଯୋଗଦାନ



କୁଆଖିଆ,୧।୧୦(ସମିସ): ରସୁଲପୁର ଅଞ୍ଚଳର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣାରାଣୀ ବେହେରା ଯୋଗ ଦେଇଛନ୍ତି। ଆଜି ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ସଂସଦ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉଲ୍ଲେଖନୀୟଯେ, ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା ଦଶରଥପୁର ବ୍ଲକ୍ ଗରିବବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରୁ ବଦଳି ହୋଇ ଗତ ୨୬ତାରିଖରେ ଏହି ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ବିଦ୍ୟାର୍ଥୀ ସଂସଦ ସଭାପତି ତଥା ଶିକ୍ଷାବିତ୍ ବିଜୟ କୁମାର ଶତପଥୀ, ସମ୍ପାଦକ ଅମୂଲ୍ୟ କୁମାର ସାହୁ, କୋଷାଧ୍ୟକ୍ଷ ରବି ନାରାୟଣ ସାହୁ, ସଭ୍ୟଙ୍କ ମଧ୍ୟରେ ଏହି ବିଦ୍ୟାଳୟର ଶିକ୍ଷକ ତଥା ପୁରାତନ ଛାତ୍ର ଧୀରେନ୍ଦ୍ର କୁମାର ସାହୁ, କାଶୀନାଥ ସାହୁ, ସୁର ପ୍ରତାପ ସାହୁ, ବୃହସ୍ପତି ପଣ୍ଡା ଏବଂ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅଲେଖ ଚରଣ ସାହୁ ଶ୍ରୀମତୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ସଂସଦର ଉପଦେଷ୍ଟା ଭାବରେ ଅବସରପ୍ରାପ୍ତ ଶିକ୍ଷକ କୁଳମଣି ନାୟକ, ପୂର୍ବତନ ଶିକ୍ଷା ପ୍ରଶାସକ ଶରତ କୁମାର ଦାସ, ମଧୁପୁର କଲେଜର ଅବସରପ୍ରାପ୍ତ ଗ୍ରନ୍ଥାଗାର ପୁରୁଷୋତ୍ତମ ଖୁଣ୍ଟିଆ ପ୍ରମୁଖ ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଶୁଭକାମନା କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ସଂସଦ ସବୁ ପ୍ରକାର ସହଯୋଗ କରିବାର ପ୍ରତିଶ୍ରୁତି ଦେଇଛନ୍ତି।

## ଜେନାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ଆଧାର କ୍ୟାମ୍ପ



ଜେନାପୁର,୧।୧୦(ସମିସ): ଧର୍ମଶାଳା ବ୍ଲକ ପ୍ରଶାସନ ତରଫରୁ ଜେନାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଆଧାର ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କ୍ୟାମ୍ପରେ ସରକାରଙ୍କ ନିର୍ଦ୍ଦେଶଅନୁସାରେ ବାୟୋମେଟ୍ରିକ ଅପଡେଟ୍ ବାଧ୍ୟତା ମୂଳକ ଏବଂ ନୂତନ ଆଧାର ପଞ୍ଜିକରଣ ସମ୍ପୂର୍ଣ୍ଣ ମାଗଣାରେ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏହି ଶିବିରରେ ଉପସ୍ଥିତ ରହି ଆଧାର ସମ୍ବନ୍ଧୀୟ ସେବା ପାଇପାରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ବିଦ୍ୟାଳୟର ସିଆରସିସି ମୃତ୍ୟୁଞ୍ଜୟ ପ୍ରଧାନ ଏବଂ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକ ପରିଚାଳନା କରିଥିଲେ। ପ୍ରଶାସନର ଏହି ଜନହିତକର ପଦକ୍ଷେପ ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀ ସୁବିଧାରେ ଆଧାର ସେବା ପାଇପାରିଥିବାରୁ ପ୍ରଶାସନ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି।

## ଭୁବନପୁର ସ୍କୁଲରେ ପୁନଃ ବିଦ୍ୟୁତ ସଂଯୋଗ

ଜେନାପୁର,୧।୧୦(ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଶିକ୍ଷା ମଣ୍ଡଳ ଅଧୀନ ଭୁବନପୁର ସ୍କୁଲରେ ଦୀର୍ଘ ୧୫ ଦିନ ପରେ ବିଦ୍ୟୁତ ପୁନଃସଂଯୋଗ ହୋଇଛି। ସୂଚନା ଅନୁଯାୟୀ ଭୁବନପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଛନ୍ତି। ଏହି ବିଦ୍ୟାଳରେ ଅଧ୍ୟୟନରତ ଛାତ୍ରଛାତ୍ରୀ ସଂଖ୍ୟା ପ୍ରାୟ ୧୨୪ ରହିଛି। ବିଭାଗୀୟ ପରିଚାଳନା ଗତ ତ୍ରୁଟି ଯୋଗୁଁ ବିଦ୍ୟାଳୟର ବକେୟା ବିଦ୍ୟୁତ ବିଲ୍ ପୈଠ ହେଉ ନ ଥିଲା। ଯାହା ଫଳରେ ବିଦ୍ୟାଳୟର ବିଦ୍ୟୁତ ସଂଯୋଗଟିକୁ୧୫ ଦିନ ହେଲା ବିଚ୍ଛିନ୍ନ କରିଥିଲା କବାଟବନ୍ଧ ବିଦ୍ୟୁତ ସେକ୍ସନ। ଯାହା ଫଳରେ ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ସମ୍ବନ୍ଧୀୟ ଖବର ସେପ୍ଟେମ୍ବର ୩୦ ତାରିଖରେ 'ବକେୟା ବିଦ୍ୟୁତ ଟଙ୍କା ପାଇଁ ବିଚ୍ଛିନ୍ନ ହୋଇଛି ବିଦ୍ୟୁତ ସଂଯୋଗ, ଅନ୍ଧାରରେ ୧୫ ଦିନ ହେଲା ଭୁବନ ପୁର ସ୍କୁଲ' ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଯାହାକୁ ନେଇ ତୀବ୍ର ସାମଲୋଚନାର ଶିକାର ହୋଇଥିଲା ଶିକ୍ଷା ବିଭାଗ। ବିଦ୍ୟୁତ ଚାଳିତ

ସକାଳ ପ୍ରଭାବ

ଯନ୍ତ୍ରାଂଶଗୁଡ଼ିକ ପିଲାମାନଙ୍କ ପାଠ ପଢ଼ାରେ ସହାୟକ ହେଉଥିଲା। ଯେପରିକି ଡିଜିଟାଲ କଳା ପଟା, ଆଲୋକ, ପଙ୍ଖା, ପାଣି ମୋଟର, କମ୍ପ୍ୟୁଟର ଇତ୍ୟାଦିର ସେବା ବନ୍ଦ ହୋଇଯାଇଥିଲା। ଏତଦ୍‌ବ୍ୟତୀତ ପାନୀୟଜଳ ସମସ୍ୟା ଦେଖାଦେବା ସହିତ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ପ୍ରଭାବ ପଡ଼ିଥିଲା। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପରିସ୍ଥ ଅଧିକାରୀ ଧର୍ମଶାଳା ମଣ୍ଡଳ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିଲା। ଯାହାଦ୍ୱାରା ବିଦ୍ୟାଳୟର ୧୨୪ ଜଣ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଶାରୀରିକ ମାନସିକ ଯନ୍ତ୍ରଣା ଅନୁଭବ କରୁଥିଲେ। କ୍ରମାଗତ ଭାବେ ୬/୭ ମାସ ହେବ ବିଦ୍ୟୁତ ବିଲ୍ ପୈଠ ହେଉ ନ ଥିଲା। ଯାହାଫଳରେ ବାଧ୍ୟ ହୋଇ ବିଦ୍ୟୁତ ବିଚ୍ଛିନ୍ନ କରିଥିଲା ବିଦ୍ୟୁତ ବିଭାଗ। ଶିକ୍ଷା ବିଭାଗର ଏଭଳି ଦାୟିତ୍ୱହୀନତାକୁ ନେଇ ଅଭିଭାବକଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏ ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇବାରୁ ତତ୍ପର ହୋଇଥିଲା ଶିକ୍ଷା ବିଭାଗ। ବିଦ୍ୟାଳୟରେ ପୁନର୍ବାର ବିଦ୍ୟୁତ ସଂଯୋଗ ହୋଇଥିବାରୁ ଖବର ପ୍ରକାଶ କରିଥିବା ସମସ୍ତ ଗଣମଧ୍ୟମ ପ୍ରତିନିଧିଙ୍କୁ ସ୍କୁଲର ସମସ୍ତ ଶିକ୍ଷକ ଓ ଅଭିଭାବକ କୃତଜ୍ଞତା ଜଣାଇଛନ୍ତି।

## ଜଷ୍ଟିସ୍ ସଞ୍ଜୀବ ପାଣିଗ୍ରାହୀଙ୍କୁ ଅଭିନନ୍ଦନ

ବଡ଼ଚଣା,୧।୧୦(ସମିସ): ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ବିଚାରପତି ନ୍ୟାୟମୂର୍ତ୍ତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ନିକଟରେ ଯାଜପୁର ଜିଲ୍ଲାର



ପ୍ରଶାସନିକ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କର ଏହି ସଫଳତା ପରେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏଥିସହିତ ଚଣ୍ଡିଖୋଲ କୋର୍ଟରେ ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରି ଚଣ୍ଡିଖୋଲ କୋର୍ଟ ପରିଦର୍ଶନରେ ଆସିବାକୁ ନ୍ୟାୟ ମୂର୍ତ୍ତି ଡ. ପାଣିଗ୍ରାହୀଙ୍କୁ ଅନୁରୋଧ କରିଥିଲେ ଆସୋସିଏସନର କର୍ମକର୍ତ୍ତା। ଏଥିରେ ବାର ଆସୋସିଏସନର ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରତିନିଧି ଭାବେ ସାକ୍ଷାତ୍ କରି ଥିଲେ।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ଯାଜପୁର,୧।୧୦(ସମିସ): ଯାଜପୁର ଜିଲ୍ଲାରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ-୨୦୨୬ ପାଳିତ ହୋଇଯାଇଛି। ଓଡ଼ିଶା ରକ୍ତ ଭଣ୍ଡାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ପକ୍ଷରୁ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ଯାଜପୁର ଅଡିଟୋରିୟମ୍‌ଠାରେ ଏହି



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସିଡିଏମ୍‌ଓ ଡ. ନଗେନ୍ଦ୍ର ନାଥ ମହାପାତ୍ର, ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ପ୍ରିନ୍ସିପାଲ ଓ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଜମି ସାଗର ପୃଷ୍ଟି, ଡାକ୍ତର ମନୋଜ କୁମାର ସେନାପତି, ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ନାଟ୍ୟକାର ତଥା ଅଧ୍ୟାପକ ଦୀପକ କୁମାର ଜେନା, ଡାକ୍ତର ଚିନ୍ମୟୀ ପଣ୍ଡା, ପାର୍ଥସାରଥୀ ପୁହାଣ, ବିଶ୍ୱରଞ୍ଜନ ଜୋଝା, ହୃଷିକେଶ ଜେନା, ଅଜୟ ଜେନା, ଇତିଶ୍ରୀ ନାୟକ, ତରୁଣ କୁମାର ନାୟକ ଏବଂ ନବୀନ ଚନ୍ଦ୍ର ସେଠୀ ସମେତ ବ୍ଲଡ୍ ସେଣ୍ଟରର ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ପିଜିଆଇ ଚଣ୍ଡୀଗଡ଼ର ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ୟୁନିଟ୍‌ର ପ୍ରଫେସର ଜେ. ଗୋପାଳ ଜୋଲିଙ୍କ ଜନ୍ମଦିନକୁ ଜାତୀୟ ରକ୍ତଦାନ ଦିବସ ଭାବେ ପାଳନ କରାଯାଉଥିବା ଏବଂ ରକ୍ତଦାନ କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଏହି ଅବସରରେ ୧୦୦ ଜଣ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜକ ଓ ପ୍ରେରଣାଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଗୋଟିଏ ରକ୍ତଦାନ ଶିବିରରେ ସର୍ବାଧିକ ରକ୍ତ ସଂଗ୍ରହ କରିଥିବା ଅନୁଷ୍ଠାନ ଭାବେ ଅଖିଳଭାରତୀୟ ଦୁଃଖୀ ସମାଜ, ଭଦ୍ରକ ପ୍ରଥମ, ଜିନ୍ଦଲ ଷ୍ଟିଲ୍ ଦ୍ୱିତୀୟ ଏବଂ ନିଳାଞ୍ଚଳ ପ୍ଲାଣ୍ଟ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି, ଗୋଟିଏ ବର୍ଷ ମଧ୍ୟରେ ସର୍ବାଧିକ ରକ୍ତଦାନ ଶିବିର ଆୟୋଜନ କରିଥିବା ଅନୁଷ୍ଠାନ ଭାବେ ଅଶୋକ ଦାସ ଫାଉଣ୍ଡେସନ୍ ପ୍ରଥମ, ହେଲ୍ପିଂ ହ୍ୟାଣ୍ଡ ଦ୍ୱିତୀୟ ଏବଂ ଏନ୍‌ସି ଅଟୋ କଲେଜ୍ ତୃତୀୟ ସ୍ଥାନ ହାସଲ କରି ସମ୍ମାନିତ ହୋଇଥିଲେ। ଏଥିସହ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ଲଡ୍ ସେଣ୍ଟର କର୍ମଚାରୀମାନଙ୍କୁ ମଧ୍ୟ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଡାକ୍ତର ସୁଜିତ୍ ମନୋହର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ମେଡିକାଲ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କଇଁଆଗୋଲା,୧।୧୦(ସମିସ): ଦଶରଥପୁର ବ୍ଲକ୍ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ନିଷ୍ଠା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ୪ ଜଣ କର୍ମଚାରୀଙ୍କୁ ନେଇ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଧୁପୁରସ୍ଥିତ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଦୀର୍ଘବର୍ଷ ଧରି ଜଡ଼ିତ ରହି ରୋଗୀସେବା ଓ ବିଭାଗୀୟ କାର୍ଯ୍ୟରେ ନିଜର ଅବଦାନ ରଖିଥିବା ଏହି କର୍ମଚାରୀଙ୍କୁ ସହକର୍ମୀମାନେ ଭାବବିହ୍ୱଳ ପରିବେଶରେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ମଧ୍ୟରେ ଫାର୍ମାସିଷ୍ଟ ବିଜ୍ଞାନୀ ରଞ୍ଜନ ରାୟ, ଫାର୍ମାସିଷ୍ଟ ରଞ୍ଜନ ସାହୁ, କ୍ଷେତ୍ର ପରିଦର୍ଶକ ବ୍ରହ୍ମାନନ୍ଦ ସାହୁ ଓ ମେନକା ସାମଲ ରହିଛନ୍ତି। ଏହି ୪ ଜଣ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ରହି ନିଜ ନିଜ ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କରିଆସିଥିଲେ। ସେମାନଙ୍କର ଦୀର୍ଘଦିନର ସେବା ଓ ଅବଦାନକୁ ସ୍ମରଣ କରି ସଭାରେ ଉପସ୍ଥିତ ଅଧିକାରୀ ଓ ସହକର୍ମୀମାନେ ଶୁଭେଚ୍ଛା ଜଣାଇବା ସହ ଅବସର ପରବର୍ତ୍ତୀ ଜୀବନ ସୁଖମୟ ଓ ନିରାମୟ ହେଉ ବୋଲି କାମନା କରିଥିଲେ। ସଭାରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଳ ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡା. ଅମ୍ରିତା ପ୍ରତିମ ମଲ୍ଲ, ମେଡିକାଲ ପ୍ରୋଗ୍ରାମ ଅଫିସର ମିହିର ରଞ୍ଜନ ନାୟକ, ପିଏଚ୍‌ୟୁ ବନିତା ଦେଶ, ମୁକୁନ୍ଦ ଚନ୍ଦ୍ର ନାୟକ, ଅଜୟ କୁମାର କର, ସୁଧୀର ଦାସ,



ନିରାକାର ଦାସଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ଏହି ଅବସରରେ ବକ୍ତାମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟଜୀବନର ବିଭିନ୍ନ ସ୍ମୃତି ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗରେ ଦୀର୍ଘ ସମୟ ଧରି ରହି ରୋଗୀସେବାକୁ ପ୍ରାଥମିକତା ଦେବା ସହ ସହକର୍ମୀଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିଥିବାରୁ ସେମାନଙ୍କ ସେବାକୁ ସମସ୍ତେ ପ୍ରଶଂସା କରିଥିଲେ। ସରକାରୀ ଚାକିରିରୁ ଅବସର ନେଇଥିଲେ ମଧ୍ୟ ଜନସେବା କ୍ଷେତ୍ରରେ ସେମାନଙ୍କ ଅଭିଜ୍ଞତା ଓ ସ୍ମୃତି ସର୍ବଦା ସ୍ମରଣୀୟ ରହିବ ବୋଲି ମତ ପ୍ରକାଶ ପାଇଥିଲା। ପରେ ଅବସରପ୍ରାପ୍ତ ୪ କର୍ମଚାରୀଙ୍କୁ ଉପସ୍ଥିତ ଅଧିକାରୀ ଓ ସହକର୍ମୀମାନଙ୍କ ପକ୍ଷରୁ ଉପଢୌକନ ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଅବସରକାଳୀନ ବିଦାୟ ମୁହୂର୍ତ୍ତରେ ସହକର୍ମୀମାନଙ୍କ ମଧ୍ୟରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିଥିବା ସମୟର ସ୍ମୃତି ବାଣ୍ଟିବା ସହ ସମସ୍ତ ସହକର୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସଭା ଶେଷରେ ଉପସ୍ଥିତ ସମସ୍ତେ ଅବସରପ୍ରାପ୍ତ କର୍ମଚାରୀଙ୍କ ସୁସ୍ଥ, ସୁଖୀ ଓ ଦୀର୍ଘ ଜୀବନ କାମନା କରିଥିଲେ।

## ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ



ବିଞ୍ଝାରପୁର,୧।୧୦(ସମିସ): ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ୍ରମେ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଓ ଉପାଧ୍ୟକ୍ଷ ଶେଖ୍ ଇର୍ସାଦ ଯୋଗଦେଇ ଉପସ୍ଥିତ ବୟୋଜ୍ୟେଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବୟୋଜ୍ୟେଷ୍ଠ ନାଗରିକଙ୍କ ସମ୍ମାନ, ସୁରକ୍ଷା, ଅଧିକାର ଓ ସାମାଜିକ ମର୍ଯ୍ୟାଦା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ସିଂହପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଓ ଫତେପୁର ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ବୟସ୍କମାନେ କିପରି ନିଜ ସ୍ୱାସ୍ଥ୍ୟର ଯତ୍ନ ନେବେ, ସେ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ ପରାମର୍ଶ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୋକଙ୍କୁ ମିଳୁନି ପିଇବା ପାଣି

# ବନ୍ୟାପାଣି ସିଝାଇ ପିଉଛନ୍ତି

କଇଁଆଗୋଲା,୧।୧୦(ସମିସ):

ବନ୍ୟା ଯାଇଛି, ହେଲେ ଲୋକଙ୍କ ଦୁର୍ଦ୍ଦଶା ଯାଇନାହିଁ। ଗତ ୭ ଦିନ ଧରି ପିଇବା ପାଣି ନ ପାଇ ଦୂଷିତ ବନ୍ୟାପାଣି ଉପରେ ନିର୍ଭର କରୁଛନ୍ତି ଶତାଧିକ ପରିବାର। ଦଶରଥପୁର ବ୍ଲକ୍ କମାରଡିହ ପଞ୍ଚାୟତ ଅନ୍ତର୍ଗତ କେଳାଙ୍ଗ ଓ ଇଟାପଡ଼ା ଗ୍ରାମରେ ଏଭଳି ଗୁରୁତର ପାନୀୟଜଳ ସଙ୍କଟ ଦେଖାଦେଇଛି। ପଞ୍ଚାୟତର ୩, ୪, ୫ ଓ ୬ ନମ୍ବର ୱାର୍ଡର ପ୍ରାୟ ୧୮୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ସମସ୍ୟାରେ ଦିନ କାଟୁଥିବା ଅଭିଯୋଗ ହୋଇଛି। ବନ୍ୟାଜଳ ଘେରି ରହିଥିବାରୁ ଅଞ୍ଚଳର ଅଧିକାଂଶ ନଳକୂପ ବୁଡ଼ିଯାଇଛି। ଅନ୍ୟପକ୍ଷରେ ବଡ଼ ବସୁଧା ପାନୀୟଜଳ ପ୍ରକଳ୍ପରୁ ମଧ୍ୟ ନିୟମିତ ପାଣି ମିଳୁନଥିବାରୁ ଲୋକଙ୍କ ସମସ୍ୟା ଆହୁରି ଜଟିଳ ହୋଇପଡ଼ିଛି। ଫଳରେ ପାନୀୟଜଳ ପାଇଁ ଲୋକେ ନାନା ହଇରାଣ ହେଉଥିବା ବେଳେ ଶେଷରେ ବନ୍ୟାଜଳକୁ ହିଁ ଭରସା କରିବାକୁ ପଡୁଛି। ଗ୍ରାମବାସୀଙ୍କ କହିବାନୁସାରେ, ବନ୍ୟାଜଳ ସିଧାସଳଖ ପିଇବା ପରିବର୍ତ୍ତେ ଅନେକ ପରିବାର ଏହାକୁ ସଂଗ୍ରହ କରି ସିଝାଇବା ପରେ ପିଉଛନ୍ତି। ତଥାପି ପାଣିର ଗୁଣବତ୍ତା ନେଇ ଲୋକଙ୍କ ମନରେ ଭୟ ରହିଛି। ଦୂଷିତ ପାଣି



ବ୍ୟବହାର କରିବା ଫଳରେ ଝାଡ଼ାବାନ୍ତି ସମେତ ବିଭିନ୍ନ ଜଳବାହିତ ରୋଗ ଦେଖାଦେବାର ଆଶଙ୍କା ରହିଥିବାରୁ ଲୋକେ ଚିନ୍ତାରେ ପଡ଼ିଛନ୍ତି। ବନ୍ୟା ପରେ ଏଭଳି ସ୍ଥିତି ଦୀର୍ଘଦିନ ଧରି ଜାରି ରହିଲେ ଗ୍ରାମରେ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ମଧ୍ୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ପାନୀୟଜଳ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ଏପରିକି ତୁରନ୍ତ ପାନୀୟଜଳ ଯୋଗାଣ କରାନଗଲେ ରାଜରାସ୍ତା ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇବାକୁ ଲୋକେ ଚେତାବନୀ ଦେଇଥିବା ଜଣାପଡ଼ିଛି। କମାଡ଼ିହ ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ନାୟକ କହିଛନ୍ତି ଯେ, ଗ୍ରାମର ପାନୀୟଜଳ ସମସ୍ୟା ନେଇ ସେ ଦଶରଥପୁର ବ୍ଲକ ବିଡିଓ ଓ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ରାଉତଙ୍କୁ ବାରମ୍ବାର ଅବଗତ କରାଇଛନ୍ତି। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ଆଶାନୁରୂପ ସମାଧାନ ହୋଇନଥିବା ସେ ଅଭିଯୋଗ କରିଛନ୍ତି। ବନ୍ୟା ସମୟରେ ଗ୍ରାମବାସୀଙ୍କ ଜୀବନ ଜଳବନ୍ଦୀ ହୋଇଥିବା ବେଳେ ଏବେ ପାନୀୟଜଳ ସଙ୍କଟ ସେମାନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି।

- ଦୁର୍ଦ୍ଦଶାରେ ୧୮୦୦ରୁ ଊର୍ଦ୍ଧ୍ୱ ଲୋକ
- ବନ୍ୟାଜଳରେ ବୁଡ଼ିଛି ନଳକୂପ
- ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ଦାବି

ଘର ଚାରିପଟେ ବନ୍ୟାଜଳ, ନଳକୂପ ବୁଡ଼ିଥିବା ଏବଂ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଶୁଦ୍ଧ ପାଣି ପାଇଁ ଲୋକେ ଏବେ ଅନ୍ୟ ଉପାୟଶୂନ୍ୟ ହୋଇପଡ଼ିଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ତୁରନ୍ତ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ସହ ବୁଡ଼ିଯାଇଥିବା ନଳକୂପଗୁଡ଼ିକୁ ବିଶୋଧନ କରିବା ଏବଂ ବଡ଼ ବସୁଧା ପ୍ରକଳ୍ପରୁ ନିୟମିତ ପାଣି ଯୋଗାଣ ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

■ ଯାଜପୁର ରୋଡ୍-ଧାମରା ରେଳପଥ

## ଜମି ଅଧିଗ୍ରହଣ ତ୍ୱରାନ୍ୱିତ, ନିର୍ମାଣ କାର୍ଯ୍ୟ ଆରମ୍ଭ ଦାବି

ଯାଜପୁର,୧।୧୦ (ସମିସ): ଯାଜପୁର ରୋଡ଼-ଧାମରା ରେଳପଥ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଆଜିର ପରିସ୍ଥିତିରେ ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଆବଶ୍ୟକ। ଏଥିପାଇଁ ନିଯୁକ୍ତ କନସଲଟାଣ୍ଟଙ୍କ କାମ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ଜମି ଅଧିଗ୍ରହଣ ଅଧିକାରୀ ମନୋନୀତ ହେବା ଜରୁରୀ। ଭଦ୍ରକ ଜିଲ୍ଲାରେ କେବଳ ମାତ୍ର ଚାନ୍ଦବାଲି ତହସିଲରେ ଜମି ଅଧିଗ୍ରହଣ ହେବାକୁ ଥିବାରୁ ଭଦ୍ରକ ଜିଲ୍ଲାପାଳ ଚାନ୍ଦବାଲିର ତହସିଲଦାରଙ୍କୁ ଜମି ଅଧିଗ୍ରହଣ ଅଧିକାରୀଭାବେ ମନୋନୀତ କରି ପୂର୍ବତଟ ରେଳପଥର କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ମାତ୍ର ଏହି କ୍ଷେତ୍ରରେ ଯାଜପୁର ଜିଲ୍ଲାପାଳ ଏ ପର୍ଯ୍ୟନ୍ତ କୌଣସି ପଦସ୍ଥ ଅଫିସରଙ୍କୁ ମନୋନୀତ କରି ତାଙ୍କ ନାମ ପଠାଇ ନଥିବାରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲାର ଦାନଗଦି, ବ୍ୟାସନଗର, ଯାଜପୁର ଓ ଦଶରଥପୁର ତହସିଲରେ ଜମି ଅଧିଗ୍ରହଣ କରାଯିବ। ପ୍ରକଳ୍ପଟି ହାଇବ୍ରିଡ୍ ଆନ୍ୟୁଟି ମଡେଲରେ ନିର୍ମାଣ କରାଯିବା ପାଇଁ ପି.ପି.ପି. ଆପ୍ରାଇଜାଲ କମିଟି ସ୍ଥିର କରିଛି। ଏଥିପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗର ଶତକଡ଼ା ୪୦ଭାଗ ରେଳବାଇ ଓ ବାକି ୬୦ ଭାଗ ପୁଞ୍ଜି ନିବେଶକାରୀମାନେ ବିନିଯୋଗ କରିବେ। ଜମି ଅଧିଗ୍ରହଣ, ପରିବେଶ ସମେତ ବିଭିନ୍ନ ବୈଧାନିକ ଅନୁମୋଦନ, ନିର୍ମାଣ କାର୍ଯ୍ୟ ସମାପ୍ତ ହେଲାପରେ ପାସେଞ୍ଜର ଟ୍ରେନ ଓ ମାଲଗାଡ଼ି ଚଳାଚଳର ପରିଚାଳନା ଏବଂ ନିବେଶକାରୀଙ୍କୁ କିସ୍ତି ସହିତ ସୁଧ ପ୍ରଦାନ ଦାୟିତ୍ୱ ରେଳବାଇର। ଅନ୍ୟପକ୍ଷରେ ଡିଜାଇନ ପ୍ରସ୍ତୁତି ଓ ନିର୍ମାଣ ଦାୟିତ୍ୱ ପୁଞ୍ଜି ନିବେଶକାରୀଙ୍କୁ ବହନ କରିବାକୁ ହେବ। ଜମି ଅଧିଗ୍ରହଣ ସମାପ୍ତ ପରେ ନିର୍ମାଣ କାର୍ଯ୍ୟ ତିନି ବର୍ଷ ଲାଗିବ ଓ ୧୫ବର୍ଷର ରେଳ ଚଳାଚଳ ପରିଚାଳନା ମଧ୍ୟ ଦେଇ କିସ୍ତି ଓ ସୁଧ ପରିଶୋଧର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ପ୍ରକଳ୍ପ ପାଇଁ ୧୮ ବର୍ଷ ମଧ୍ୟରେ ମୋଟ ୭୫୮୦ କୋଟି ୫୦ଲକ୍ଷ ଟଙ୍କା ପୁଞ୍ଜିବାବଦ ବ୍ୟୟ କରାଯିବ ବୋଲି ସ୍ଥିର କରାଯାଇଛି। ଯଦିଓ ପ୍ରକଳ୍ପର ମୂଲ୍ୟ ୨୭୬୩କୋଟି ୪୦ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି। ପିପିପି ଆପ୍ରାଇଜାଲ କମିଟି ପକ୍ଷରୁ ୨୦୨୮ ଏପ୍ରିଲ ପହିଲାରୁ ନିର୍ମାଣ କାର୍ଯ୍ୟ ଆରମ୍ଭର ପ୍ରସ୍ତାବ ରଖାଯାଇଛି। ବିଶିଷ୍ଟ ଆଇନଜୀବୀ ତଥା ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ଅନ୍ୟତମ ଯୁଗ୍ମ ଆବାହକ ଶ୍ରୀ ସତ୍ୟପ୍ରକାଶ ବେହୁରିଆ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ସଂଗ୍ରହ କରିଥିବାରୁ ତାଙ୍କୁ ସଂଗ୍ରାମ ସମିତି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି। ଜମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ଶେଷ କରି ନିର୍ମାଣ କାର୍ଯ୍ୟ ୨୦୨୮ ଏପ୍ରିଲ ପୂର୍ବରୁ ଆରମ୍ଭ କରିବାକୁ ଏବଂ ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଯାଜପୁର ଜିଲ୍ଲାପାଳ ଅଧିକ କାଳବିଳମ୍ବ ନ କରି ଜମି ଅଧିଗ୍ରହଣ ଅଧିକାରୀଙ୍କ ନାମ ପୂର୍ବତଟ ରେଳବାଇ ପାଖକୁ ପଠାଇବାକୁ ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ଆବାହକ ସନ୍ତୋଷ ଦାସ ଦାବି କରିଛନ୍ତି।

## ପୁଲିସ କବ୍‌ଜାରେ ରାଜପଥ ଲୁଟେରା, ୫ ମୋବାଇଲ୍ ଜବତ

ପାଣିକୋଇଲି,୧।୧୦(ସମିସ):



ରାଜପଥରେ ମୋବାଇଲ ଲୁଟ୍ ସହିତ ଛିନ୍‌ତାଇ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହା ଉପରେ ପାଣିକୋଇଲି ପୁଲିସ ତୀକ୍ଷ୍ଣ ନଜର ରଖିଛି। ରାଜପଥ ପାଟ୍ରୋଲିଂ ସହ ସାଧା ପୋଷାକରେ ବାଇକ୍‌ରେ ପୁଲିସ ଯାଇ ଯାଞ୍ଚ କରୁଛି। ପାଣିକୋଇଲି ଥାନା ସବ୍‌ଇନ୍ସପେକ୍ଟର ସୁମିତ କୁଜୁର ସଦଳବଳେ ଚଢ଼ଉ କରି ଜଣେ ଲୁଟେରାକୁ ଗିରଫ କରିବା ସହ ତା' ନିକଟରୁ ୫ଟି ମୋବାଇଲ ଜବତ କରି ତାଗୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛଇ। ପ୍ରକାଶଯେ ପାଣିକୋଇଲି ଥାନା ପକ୍ଷରୁ ମୋବାଇଲ ଲୁଟେରା ଗ୍ୟାଙ୍ଗ ଧରିବାକୁ ପ୍ରଚେଷ୍ଟା ଜାରି ଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଠାରେ ସର୍ଭିସ ରୋଡ୍‌ରେ ସନ୍ଦେହ ଜନକ ଭାବେ ଜଣେ ଲୁଟେରାକୁ ଦେଖି ତା'ର ପିଛା କରିଥିଲେ। ସେ ଏକ ବାଇକ୍ (ବିଆର୍ ୦୨ବିଜେ ୯୪୯୧) ଯୋଗେ ପଳାଇଯାଉଥିବା ବେଳେ ତା'ର ପିଛା କରିବାରୁ ସେ ବାଇକ୍ ଛାଡ଼ି ପଳାଇଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ତାକୁ କାବୁ କରିଥିଲା। ତା' ନିକଟରୁ ୫ ଟି ମୋବାଇଲ ଜବତ କରିଥିଲା। ତାକୁ ଧରି ଥାନାକୁ ଆଣିବା ପରେ ସେ ସତ ସ୍ୱୀକାର କରିଥିଲା। ତା'ର ଆଉ ଦୁଇ ସହଯୋଗୀ ଫେରାର ହୋଇଯିବା ସ୍ୱୀକାର କରିବା ସହ ସେ ରାଜପଥରୁ ଲୁଟ୍ କରୁଥିବା ସ୍ୱୀକାର କରିଥିଲା। ଉକ୍ତ ଯୁବକ ଜଣଙ୍କ କୋଣେଇ ଥାନା ଅନ୍ତର୍ଗତ ରଗଡିର ସୀମାଞ୍ଚଳ ମହାନ୍ତିଙ୍କ ପୁଅ ଦେବବ୍ରତ ମହାନ୍ତି (୩୩) ବୋଲି ଜଣାପଡ଼ିଛି। ଏ ନେଇ ଏକ ମାମଲା ୩୫୯/୨୬ ରୁଜୁ କରି ଅଦାଲତ ଚାଲାଣ କରାଯିବା ସହ ମାମଲାର ତଦନ୍ତ ଜାରି ରଖିଛି। ଅପରପକ୍ଷେ ଦେବବ୍ରତ ନାମରେ କୋରେଇ ଥାନାରେ ୧୬୫/୨୪ ଓ ୨୬୯/୨୪ ଦୁଇଟି ମାମଲା ଥିବା ଜଣାପଡ଼ିଛି।

## ଫ୍ୟାନ୍‌ରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

କୁଆଖିଆ,୧।୧୦(ସମିସ): କୁଆଖିଆ ଥାନା ଗନ୍ଧଣ ଗ୍ରାମରେ ଜଣେ ଯୁବକ ଫ୍ୟାନରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ସ୍ୱର୍ଗତ ପ୍ରଫୁଲ୍ଲ ଦାସଙ୍କ ପୁଅ ଖାରବେଳ ଦାସ (୨୭) ଗତକାଲି ରାତିରେ ଖାଇ ଶୋଇଥିଲେ। ଆଜି ଭୋର ୫ ଟା ବେଳେ ବାହାରକୁ କିଛି ସମୟ ପାଇଁ ଯାଇ ନିଜ ଶୋଇବା ରୁମ୍‌କୁ ଫେରି ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ସକାଳେ ଉଠିବା ଡେରି ହେବା ଦେଖି ଘର ଲୋକେ ଡାକିବାରୁ କିଛି ଉତ୍ତର ମିଳିନଥିଲା। ସନ୍ଦେହ କରି କବାଟ ଭାଙ୍ଗିବାରୁ ଯୁବକ ଜଣକ ଶୋଇବା ଘରେ ଲାଗିଥିବା ଫ୍ୟାନରେ ରଶି ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ମୃତ ଖାରବେଳଙ୍କ ମାଆ ରଙ୍ଗଲତା ଦାସ କୁଆଖିଆ ଥାନାରେ ଅଭିଯୋଗ କରିବା ପରେ ଏସ୍‌ଆଇ ଦିଲ୍ଲୀପ କୁମାର ସିଂ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲେ। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଷ୍ଟମର୍ଟମ କରି ପରିବାରକୁ ହସ୍ତାନ୍ତର କରିବା ସହ ଅପମୃତ୍ୟୁ ମାମଲା ନଂ ୨୫/୨୬ ରୁଜୁ କରି ତଦନ୍ତ ଜାରି ରଖିଥିବା ପୁଲିସ ସୂତ୍ରରୁ ଜଣାପଡିଛି।

## ସୁଜନପୁର ପାକ୍ସ କାର୍ଯ୍ୟାଳୟ ଉଦ୍‌ଘାଟିତ



ବରୁଆଁ,୧।୧୦(ସମିସ): ଯାଜପୁର ବ୍ଲକ୍ ସୁଜନପୁରଠାରେ ସୁଜନପୁର ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ବିଭାଜନ ଉପନିବନ୍ଧକ ସମବାୟ ସମିତି ସମୂହ ଅମୂଲ୍ୟ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ସୁଜନପୁର ପ୍ରାକ୍ସର ସଭାପତି କୁଳମଣି ବିଶ୍ୱାଳ, ସରକାରୀ ନିବନ୍ଧକ କୁମାରୀ ପ୍ରତୀକ୍ଷା ମହାପାତ୍ର, ସିସିବି ନିର୍ଦ୍ଦେଶକ ବିଜୟ କୁମାର ଦଳାଇ, ଶାଖା ପରିଚାଳକ କେଦାର ବେହେରା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ କିଶୋର ଦାସ, ଦିଲ୍ଲୀପ କୁମାର ମିଶ୍ର, ପୁଷ୍ପଲତା ବେହେରା, ସସ୍ମିତା ଖଣ୍ଡେଇ ଅନ୍ୟତମ ଅତିଥି ଭାବେ ସମାଜସେବୀ ଗଣେଶ ଚନ୍ଦ୍ର ମହାକୁଡ଼, ପୂର୍ବତନ ସଭାପତି ଅଶୋକ କୁମାର ମହାନ୍ତି, କରୁଣାକର ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ସୁରେନ୍ଦ୍ର କବି, ବୀରକିଶୋର ବିଶ୍ୱାଳ, ରାଧାଶ୍ୟାମ ବିଶ୍ୱାଳ, ଅଭୟ ବିଶ୍ୱାଳ, ସମିତି ସଭ୍ୟ ନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଜିନ୍ଦଲଙ୍କୁ ସିଆଇଆଇ ଉତ୍କର୍ଷ ପୁରସ୍କାର




ଦାନଗଦି,୧।୧୦(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ଯାଜପୁର ପ୍ଲାଣ୍ଟକୁ ଅଗ୍ନି ଓ ସୁରକ୍ଷା କ୍ଷେତ୍ରରେ ୨୦୨୫-୨୬ ବର୍ଷ ପାଇଁ ୨,୫୦୦ରୁ ଅଧିକ କର୍ମଚାରୀ ଥିବା ବୃହତ୍ ଉତ୍ପାଦନ ଶ୍ରେଣୀରେ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଏସ୍‌ଏଚ୍‌ଇ ଉତ୍କର୍ଷ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହା ଅତ୍ୟନ୍ତ ଗର୍ବର ବିଷୟ ଯେ, ଜିନ୍ଦଲ ଷ୍ଟେନଲେସ୍ ଯାଜପୁରକୁ ଗତ ତିନିବର୍ଷ ଧରି କ୍ରମାଗତ ଭାବେ ଏହି ପ୍ରତିଷ୍ଠିତ ସିଆଇଆଇ ପୁରସ୍କାର ମିଳିଆସୁଛି। କୋଲକାତାସ୍ଥିତ ବିଶ୍ୱ ବାଙ୍ଗ୍ଲା ସେଣ୍ଟର, ନ୍ୟୁଟାଉନ୍‌ରେ ଚଳିତ ମାସ ୨୫ ତାରିଖରେ ଆୟୋଜିତ ୨୦ତମ ସୁରକ୍ଷା ଆଲୋଚନାଚକ୍ର ଓ ପ୍ରଦର୍ଶନୀରେ ପଶ୍ଚିମବଙ୍ଗ ସରକାରଙ୍କ ଶ୍ରମ ବିଭାଗର ରାଜ୍ୟମନ୍ତ୍ରୀ ଭାସ୍କର ଭଟ୍ଟାଚାର୍ଯ୍ୟଙ୍କ ସମେତ ସିଆଇଆଇ କମିଟିର ସଦସ୍ୟ ଓ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ମାର୍ଗଦର୍ଶନରେ ଜିନ୍ଦଲ ଷ୍ଟେନଲେସ୍ ଅଗ୍ନି ଓ ସୁରକ୍ଷା ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ଭାବେ ନୂତନ ମାନଦଣ୍ଡ ସ୍ଥାପନ କରିଆସୁଛି। ଏହି ସଫଳତା ବିଷୟରେ ମତ ପ୍ରକାଶ କରି ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, ସୁରକ୍ଷା ଆମ ପାଇଁ କେବଳ ଏକ ପ୍ରକ୍ରିୟା ନୁହେଁ; ଏହା ଜିନ୍ଦଲ ଷ୍ଟେନଲେସ୍‌ର ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ। ସିଆଇଆଇ ସେଫ୍‌ଟି ଏକ୍ସିଲେନ୍ସ ଆୱାର୍ଡ ଆମର ନିରନ୍ତର ସୁରକ୍ଷା ପ୍ରତିବଦ୍ଧତା ଓ ସମୂହ ପ୍ରୟାସର ଏକ ସ୍ୱୀକୃତି। ଏହି ଗୌରବମୟ ସଫଳତା ପାଇଁ ମୁଁ ସମଗ୍ର ସୁରକ୍ଷା ଦଳ ଓ ସମସ୍ତ କର୍ମଚାରୀଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ଆସନ୍ତୁ, "ସୁରକ୍ଷା ପ୍ରଥମ" ମନୋଭାବ ସହିତ ଆହୁରି ଉଚ୍ଚ ସୁରକ୍ଷା ମାନଦଣ୍ଡ ସ୍ଥାପନ କରିବା। ଏହି ପୁରସ୍କାର ଶ୍ରୀ ମନୋଜ ବଳ, ମୁଖ୍ୟଅଗ୍ନିଶମ ଓ ସୁରକ୍ଷାଙ୍କ ଉତ୍ସର୍ଗୀକୃତ ପ୍ରୟାସ ଓ ନେତୃତ୍ୱକୁ ମଧ୍ୟ ପ୍ରତିଫଳିତ କରେ। ସେ ଗତ ପାଞ୍ଚ ବର୍ଷ ଧରି କମ୍ପାନୀର ସୁରକ୍ଷା ଯାତ୍ରାକୁ ମାର୍ଗଦର୍ଶନ କରିବା ସହିତ ସମସ୍ତ ସ୍ତରରେ ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବା ଏବଂ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବା ଉପରେ ନିରନ୍ତର ଧ୍ୟାନ ଦେଇଆସୁଛନ୍ତି। ମନୋଜ ବଳଙ୍କ ପ୍ରୟାସ ଏବଂ ୟୁନିଟ୍ ମୁଖ୍ୟଙ୍କ ମାର୍ଗଦର୍ଶନରେ ଗତ ପାଞ୍ଚ ବର୍ଷ ମଧ୍ୟରେ କମ୍ପାନୀ କ୍ରମାଗତ ଭାବେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନ ହାସଲ କରିଆସୁଛି।

## ୩୬ ଟନ୍ ଫେରୋ ମାଙ୍ଗାନିଜ୍ ଗାଏବ; ମାଷ୍ଟରମାଇଣ୍ଡ ଗିରଫ

ଯଖପୁରା/ଦାନଗଦୀ ,୧।୧୦(ସମିସ): ୩୬ ଟନ୍ ଫେରୋ ମାଙ୍ଗାନିଜ୍ ଚୋରି ଘଟଣାରେ ମାଷ୍ଟରମାଇଣ୍ଡକୁ ଗିରଫ କରିଛି କଳିଙ୍ଗନଗର ଥାନା। ଏନେଇ ପୂର୍ବରୁ ରୁଜୁ କେସ୍ ନଂ-୨୩୯ ରେ ଗତ ମାସ ୨୦ ତାରିଖରେ ଧାରା ୩୧୬(୩)/୩୧୮(୪)/୩(୫) ଅନୁଯାୟୀ ଅଭିଯୁକ୍ତ ଶେଖ ବାଦଲ (୨୮), ପିତା- ଶେଖ କାୟୁମ, ସାଦାବପୁର, କୋରେଇ ଥାନା, ଯାଜପୁରଙ୍କୁ ପୁଲିସ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ ଏକ୍ସିମ ଲଜିଷ୍ଟିକ ପ୍ରାଇଭେଟ୍ ଲିମିଟେଡ ଅଧୀନରେ ଏକ ଟ୍ରକ୍‌ରେ ଦୁର୍ଗାପୁରରୁ ପଶ୍ଚିମବଙ୍ଗ ଦେଇ ଟାଟା କଳିଙ୍ଗନଗରକୁ ପ୍ରାୟ ୩୬ ଟନ୍ ଫେରୋ ମାଙ୍ଗାନିଜ୍ ପଠାଯାଇଥିଲା। ମାଲ ଲୋଡ୍ ହେବା ପରେ ଟ୍ରକ୍‌ଟି ୧୦ ସେପ୍ଟେମ୍ବରରେ ଟାଟା କଳିଙ୍ଗନଗରରେ ପହଞ୍ଚିବା କଥା ଥିଲା। ତେବେ ଟାଟା କଳିଙ୍ଗନଗର ନିକଟରେ ଟ୍ରକ୍‌ର ଜିପିଏସ ବନ୍ଦ ହୋଇଯାଇଥିବା ଏବଂ ପରେ ଟ୍ରକ୍‌ଟି ଚଣ୍ଡିଖୋଲ ଦେଇ ମାଙ୍ଗୁଳି ଅଞ୍ଚଳକୁ ଯାଇଥିବା ଅଭିଯୋଗ ହୋଇଛି। ସେଠାରେ ଫେରୋ ମାଙ୍ଗାନିଜ୍ ମାଲ ଖାଲି କରାଯାଇଥିବା ପୋଲିସ ତଦନ୍ତରେ ସାମ୍ନାକୁ ଆସିଛି। ମାଲର ଆନୁମାନିକ ମୂଲ୍ୟ ୩୨ ଲକ୍ଷ ଟଙ୍କା ବୋଲି ଦର୍ଶାଯାଇଛି। ଟ୍ରକ ନମ୍ବର ଏପି୦୫ଟିଏଫ୨୫୧୦ ସହ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ବୁଲେଟ୍ ମୋଟରସାଇକେଲ ଜବତ କରାଯାଇଛି। ଘଟଣାରେ ମାଷ୍ଟରମାଇଣ୍ଡ ଭାବେ ଦର୍ଶାଯାଇଥିବା ଶେଖ ବାଦଲ କୁ ୩୦/୦୯/୨୦୨୬ରେ ଗିରଫ କରାଯାଇ ସୁକିନ୍ଦା କୋର୍ଟକୁ ଫରୱାର୍ଡ କରାଯାଇଛି।



● ଆରଟିଓ ଓ ଧର୍ମଶାଳା ପୁଲିସର ମିଳିତ ଚଢ଼ଉ

## ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ

ଧର୍ମଶାଳା,୧।୧୦(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ କାଏମା- ଶାନ୍ତିବଜାର ରାସ୍ତାରେ ଆଜି ଚଣ୍ଡିଖୋଲ ଆର୍‌ଟିଓ ଓ ଧର୍ମଶାଳା ପୁଲିସ ପକ୍ଷରୁ ମିଳିତ ଭାବେ ଯାନବାହାନ ଯାଞ୍ଚ କରାଯିବା ସହ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏଥିସହ ଏକ ମିନିଟ୍ରକ୍‌ର ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ମିନିଟ୍ରକ୍‌ଟିକୁ ଜବତ କରାଯାଇଛି। ସୂଚନା ମୁତାବକ ଆଜି ପୂର୍ବାହ୍ନରେ ଚଣ୍ଡିଖୋଲ ଆର୍‌ଟିଓ ଓ ଧର୍ମଶାଳା ପୁଲିସ ପକ୍ଷରୁ ଅଚାନକ ଭାବେ ରାସ୍ତାରେ ଯାଉଥିବା ବାଇକ୍, ହାଲୁକା ଯାନ ଓ ଭାରିଯାନ ଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଅନେକ ଗାଡ଼ିରେ କାଗଜପତ୍ର ଅନିୟମିତତା ଯୋଗୁଁ ସେଗୁଡ଼ିକରୁ ପାଖାପାଖି ଦେଢ଼ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯିବା ସହ ଏକ ମିନିଟ୍ରକ୍‌କୁ ଜବତ କରାଯାଇଛି। ଏହି ଚଢ଼ଉରେ ଚଣ୍ଡିଖୋଲ ଟ୍ରାଫିକ ଅଧିକାରୀ ଯୁଗଳ କିଶୋର ତିରିଆ, ଏସ୍‌ଆଇ ସତ୍ୟକୁମାର ସାହୁ ଓ ବିଭାଗୀୟ କର୍ମଚାରୀ ସମେତ ଧର୍ମଶାଳା ଥାନା ଏସ୍‌ଆଇ ଘନଶ୍ୟାମ ନାୟକ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ଏଭଳି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଚଣ୍ଡିଖୋଲ ଟ୍ରାଫିକ ଇନ୍ସପେକ୍ଟର ଶ୍ରୀ ତିରିଆ ସୂଚନା ଦେଇଛନ୍ତି।

## ସତ୍ୟାଗ୍ରହ ଅନୁମତି ନ ମିଳିବା ପ୍ରତିବାଦରେ ଅନଶନ

ବ୍ୟାସନଗର,୧।୧୦(ସମିସ): ମାଟି ଆଗ, ପରେ ପାର୍ଟି। ବ୍ୟାସନଗର ସହରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ସ୍ୱର ଉଠାଇଛନ୍ତି ସଂଗ୍ରାମୀ ନେତା ବିଦ୍ୟାଧର ମହାନ୍ତି। ସେ ଯେଉଁ ଦଳରେ ଥାନ୍ତୁ ନା କାହିଁକି ସହର ସର୍ବୋପରି କୋରେଇର ସମସ୍ୟା କଥା ଉଠିଲେ ଆଗରେ ଥାନ୍ତି ବିଦ୍ୟାଧର। ତେବେ କିଛି ଦିନ ତଳେ ସହରର ଭିନ୍ନ ସମସ୍ୟା ଯଥା ପରିମଳ, ଡ୍ରେନେଜ୍ ସଫା ରଖି ମଶା ଦାଉରୁ ଲୋକଙ୍କୁ ମୁକ୍ତି, ପୌରାଞ୍ଚଳର ବିପର୍ଯ୍ୟସ୍ତ ରାସ୍ତା ତୁରନ୍ତ ନିର୍ମାଣ ଏବଂ ଗ୍ୟାସ ପାଇପଲାଇନ ବିଛାଇବା ବେଳେ ରାସ୍ତା ନଷ୍ଟ କରି ମରାମତି ନ କରିବା ସଂସ୍ଥା ଉପରେ ଜୋରିମାନା, ସହରର ୪ଟି ସ୍ଥାନରେ ଦୈନିକ ମାର୍କେଟ ସ୍ଥାପନା, ବସ୍ତିଗୁଡିକରେ ଆଲୋକୀକରଣ ସମତେ ସହରର ବିଭିନ୍ନ ୱାର୍ଡରେ ଜଳୁନଥିବା ଲାଇଟଗୁଡିକର ମରାମତି, ପୌରାଞ୍ଚଳରେ ନିଯୁକ୍ତି ପାଇଥିବା ସଫେଇ କର୍ମଚାରୀ ଏବଂ ବିଓଭିମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ସ୍ଥାୟୀ ପଟ୍ଟା ପ୍ରଦାନ, ସେଲିବ୍ରେସନ ମଣ୍ଡପ ଏବଂ କେଏନ୍‌ଡିଏ ଅଧୀନସ୍ଥ ସମସ୍ତ ବିପର୍ଯ୍ୟସ୍ତ କୋଠାକୁ ଭାଙ୍ଗି ପୁନଃ ନିର୍ମାଣ କରାଯାଇ ପୌର ପରିଷଦକୁ ହସ୍ତାନ୍ତର,୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ପୌର ପ୍ରଶାସନ ଚଳାଇବାକୁ ଦକ୍ଷ ଏବଂ ଅଭିଜ୍ଞ ନିର୍ବାହୀ ଅଧିକାରୀ ନିଯୁକ୍ତି, ନୂତନ ପିଏଚ୍‌ସିକୁ କାର୍ଯ୍ୟକ୍ଷମ କରାଇବା, ନିଶାମୁକ୍ତ ସହର ଘୋଷଣା, ଅନ୍ନପୂର୍ଣ୍ଣା ଏବଂ ରାସନ ସାମଗ୍ରୀ ସଠିକ ସମୟରେ ପ୍ରଦାନ କରିବା ଆଦି ୧୧ ଦଫା ଦାବି ନେଇ ଗତ ଅଗଷ୍ଟ ମାସ ୨୪ ତାରିଖରେ ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ପରେ ଗତ ୧୧ ତରିଖରେ ମଧ୍ୟ ପୁଣିଥରେ ସମାଧାନ ପାଇଁ ପତ୍ର ମାଧ୍ୟମରେ ସୂଚାଇ ଦେଇଥିଲେ। ତେବେ ଇତିମଧ୍ୟରେ ଏକମାସ ବିତିଯାଇଥିଲେ ମଧ୍ୟ କୌଣସି ଏକ ସମସ୍ୟା ସମାଧାନ ନହେବାରୁ ବାଧ ହୋଇ ଗତ ସେପ୍ଟେମ୍ବର ମାସ ୨୮ ତାରିଖରେ ଗାନ୍ଧୀ ଜୟନ୍ତୀ ଦିନ ପୌର କାର୍ଯ୍ୟାଳୟ ଆଗରେ ଗଣ ସତ୍ୟାଗ୍ରହ ପାଇଁ ମଧ୍ୟ ଓଡିଶା ଜନତା କଂଗ୍ରେସ ତରଫରୁ ମଧ୍ୟ ପତ୍ର ଦେଇଥିଲେ। ତେବେ ଏ ନେଇ ସେ ସତ୍ୟାଗ୍ରହରେ ବସିବାକୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଯାଜପୁର ରୋଡ ଆଦର୍ଶ ଥାନା କାର୍ଯ୍ୟାଳୟରୁ ୧ ତାରିଖ ସକାଳ ୮ ଘଟିକାଠାରୁ ୨ ତାରିଖ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଅନୁମତି ପାଇସାରିଥିବା ବେଳେ ଗୁରୁବାର ଏ ନେଇ ଟେଣ୍ଟ ବନ୍ଧା ଯାଉଥିବା ବେଳେ ବ୍ୟାସନଗର ନିର୍ବାହୀ ଅଧିକାରୀ ତଥା ଦାନଗଦୀ ତହସିଲଦାର ଗଂଜତିକୁମାର ମଲିକ ଏହାକୁ ନମାନି ଟେଣ୍ଟ ନମାରିବାକୁ ଧମକ ଦେଇଥିଲେ। ଏପରିକି ଅଫିସ ଛାଡି ପଳାଇବାକୁ ବିଦ୍ୟାଧର ମହାନ୍ତିଙ୍କୁ ଧମକ ଦିଆଯାଇଥିଲା। ତେବେ ଏହି ସତ୍ୟାଗ୍ରହ ହେଲେ ପୌରପ୍ରଶାସନର ଅସୁବିଧା କେଉଁଠି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ବିଦ୍ୟାଧରଙ୍କ ଦ୍ୱାରା ଆହୂତ ଗଣସତ୍ୟାଗ୍ରହ ସରକାରୀ କଳକୁ ହରଡ଼ଘଣାରେ ପକାଉଥିବାରୁ ନିର୍ବାହୀ ଅଧିକାରୀଙ୍କୁ କିଏ ଅନୁମତି ବାତିଲ କରିବାକୁ ନିର୍ଦ୍ଦେଶ ଦେଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ନିର୍ବାହୀ ଅଧିକାରୀଙ୍କ ଏପରି ଆଚରଣ ପ୍ରତିବାଦରେ ବିଦ୍ୟାଧର ମହାନ୍ତି ଆଜିଠାରୁ ଅଫିସ ସମ୍ମୁଖରେ ଅନଶନ କରିଛନ୍ତି।



## ଦୁଷ୍କର୍ମ ଓ ଘରପୋଡ଼ି ଅଭିଯୋଗ, ଜଣେ ଗିରଫ

ଧର୍ମଶାଳା,୧।୧୦(ସମିସ): ଧର୍ମଶାଳା ଥାନା ପୁଲିସ ଦୁଷ୍କର୍ମ ଓ ଘରପୋଡ଼ି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ନେଉଳପୁର ଗ୍ରାମର ସଞ୍ଜୀୟ କୁମାର ସାମଲ। ସୂଚନା ମୁତାବକ ଏହି ଥାନା କୋହ୍ଲା ଗ୍ରାମରେ ସଞ୍ଜୀୟ ଖଟୁଆ ଓ ତାଙ୍କ ପତ୍ନୀ ରୁବୀ ଦେଉରୀ ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି। କୋହ୍ଲାସ୍ଥିତ ତାଙ୍କ ଘରକୁ ସଞ୍ଜୀୟ ଯିବା ଆସିବା କରୁଥିବା ବେଳେ ରୁବି ଉପରେ ଖରାପ ନଜର ରଖିଥିଲା। ଦୁଇଦିନ ତଳେ ରାତିରେ ସଞ୍ଜୀୟ ସାମଲ ସଞ୍ଜୀୟ ଖଟୁଆଙ୍କ ଘରେ ପତ୍ନୀକୁ ଅସଦାଚରଣ ଉଦ୍ୟମ କରିବା ସହ ତାଙ୍କ ଘରେ ନିଆଁ ଲଗାଇଦେଇଥିଲା। ଏ ନେଇ ଶ୍ରୀ ଖଟୁଆଙ୍କ ପତ୍ନୀ ରୁବି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଧର୍ମଶାଳା ଥାନା ପୁଲିସ ୪୦୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସଞ୍ଜୀୟ ସାମଲକୁ ଗିରଫ କରିଥିଲା। ଆଜି ଅଭିଯୁକ୍ତକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇ କହିଛନ୍ତି।

## ନବ ଉତ୍କଳ ମହିଳା ସମିତି ପକ୍ଷରୁ ବରିଷ୍ଠ ନାଗରିକ ଦିବସ

ବ୍ୟାସନଗର,୧।୧୦(ସମିସ): କୋରେଇ ବ୍ଲକ୍ ଶଙ୍ଖଚିଲାସ୍ଥିତ ସ୍ମାଇଲ ଫାଉଣ୍ଡେସନରେ ବରିଷ୍ଠ ନାଗରିକ ଦିବସ ଉତ୍କଳ ମହିଳା ସମିତି ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ସ୍ମାଇଲ ଫାଉଣ୍ଡେସନରେ ଥିବା ୧୦ଜଣ ବୃଦ୍ଧାଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସଭାନେତ୍ରୀ ଅମୂଲୀ ପହି, ସମ୍ପାଦିକା ଜୟନ୍ତୀ ଜେନା, ମମତା ବର୍ଦ୍ଧନ, ସବିତା ମହାନ୍ତିଙ୍କ ସହିତ ସ୍ମାଇଲ ଫାଉଣ୍ଡେସନର କର୍ମକର୍ତ୍ତା ଆଲୋକ କୁମାର ଦାଶ, ତରୁଣ କୁମାର ସାହୁ, ପ୍ରସନ୍ନ କୁମାର ସ୍ୱାଇଁ, ରୀନାରାଣୀ ମିଶ୍ର, ସୌମ୍ୟରଞ୍ଜନ ସାହୁ, ଲକି ସାହୁ, ଶୁଭମ୍ ସାହୁ, ସୌରଭ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଧର୍ମଶାଳା ବ୍ଲକ୍ ପରିସରରେ ବରିଷ୍ଠ ନାଗରିକ ଦିବସ



ଧର୍ମଶାଳା,୧।୧୦( ସମିସ): ଧର୍ମଶାଳା ବ୍ଲକ୍ ପରିସରରେ ଆଜି ପୂର୍ବାହ୍ନରେ ବ୍ଲକ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁଦତ୍ତ ଧଳ ସଞ୍ଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୂଚିସ୍ମିତା ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଡା. ବିଜୟ କୁମାର ସତପଥି, ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଜିର ଯୁବସମାଜ ବରିଷ୍ଠ ମାନଙ୍କ ସହ ଏକମତ ହୋଇ ଚାଲିଲେ ସମାଜ ଆଗେଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ହୃଷିକେଶ ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବ୍ଲକ୍ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବରିଷ୍ଠ ନାଗରିକ ମଞ୍ଚର ପସଭାପତି ଯୁଧିଷ୍ଠିର ସ୍ୱାଇଁ, ସଦସ୍ୟ ମାଧୁରୀ ଶତପଥି, ବୈକୁଣ୍ଠ ପାଣି, ପୁରୁଷୋତ୍ତମ ଜେନା ପ୍ରମୁଖ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରମାକାନ୍ତ ଜେନା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ପରିଡ଼ା, ଆଦିକନ୍ଦ ସ୍ୱାଇଁ, ଗୋକୁଳାନନ୍ଦ ଜେନା, ଆକୁଳି ସ୍ୱାଇଁ, ମହମ୍ମଦ ରିଆଜୁଲ ହକ, ଭୀମସେନ ରାଉତ, ଭିକାରୀ ମଲିକ ପ୍ରମୁଖ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ। ଶେଷରେ ବରିଷ୍ଠ ନାଗରିକ ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

## ଖରସ୍ରୋତା ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ସିଂହପୁର,୧।୧୦(ସମିସ): ବିଂଝାରପୁର ବ୍ଲକ୍ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଜି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଧାଂଶୁ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ର, ଶୁଭେଚ୍ଛୁମାନେ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହରେ ସମ୍ପନ୍ନ ହେବ, ସେ ସମ୍ପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ବୈଠକରେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ବିଜୟ କୁମାର ପତି, ଅରୁଣ କୁମାର ସାମଲ, ମିହିର କୁମାର ରାଉତ, ଶୁଭେଚ୍ଛୁ ସମାଜସେବୀ ପଦ୍ମାକର ଗୁରୁ, ଅମ୍ବିକା ପ୍ରସାଦ ସାମଲ, ଖଗେଶ୍ୱର ସାହୁ, ପୁରାତନ ଛାତ୍ର ଦିଲୀପ କୁମାର ରାଉଳ, ଶ୍ୟାମସୁନ୍ଦର ବେହେରା, ଭାରତ ଭୂଷଣ ମଲ୍ଲିକ, ମଳୟ କୁମାର ଥାଟୋଇ, ଭରତ ଚନ୍ଦ୍ର ନାୟକ, ସନ୍ତୋଷ ବେହୁରିଆ, ସୁବାସ ଚନ୍ଦ୍ର ପ୍ରଧାନ, ଶରତ ଧଳ, ନିଖିଳ ସାମଲ, ମନୋଜ କୁମାର ସାମଲ, ରତ୍ନାକର ସାହୁ, ଦେବାଶିଷ ସାମଲ, ଅନଙ୍ଗ ଉଦୟ ବେଉରିଆ, ଅଭିମନ୍ୟୁ ସାହୁ, ଜ୍ଞାନେନ୍ଦ୍ର ବେଉରିଆ, ଶୈଳେନ୍ଦ୍ର ନାୟକଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ। ଆଗାମୀ ବୈଠକ ଅକ୍ଟୋବର ମାସ ୭ ତାରିଖ ଅପରାହ୍ନରେ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ପରିଣତ ବୟସରେ ବି ଗାନ୍ଧୀବାଦର ପ୍ରଚାର କରୁଛନ୍ତି ନିଶିଥ

ଯାଜପୁର,୧।୧୦(ସନ୍ଦୀପ୍ତ ରାୟ):



ସାରା ଦେଶରେ ପ୍ରତିବର୍ଷ ଅକ୍ଟୋବର ୨ ତାରିଖକୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନକୁ ଗାନ୍ଧୀ ଜୟନ୍ତୀ ଭାବେ ପାଳନ କରାଯାଏ। କେବଳ ଭାରତ କାହିଁକି ବିଶ୍ୱର ଅନେକ ଦେଶରେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶକୁ ଆଜି ବି ପୂଜା କରାଯାଉଛି। ସମଗ୍ର ଭାରତ ବର୍ଷରେ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଆରମ୍ଭ କରି ସରକାରୀ ସ୍ତରରେ ଏହି ଦିବସକୁ ବଡ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଗାନ୍ଧୀଙ୍କ ପରଲୋକର ଦୀର୍ଘ ଦଶନ୍ଧି ପରେ ବି ତାଙ୍କ ବିଚାରଧାରା ବଞ୍ଚି ରହିଛି। ତାଙ୍କ ବ୍ୟକ୍ତିତ୍ୱକୁ ଅନେକ ଅନୁସରଣ କରୁଥିବା ନଜିର ରହିଛି। ଯାଜପୁରରେ ଏଭଳି ଜଣେ ବ୍ୟକ୍ତି ଗାନ୍ଧୀଙ୍କ ଜୀବନାଦର୍ଶରେ ଏମିତି ଅନୁପ୍ରାଣିତ ହୋଇଛନ୍ତି ଯେ ତାଙ୍କୁ ମଧ୍ୟ ଯାଜପୁରର ଗାନ୍ଧୀ ବୋଲି ଆଖ୍ୟା ମିଳିଛି। ସେହି ବ୍ୟକ୍ତି ଜଣକ ଦିନେ କି ଦୁଇ ଦିନ ନୁହେଁ ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୫୦ ବର୍ଷ ଧରି କେବଳ ଗାନ୍ଧୀଙ୍କୁ ପୂଜା କରିଆସୁଛନ୍ତି। ପ୍ରତ୍ୟେକ ଦିନ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ସଫାସୁତୁରା କରିବା ସହିତ ଗାନ୍ଧୀଙ୍କ ବାଣୀକୁ ବୁଲିବୁଲି ପ୍ରଚାର କରିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥାନ୍ତି। ଯାଜପୁର ପୌରପାଳିକା ଅନ୍ତର୍ଗତ ୟୁନିଟ ୮ ତାରାମଦନ ଅଞ୍ଚଳର ବାସିନ୍ଦା ନିଶିଥ କୁମାର ଦାସ। ବୟସ ୭୧ବର୍ଷ। ଆଜି ବି ଏହି ପରିଣତ ବୟସରେ ନିଶିଥଙ୍କ ଗାନ୍ଧୀ ପୂଜା ନିଶା କମିନାହିଁ। ଦୀର୍ଘ ୫୦ ବର୍ଷ ହେଲା ଗାନ୍ଧୀଙ୍କୁ ପୂଜା କରିବା ସହିତ ବିଭିନ୍ନ ସ୍କୁଲକୁ ବୁଲି ସେ ଗାନ୍ଧୀ ବାଣୀ ପ୍ରଚାର କରିଚାଲିଛନ୍ତି। ନିଶିଥଙ୍କ ପକେଟରେ ସବୁବେଳେ ରହିଥାଏ ଫୁଲ, କର୍ପୁର, ଧୂପ ଓ ଚକୋଲେଟ। ଯେଉଁଠି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଦେଖନ୍ତି ସଙ୍ଗେ ସଫା କରି ଆରମ୍ଭ କରିଦିଅନ୍ତି ପୂଜା। ତାଙ୍କର ଏହି କାର୍ଯ୍ୟ ପାଇଁ ତାଙ୍କୁ ଗାନ୍ଧୀ ପୁରୁଷ ଭାବେ ପରିଚୟ ମିଳିଛି। ଯାଜପୁର ସହରର ଗାନ୍ଧୀ ଛକରେ ଥିବା ଗାନ୍ଧୀଙ୍କ ବେକରେ ପଡ଼ିଥିବା ଶୁଖିଲା ଫୁଲ ମାଳରେ ପୋକ ସାଲୁ ବାଲୁ ଦେଖି ଦିନେ ତାଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ପ୍ରତିଦିନ ବଡ଼ି ଭୋରୁ ନିଶିଥ ଲାଗିପଡ଼ନ୍ତି ସହରରେ ଥିବା ଗାନ୍ଧୀ ମୂର୍ତ୍ତି ସଫେଇ କାମରେ। ବିଭିନ୍ନ ସ୍କୁଲ ଓ ଛକ ମାନଙ୍କରେ ରହିଥିବା ଗାନ୍ଧୀ ମୂର୍ତ୍ତିଗୁଡ଼ିକୁ କେବଳ ସଫାସୁତୁରା କରନ୍ତି ନାହିଁ, ବରଂ ନିଜ ଖର୍ଚ୍ଚରେ କିଣିଥିବା ସତେଜ ଫୁଲ ହାର ସେହି ପ୍ରତିମୂର୍ତ୍ତିରେ ଦେଇ ନମସ୍କାର କରିଥାନ୍ତି। ନିଶିଥ ଜଣେ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ। ନିଜ ପୁଅ ଓ ପତ୍ନୀଙ୍କର ଅକାଳ ପରଲୋକ ଘଟିଛି। ପତ୍ନୀଙ୍କ ମୃତ୍ୟୁ ସମୟରେ ଗାନ୍ଧୀଙ୍କ ଦୈନନ୍ଦିନ ପୂଜା ସାରି ପତ୍ନୀଙ୍କ ଶେଷକୃତ୍ୟ କରିଥିଲେ ନିଶିଥ। ସେ ମଧ୍ୟ ସରକାରୀ ବାଳିକା ବିଦ୍ୟାଳୟ, ବୈଷ୍ଣବ ଦତ୍ତ ଉଚ୍ଚ ବିଦ୍ୟାଳୟ ସମେତ ବହୁ ବିଦ୍ୟାଳୟରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠା କରିଛନ୍ତି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି। ଏଥିସହିତ ବିଭିନ୍ନ ବିଦ୍ୟାଳୟକୁ ଯାଇ ସେଠାରେ ସଫେଇ କରିବା ସହିତ ଗାନ୍ଧୀଙ୍କ ବାଣୀକୁ ପ୍ରଚାର କରି ଛୋଟ ଛୋଟ ଛାତ୍ର ଛାତ୍ରୀଙ୍କୁ ଚକୋଲେଟ ଉପହାର ଦେଇଥାନ୍ତି। ଏଭଳି ଜଣେ ନିଆରା ମଣିଷ ଭାବେ ନିଶିଥ ସମଗ୍ର ଜିଲ୍ଲାରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ନିଶିଥଙ୍କୁ ଖୋଜାପଡେ। ଜିଲ୍ଲାପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ସାମିଲ ହୋଇ ଗାନ୍ଧୀଙ୍କ ବାଣୀ ପ୍ରଚାର ମଧ୍ୟ କରିଥାନ୍ତି। ଦୀର୍ଘ ବର୍ଷ ହେଲା ନିରନ୍ତର ଭାବେ ଗାନ୍ଧୀଙ୍କୁ ପୂଜା କରି ଆସୁଥିବା ନିଶିଥ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏପରି କାମ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ନିଶିଥଙ୍କ ଏଭଳି କାର୍ଯ୍ୟ ପାଇଁ ସେ ଅନେକ ଅନୁଷ୍ଠାନରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ପରିଣତ ବୟସରେ ନିଶିଥଙ୍କ ଏଭଳି ଗାନ୍ଧୀପ୍ରେମ ଅନ୍ୟମାନଙ୍କ ପାଇଁ ସାଜିଛି ଉଦାହରଣ।

ସକାଳ
THE SAKALA

# ସମ୍ପାଦକୀୟ



ବୈଜ୍ଞାନିକ ନିର୍ଯାସର ଆଧାର ସ୍ୱାଧୀନ ଚିନ୍ତନ ଓ କଠିନ ପରିଶ୍ରମ; ବ୍ୟୟବହୁଳ ଉପକରଣ ନୁହେଁ।

- ସି ଭି ରମଣ

## ଦିବାଲୋକ ଡକାୟତି

ବ୍ୟାଧିଗ୍ରସ୍ତ ମଣିଷକୁ ଯନ୍ତ୍ରଣାମୁକ୍ତ ଓ ଆଶ୍ୱସ୍ତି ଦେବାର ଶେଷ ବିକଳ୍ପ ହେଉଛି ଔଷଧ। ହୋମିଓପାଥି ଓ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀ ସମୟସାପେକ୍ଷ ହୋଇଥିବାରୁ ଲୋକଙ୍କ ଦ୍ୱାରା ଏତେ ଗ୍ରହଣୀୟ ହୋଇପାରିନାହିଁ। ଏହି ପୃଷ୍ଠଭୂମିରେ ଆଶୁ ଚିକିତ୍ସା ଓ ଉପଶମ ପ୍ରଦାନକାରୀ ଭାବେ ଏଲୋପାଥିକ ଔଷଧର ଆଦୃତି ବଢ଼ି ଚାଲିଛି। ଲୋକମାନଙ୍କର ଏହି ମାନସିକତା ଓ ସହନଶକ୍ତି ଅଭାବର ସୁଯୋଗ ନେଇ ଏଲୋପାଥିକ ଔଷଧ ନିର୍ମାତାମାନେ ରୋଗୀମାନଙ୍କୁ ଏକପ୍ରକାର ଲୁଟି ଚାଲିଛନ୍ତି। ଅତ୍ୟଧିକ ମୁନାଫାଖୋର ଏହି ଔଷଧୀୟ କମ୍ପାନୀମାନଙ୍କର ଆଚରଣକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ 'ଦିବାଲୋକରେ ଡକାୟତି' ଭାବେ ଅଭିହିତ କରିଛନ୍ତି। ଏହା ମଧ୍ୟ ଯଥାର୍ଥ। ଔଷଧର ଦାମ ଯଦି ରୋଗୀର ଆର୍ଥିକ ସାମର୍ଥ୍ୟକୁ ଭାଙ୍ଗିଦିଏ, ତେବେ ତାହା ଜୀବନରକ୍ଷାକାରୀ ବଦଳରେ ଜୀବନଘାତକ ପଦବାଚ୍ୟ ହେବା ଯୋଗ୍ୟ।

ଗତ ମାସ ୨୯ ତାରିଖରେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ଔଷଧର ଖାଉଟି ବିକେତ୍ରା ମୂଲ୍ୟ(ପ୍ରାଇସ୍ ଟୁ ରିଟେଲର ବା ପିଟିଆର ବା ଯେଉଁ ମୂଲ୍ୟରେ ଔଷଧ ଦୋକାନୀ ମହଜୁଦକାରୀ କିମ୍ବା ବିତରଣକାରୀଙ୍କଠାରୁ ଔଷଧ କିଣେ) ଏବଂ ସର୍ବୋଚ୍ଚ ବିକ୍ରୟ ମୂଲ୍ୟ(ମ୍ୟାକ୍ସିମମ୍ ରିଟେଲ୍ ପ୍ରାଇସ୍ ବା ଏମ୍ଆରପି ବା ଯେଉଁ ମୂଲ୍ୟରେ ଔଷଧ ଦୋକାନୀ ଗ୍ରାହକଙ୍କୁ ବିକ୍ରୟ କରେ) ମଧ୍ୟରେ ରହୁଥିବା ବିପୁଳ ତଫାତକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏକ କର୍କଟ ନିବାରକ ଔଷଧର 'ପିଟିଆର' ୨, ୭୦୦ ଟଙ୍କା ଥିବା ବେଳେ ତାହାର 'ଏମ୍ଆରପି' ୨୭, ୦୦୦ ଟଙ୍କା ଥିବା ଜାଣିବା ପରେ ଅଦାଲତ ଆଶ୍ଚର୍ଯ୍ୟପ୍ରକଟ କରି ଏହାକୁ ରୋଗୀଙ୍କଠାରୁ ଔଷଧ ନିର୍ମାତାମାନଙ୍କର 'ଦିବାଲୋକ ଡକାୟତି' ଭାବେ ବର୍ଣ୍ଣନା କରିଥିଲେ। ତେଣୁ ସମସ୍ତ ପ୍ରକାର ଔଷଧରେ ଏକ ସାର୍ବଜନିନ ସର୍ବାଧିକ ୧୬ ପ୍ରତିଶତ ଲାଭାଂଶ ନିର୍ଦ୍ଧାରଣ ପାଇଁ ନିୟମ ପ୍ରଣୟନ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଭାରତର ଔଷଧ ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥାର ମୁଖ୍ୟ ଆଧାର ହେଉଛି 'ଡ୍ରଗ୍ସ ପ୍ରାଇସେସ୍ କଣ୍ଟ୍ରୋଲ୍ ଅର୍ଡର୍ -୨୦୧୩'(ଡିପିସିଓ) ବା ଔଷଧ ମୂଲ୍ୟ ନିୟନ୍ତ୍ରଣ ନିର୍ଦ୍ଦେଶନାମା-୨୦୧୩। ଜାତୀୟସ୍ତରରେ ତାଲିକାଭୁକ୍ତ ଜରୁରୀକାଳୀନ ଔଷଧ(ନ୍ୟାସନାଲ୍ ଲିଷ୍ଟ ଅଫ୍ ଏଜେନ୍ସିଆଲ୍ ମେଡିସିନ୍ସ ବା ଏନ୍ଏଲ୍ଇଏମ୍) ଔଷଧଗୁଡ଼ିକର ମୂଲ୍ୟକୁ 'ସିଲିଂ ପ୍ରାଇସ୍ ନ୍ୟାସନାଲ୍ ଫାର୍ମାସ୍ୟୁଟିକାଲ୍ ପ୍ରାଇସିଂ ଅଥରିଟି(ଏନ୍ପିପିଏ) ନିର୍ଦ୍ଧାରଣ କରେ। ବର୍ତ୍ତମାନ 'ଏନ୍ଏଲ୍ଇଏମ୍' ଅଧୀନରେ ୩୮୮ଟି ଔଷଧ ତାଲିକାଭୁକ୍ତ ରହିଛି। ଅତିକମରେ ୧ ପ୍ରତିଶତ ବଜାର ଅଂଶ ଥିବା ବ୍ରାଣ୍ଡେଡ୍ ଔଷଧଗୁଡ଼ିକର ମୂଲ୍ୟକୁ ଆଧାର କରି 'ଏନ୍ପିପିଏ' ହାରାହାରି 'ପିଟିଆର' ନିର୍ଦ୍ଧାରଣ କରେ।। ଏହା ଉପରେ ୧୬ ପ୍ରତିଶତ ଖୁଚୁରା ବିକ୍ରେତାର ଲାଭାଂଶ ଯୋଗ ହୋଇ ସର୍ବଶେଷ ମୂଲ୍ୟ ଧାର୍ଯ୍ୟ ହୁଏ। ଆବଶ୍ୟକ ହେଲେ ସ୍ଥାନୀୟ ଟିକସ ଓ ଜିଏସ୍ଟି ଆଦି ଯୋଗ ହୋଇ ଗ୍ରାହକଙ୍କ ପାଇଁ 'ଏମ୍ଆରପି' ନିର୍ଦ୍ଧାରଣ ହୁଏ। କିନ୍ତୁ ସମସ୍ତ ଔଷଧ ଏହି ନିୟନ୍ତ୍ରଣ ଅଧୀନ ନୁହନ୍ତି। 'ଏନ୍ଏଲ୍ଇଏମ୍'ରେ ନଥିବା 'ନନ୍ ସେଡ୍ୟୁଲ୍ଡ' ଔଷଧର ପ୍ରାରମ୍ଭିକ ମୂଲ୍ୟ ନିର୍ଦ୍ଧାରଣରେ ନିର୍ମାତାଙ୍କୁ ମନମୁଖି କରିବାର ସୁଯୋଗଟିଏ ମିଳିଯାଇଛି। 'ଡିପିସିଓ' ଅନୁସାରେ ଏପରି ଔଷଧର ମୂଲ୍ୟ ୧୨ ମାସରେ ୧୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯାଇପାରିବ ନାହିଁ; କିନ୍ତୁ ପ୍ରାରମ୍ଭିକ ବୃହତ୍ 'ଏମ୍ଆରପି' ସହିତ ଔଷଧଟିଏ ଥରେ ବଜାରକୁ ଆସିଗଲେ ତାହାକୁ ହ୍ରାସ ମଧ୍ୟ କରାଯାଇପାରିବ ନାହିଁ। ଏକପକ୍ଷରେ ଆବଶ୍ୟକ ଔଷଧର 'ଏମ୍ଆରପି' ନିର୍ଦ୍ଧାରଣ କରାଯାଉଥିବା ବେଳେ ଅନ୍ୟ ଔଷଧ ମୂଲ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣଶୂନ୍ୟ ରହିଛି। ଏହା ହିଁ ଅଧୁନା ଔଷଧ ବଜାରକୁ ରୋଗୀଙ୍କ ପାଇଁ ଡକାୟତ ରୂପରେ ଲୁଟିବାର ସୁଯୋଗ ଦେଇଛି।

ଔଷଧର 'ଦିବାଲୋକ ଡକାୟତି' ସମସ୍ୟା ଘରୋଇ ଡାକ୍ତରଖାନାମାନଙ୍କରେ ଆହୁରି ଭୟଙ୍କର। କେତେକ ଘରୋଇ ଡାକ୍ତରଖାନା ନିଜସ୍ୱ ଫାର୍ମାସି(ଔଷଧ ଉତ୍ପାଦନ ୟୁନିଟ୍) କିମ୍ବା ନିର୍ଦ୍ଦିଷ୍ଟ ଔଷଧ ଦୋକାନରୁ ଔଷଧ କିଣିବାକୁ ରୋଗୀ ଓ ସମ୍ପର୍କୀୟଙ୍କୁ ବାଧ୍ୟ କରୁଥିବା ଅଭିଯୋଗ ଆସୁଛି। ତେଣୁ ସେଠାରେ 'ପିଟିଆର' ଓ 'ଏମ୍ଆରପି' ମଧ୍ୟରେ କେତେ ତଫାତ ରହୁଛି ତାହା ତଦାରଖ କରିବାକୁ କେହି ନାହିଁ। ଏହି ପ୍ରଶ୍ନ ମଧ୍ୟ ଅଦାଲତରେ ଉଠିଛି। ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ ଚିକିତ୍ସା ଖର୍ଚ୍ଚର ପୁନର୍ଭରଣ(ରିଇମ୍ବର୍ସମେଣ୍ଟ) ହେଉଥିବାରୁ ଅତ୍ୟଧିକ ଔଷଧ ମୂଲ୍ୟର ଭାର ଶେଷରେ ରୋଗୀ ସହିତ କରଦାତାଙ୍କ ଉପରେ ମଧ୍ୟ ପଡ଼ୁଛି। ତେଣୁ ଏହି 'ଦିବାଲୋକ ଡକାୟତି' କେବଳ ରୋଗୀ ଓ ଔଷଧ ନିର୍ମାତାଙ୍କ ମଧ୍ୟରେ ସୀମିତ ନ ରହି ସାମଗ୍ରିକ ଭାବେ ଅର୍ଥନୀତି ଉପରେ ମଧ୍ୟ ପଡ଼ୁଛି।

ଭାରତରେ ଔଷଧ ଶିଳ୍ପର ବିକାଶ ଆବଶ୍ୟକ। କିନ୍ତୁ ସେହି ବିକାଶର ମୂଲ୍ୟ ନିର୍ଦ୍ଧାରଣ ରୋଗୀଙ୍କ ଜୀବନ ବଦଳରେ ହେବା ଉଚିତ ନୁହେଁ। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ଗୋଟିଏ ନିର୍ଦ୍ଦିଷ୍ଟ ଔଷଧର ଦାମ ଆଧାରରେ ହୋଇଥିଲେ ହେଁ ଏ ସମ୍ପର୍କିତ ଉଦ୍‌ବେଗ ଭାରତର ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ଜଡ଼ିତ। ରୋଗୀ ପାଇଁ ବଜାର ନା ବଜାର ପାଇଁ ରୋଗୀ - ଏହି ମୌଳିକ ପ୍ରଶ୍ନ ବିଜଡ଼ିତ ପ୍ରସଙ୍ଗର ସ୍ପର୍ଶକାତରତା ଦୃଷ୍ଟିରୁ ସରକାର ତ୍ୱରିତ ଓ ବିହିତ ପଦକ୍ଷେପ ନେବା ବାଞ୍ଛନୀୟ। ଆସନ୍ତା ୧୬ ତାରିଖରେ ଏ ସମ୍ପର୍କିତ ମାମଲାର ଶୁଣାଣି ହେବ। ତେଣୁ ସେତେବେଳକୁ ଭାରତର ଜନତାଙ୍କୁ 'ଦିବାଲୋକ ଡକାୟତି'ରୁ କିଛିଟା ଆଶ୍ୱସ୍ତି ମିଳିବବାର ବାଟ ବାହାରିବ ବୋଲି ଆଶା କରିବା। ଔଷଧ ଉତ୍ପାଦନରେ ଗବେଷଣା, କଞ୍ଚାମାଲ, ଗୁଣବତ୍ତା ନିୟନ୍ତ୍ରଣ, ପରିବହନ ଓ ବିତରଣ ଖର୍ଚ୍ଚ ସାମିଲ୍ ଥାଏ। କମ୍ପାନୀ, ବିତରଣକାରୀ ଓ ବିକ୍ରେତାର ଲାଭାଂଶ ରହିବା ମଧ୍ୟ ଜରୁରୀ। କିନ୍ତୁ ଏହି ସମସ୍ତ ଖର୍ଚ୍ଚକୁ ଆଧାର କରି ରୋଗୀଙ୍କଠାରୁ କେତେ ଦାମ ଆଦାୟ କରାଯିବ ସେଥିରେ ସ୍ପଷ୍ଟ ଓ ଯୁକ୍ତିସଙ୍ଗତ ସୀମା ରହିବା ଦରକାର। ବିଶେଷକରି କର୍କଟ, ହୃଦ୍‌ରୋଗ, ମଧୁମେହ ଭଳି ଦୀର୍ଘକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ରୋଗରେ ଔଷଧ ଖର୍ଚ୍ଚ ପରିବାରର ଆୟ ଉପରେ ଯେପରି ମାତ୍ରାଧିକ ପ୍ରହାର ନ କରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

# ବିପଦ୍‌ଜନକ ବୌଦ୍ଧିକତା

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଭାଷା କେବଳ ଭାବ ପ୍ରକାଶ କରେ ନାହିଁ। ବେଳେବେଳେ ଭାଷା ଭାବକୁ ତିଆରି ମଧ୍ୟ କରେ। ଆଉ ଯେତେବେଳେ ରାଜନୀତି ଭାଷାକୁ ନିଜ ନିୟନ୍ତ୍ରଣରେ ନେଇଯାଏ, ସେତେବେଳେ ଶବ୍ଦଗୁଡ଼ିକ ଆଉ ନିରୀହ ରହନ୍ତି ନାହିଁ। ସେମାନେ ହୋଇଯାଆନ୍ତି ଅସ୍ତ୍ର। ଜର୍ଜ ଅରୱେଲ୍ ଏହି ବିପଦକୁ ବହୁ ପୂର୍ବରୁ ଦେଖିଥିଲେ। ନାଇନ୍‌ଟିନ୍ ୟେଟିଫୋର୍ (ଉଣେଇଶଶହ ଚଉରାଅଶୀ) ରେ ସେ 'ନିଉସ୍ପିକ୍' ନାମରେ ଏକ ଭାଷାର କଳ୍ପନା କରିଥିଲେ, ଯାହାର ଉଦ୍ଦେଶ୍ୟ କେବଳ ଭୁଲ ଖବର ଦେବା ନୁହେଁ; ବରଂ 'ଭଲ ଚିନ୍ତା'କୁ 'ଭୁଲ ଚିନ୍ତା' କରିଦେବା। ଯେଉଁ ଶବ୍ଦ ମାନବୋଚିତ ସଦ୍‌ଗୁଣ ବା ପ୍ରକୃତି କିମ୍ବା ଦୁର୍ଗୁଣ ବା ଦୁଷ୍ପ୍ରବୃତ୍ତିର ଭାଷିକ ଉଚ୍ଚାରଣ ଭାବରେ ସର୍ବସ୍ୱୀକୃତ, ସେଇଠିକୁ ସମ୍ପୂର୍ଣ୍ଣ ଭିନ୍ନଅର୍ଥରେ ବ୍ୟବହାର କରିବା। ଶବ୍ଦର ଅର୍ଥ ବିକୃତ ହେବ, ସଙ୍କୁଚିତ ହେବ- ଅର୍ଥାତ୍ ଅର୍ଥ 'ବିଅର୍ଥ' ହେବ। ପରିଣାମରେ ମଣିଷର ଚିନ୍ତା ଚେତନା ଦ୍ୱନ୍ଦ୍ୱାକୀର୍ଣ୍ଣ ହେବ। ସେ ଭଲ ଓ ମନ୍ଦ, ଯୁକ୍ତିଯୁକ୍ତ ଓ ଅଯୌକ୍ତିକ ଏବଂ ମାନବୋଚିତ ଓ ଅମାନବୋଚିତ ଭିତରେ ଯେଉଁ ସୂକ୍ଷ୍ମ ସୀମାରେଖା ରହିଥାଏ, ସେ ସମ୍ପର୍କରେ ତା'ର ଧାରଣା ପୁରାପୁରି ଅସ୍ପଷ୍ଟ ହୋଇଯିବ। ଆଉ ଶେଷରେ ମଣିଷ ଯାହା ଭାବିପାରେ, ତାହାର ସୀମା ମଧ୍ୟ ଶାସକ ନିର୍ଦ୍ଧାରଣ କରିବ। ଜର୍ଜ୍ ଅରୱେଲଙ୍କ 'ନିଉସ୍ପିକ'ର 'ଗୁଡଥିଙ୍କ୍' ଥିଲା ଅନୁମୋଦିତ ଚିନ୍ତା; 'କ୍ରାଇମଥିଙ୍କ୍' ଥିଲା ଅନୁମୋଦିତ ଚିନ୍ତାର ବାହାରେ ଥିବା ଚିନ୍ତା।

ଆମ ସମୟର ଭାଷାକୁ ଦେଖିଲେ ଏହି ଅର୍‌ୱେଲିୟାନ ଚେତାବନୀର ଗୁରୁତ୍ୱ ବୁଝାଯାଏ। ଧରନ୍ତୁ ଏଇ ଗୋଟିଏ ଶବ୍ଦ- 'ବୌଦ୍ଧିକତା'। ଏଇଟିର ଅର୍ଥ କ'ଣ- ସେ ସଂପର୍କରେ ପ୍ରତ୍ୟେକଙ୍କର ମୋଟାମୋଟି ଯେଉଁ ଧାରଣା ରହିଛି, ତାହା ହେଉଛି - ପ୍ରଶ୍ନ କରିବା, ଯୁକ୍ତି କରିବା, ତଥ୍ୟ ଯାଞ୍ଚ କରିବା, ପ୍ରଚଳିତ ମତକୁ ନେଇ ସନ୍ଦେହ କରିବା, ଅନ୍ୟର କଥା ଶୁଣିବା, ଅସହମତିକୁ ସହିବା ଓ ସମାନତା, ନ୍ୟାୟ, ସହନଶୀଳତା, ଧର୍ମୀୟ ସମ୍ପ୍ରୀତି ଓ ମୁକ୍ତ ମତପ୍ରକାଶର ପକ୍ଷରେ ଠିଆ ହେବା। କିନ୍ତୁ ବୌଦ୍ଧିକତାର ଏହିସବୁ ଅର୍ଥକୁ ଏକାଠି କରି ଯଦି 'ବିପଦ୍‌ଜନକ ବୌଦ୍ଧିକତା' ବୋଲି କୁହାଯାଏ, ତେବେ ପ୍ରଶ୍ନ କରିବା ଆଉ ବୌଦ୍ଧିକ ସ୍ୱାଧୀନତା ରହେ ନାହିଁ; ତାହା ହୋଇଯାଏ ବିପଦର ଲକ୍ଷଣ। ଅସହମତି ଆଉ ଗଣତାନ୍ତ୍ରିକ ଅଧିକାର ନୁହେଁ; ତାହା ହୋଇଯାଏ ସନ୍ଦେହଜନକ ମାନସିକତା। ଯୁକ୍ତି ଆଉ ଯୁକ୍ତି ରହେ ନାହିଁ; ତାହା ପଛରେ ଖୋଜାଯାଏ ଲୁଚିଥିବା ଷଡ଼ଯନ୍ତ୍ର। ଏହା ହିଁ ଭାଷାର କୂଟ ରାଜନୀତି।

କୌଣସି ବ୍ୟକ୍ତିର ଯୁକ୍ତିକୁ ଖଣ୍ଡନ କରିବା କଷ୍ଟକର। ସେଥିପାଇଁ ତାଙ୍କର ତଥ୍ୟକୁ ଯାଞ୍ଚ କରିବାକୁ ପଡ଼େ, ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପଡ଼େ। କିନ୍ତୁ ତାହା ନକରି ଯଦି ତାଙ୍କର ଯୁକ୍ତିକୁ 'ବିପଦ୍‌ଜନକ ଯୁକ୍ତି' କହିଦେବା, ତା' ହେଲେ ଆଉ ବିଶେଷ କିଛି କରିବାକୁ ପଡ଼ିବ ନାହିଁ। ଏକ ଜଟିଳ ରାଜନୈତିକ ବିତର୍କକୁ ଏକ ଛୋଟ ଭାବନା-ଉତ୍ତେଜକ 'ଟ୍ୟାଗ୍'ରେ ବନ୍ଦ କରିଦେଲେ, ସେହି ଟ୍ୟାଗ୍‌ଟି ଅନ୍ଧ, ନିର୍ବୋଧ ଓ ବିଚାରହୀନ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଯାଏ। ଇତିହାସରେ ଏହାର ଭୟଙ୍କର ଉଦାହରଣ ଅଛି। ଭିକ୍ଟର କ୍ଲେମ୍ପରର୍ ନାଜି ଜର୍ମାନୀର ଭାଷାକୁ ଅଧ୍ୟୟନ କରି ଦେଖାଇଥିଲେ ଯେ ସର୍ବସତ୍ତ୍ୱବାଦୀ ବ୍ୟବସ୍ଥା ନୂଆ ଶବ୍ଦ ତିଆରି କରିବା ଅପେକ୍ଷା ପୁରୁଣା ଶବ୍ଦର ଅର୍ଥକୁ ବଦଳାଇ ଦେଇ ତା'ର କୁଉଦ୍ଦେଶ୍ୟ ଚରିତାର୍ଥ କରିପାରେ। 'ଫାନାଟିସ୍'-ଅର୍ଥାତ୍ ଫାନାଟିକାଲ୍- ଏହାର ଏକ ଉଲ୍ଲେଖନୀୟ ଉଦାହରଣ। ପୂର୍ବରୁ ଯେଉଁ ଶବ୍ଦରେ ଅତିରିକ୍ତ ଉନ୍ମାଦ, ବିବେକହୀନ ଆସକ୍ତିର ନକାରାତ୍ମକ ଛାୟା ଥିଲା, ନାଜି ଭାଷାରେ ସେହି ଶବ୍ଦ ଦୃଢ଼ତା, ନିଷ୍ଠା, ସାହସ ଓ ଆଦର୍ଶବାଦର ପ୍ରଶଂସାସୂଚକ ଅର୍ଥ ନେଲା। 'ଫାନାଟିସ୍' ହେବା ଏକ ଗୁଣରେ ପରିଣତ ହେଲା। ଏକଛତ୍ରବାଦୀ ଶାସକ ହିଟଲର ସର୍ବଶ୍ରେଷ୍ଠ 'ଫାନାଟିସ୍' ମଣିଷ ଭାବରେ ତା'ର ଅନ୍ଧ ଅନୁଗାମୀମାନଙ୍କ ଦ୍ୱାରା ବନ୍ଦିତ ଓ ପୂଜିତ ହେଲା। ଏହା ହିଁ 'ନିଉସ୍ପିକ୍'ର ମୂଳ କୌଶଳ।

ଶବ୍ଦକୁ ମାରିଦେବା ଦରକାର ନାହିଁ। ତାହାର ଅର୍ଥକୁ ବଦଳାଇଦିଅ। 'ସ୍ୱାଧୀନତା' ଶବ୍ଦଟି ରହିପାରେ, କିନ୍ତୁ ସେଥିରୁ 'ରାଜନୈତିକ ସ୍ୱାଧୀନତା'ର ଅର୍ଥଟିକୁ କାଢ଼ି ଦିଅ। 'ସମାନତା' ରହିପାରେ, କିନ୍ତୁ 'ସାମାଜିକ ସମାନତା'କୁ ତହିଁରୁ ବାହାର କରିଦିଅ। 'ଦେଶପ୍ରେମ' ରହିପାରେ, କିନ୍ତୁ ଦେଶପ୍ରେମର ଅର୍ଥକୁ 'ଶାସକଙ୍କ ପ୍ରତି ଅନୁଗତତା' ସହ ସମାନ କରିଦିଅ। ତା'ପରେ - ଶାସକଙ୍କୁ ପ୍ରଶ୍ନ କରିବା ଦେଶକୁ ପ୍ରଶ୍ନ କରିବା ହୋଇଯାଏ; ସରକାରକୁ ସମାଲୋଚନା କରିବା ରାଷ୍ଟ୍ରକୁ ସମାଲୋଚନା କରିବା ହୋଇଯାଏ; ସଂଖ୍ୟାଲଘୁଙ୍କ ଅଧିକାର କଥା କହିବା 'ତୁଷ୍ଟୀକରଣ' ହୋଇଯାଏ; ସାମ୍ପ୍ରଦାୟିକ ସମ୍ପ୍ରୀତିର କଥା କହିବା ଦୁର୍ବଳତା ହୋଇଯାଏ ଏବଂ ନାଗରିକ ସ୍ୱାଧୀନତାର ପକ୍ଷରେ କଥା କହିବା 'ବିପଦ୍‌ଜନକ ବୌଦ୍ଧିକତା' ହୋଇଯାଏ। ଏଠାରେ ଲକ୍ଷ୍ୟ କେବଳ ଜଣେ ବ୍ୟକ୍ତିଙ୍କୁ ଚୁପ୍ କରିବା ନୁହେଁ। ଲକ୍ଷ୍ୟ ହେଉଛି ଅନ୍ୟମାନଙ୍କ ମନରେ ଭୟ ତିଆରି କରିବା - 'ମୁଁ ଏହି ପ୍ରଶ୍ନଟି କଲେ, ମୋତେ ମଧ୍ୟ ସେହି ନାମରେ ଡକାଯିବ କି?' ଏହା ହେଉଛି ଭାଷାର ଆତ୍ମ-ନିୟନ୍ତ୍ରଣ। ଏହିପରି ଯେତେବେଳେ ମଣିଷ ନିଜେ ନିଜ ମନକୁ ପହରା ଦେବା ଆରମ୍ଭ କରେ, ତା'ପାଇଁ ଆଉ କେହି ପହରାଦାରର ଆବଶ୍ୟକତା ନଥାଏ। କେତେ ଲୋକ ସରକାରକୁ ପ୍ରଶଂସା କରୁଛନ୍ତି ସେଥିରୁ ଶାସନର ସ୍ୱାସ୍ଥ୍ୟ ବା ଗଣତନ୍ତ୍ରର ସ୍ୱାସ୍ଥ୍ୟ ଜଣାପଡ଼େ ନାହିଁ। ଜଣାପଡ଼େ ଯେତେବେଳେ ପ୍ରତ୍ୟେକ ନାଗରିକ ନିର୍ଭୟରେ ଆପଣାର ସ୍ୱାଧୀନ ବୌଦ୍ଧିକତାର ପ୍ରମାଣ ଦେଇଥା'ନ୍ତି। ଗଣତନ୍ତ୍ରରେ ଅସହମତି ଶତ୍ରୁତା ନୁହେଁ। ଆପତ୍ତି ଦେଶଦ୍ରୋହ ନୁହେଁ। ସନ୍ଦେହ ଅପରାଧ ନୁହେଁ। ଯୁକ୍ତି କରିବା ଷଡ଼ଯନ୍ତ୍ର ନୁହେଁ। ଆଉ ବୌଦ୍ଧିକ ସ୍ୱାଧୀନତା କୌଣସି ଅନୁମତିପ୍ରାପ୍ତ ବିଶେଷାଧିକାର ନୁହେଁ। ତେଣୁ 'ବିପଦ୍‌ଜନକ ବୌଦ୍ଧିକତା' ଶବ୍ଦଟି ଆମକୁ ଭୟଭୀତ କରିବା ପୂର୍ବରୁ ଆମେ ଏକ ସରଳ ପ୍ରଶ୍ନ କରିବା ଦରକାର- ବିପଦ କାହା ପାଇଁ?

ସତ କଥା ହେଉଛି - କାଳେ କାଳେ ନିର୍ମଳ ବୌଦ୍ଧିକତା ବା ସ୍ୱାଧୀନ ବୌଦ୍ଧିକତାକୁ ଭୟ କରିଥା'ନ୍ତି ସ୍ୱୈରଚାରୀ, ସ୍ୱେଚ୍ଛାଚାରୀ ବା ଏକଛତ୍ରବାଦୀ ମାନସିକତାର ଶାସକବର୍ଗ। ନ୍ୟସ୍ତସ୍ୱାର୍ଥ ପ୍ରଣୋଦିତ ରାଜନୀତି ସବୁକାଳେ ସାଧାରଣ ଜନତାଙ୍କ ବୁଦ୍ଧି, ବିବେକ ଓ ବିଚାରଶୀଳତାକୁ ନିୟନ୍ତ୍ରଣ କରିବାକୁ ଚାହେଁ। ସେଥିପାଇଁ ସହଜ ମାର୍ଗଟି ହେଉଛି - ସତ୍ୟ ଓ ବାସ୍ତବତାକୁ ମଣିଷ ଯେଉଁ ଭାଷା ଦେଇଥାଏ ବା ଯେଉଁ ଭାଷା ମାଧ୍ୟମରେ ବୁଝିଥାଏ, ସେଇ ଭାଷାକୁ ବଦଳାଇ ଦେବା, କାରଣ ଭାଷା ବଦଳିଗଲେ ବଦଳିଯାଇଥାଏ ମଣିଷର ଅବବୋଧ ଏବଂ ମଣିଷର ସଜ୍ଞାନାତ୍ମକ ଅବଧାରଣା। ଜର୍ଜ ଅରୱେଲ ତେଣୁ ସତର୍କ କରାଇ ଦେଇଛନ୍ତି ଯେ 'ଭଲଚିନ୍ତା' ଯଦି ଶାସକମାନଙ୍କ ଦ୍ୱାରା ଅନୁମୋଦିତ ଚିନ୍ତା ହୁଏ ଏବଂ ଶାସକମାନଙ୍କ ଦ୍ୱାରା ଅନୁମୋଦିତ ଭାଷାକୁ ବିନା ପ୍ରଶ୍ନରେ ମାନି ନିଆଯାଏ, ତେବେ 'ଚିନ୍ତାର ସ୍ୱାଧୀନତା' ସହ 'ଭାଷାର ସ୍ୱାଧୀନତା' ମଧ୍ୟ ବିପନ୍ନ ହୁଏ।

ତେଣୁ ପ୍ରତ୍ୟେକ ଦେଶର ନାଗରିକମାନଙ୍କୁ ନିର୍ଦ୍ଦିଷ୍ଟ ରାଜନୀତି-ଆଧାରିତ ଅନୁମୋଦିତ 'ଭଲଚିନ୍ତା', ବିଶେଷ କରି ରାଜନୈତିକ ଭାଷା ପ୍ରତି ସତର୍କ, ସଜାଗ ରହିବାକୁ ହେବ। ଅର୍‌ୱେଲ୍ କହିଥିବା ପରି 'ନିଉସ୍ପିକ୍' - ନୂଆଭାଷା ବା ଶାସକଙ୍କ ଅନୁମୋଦିତ ଭାଷା-ପ୍ରକରଣରେ 'ନିରୋଳା ବୌଦ୍ଧିକତା' ଯେତେବେଳେ 'ବିପଦ୍‌ଜନକ ବୌଦ୍ଧିକତା' ଭାବରେ ନାମିତ ହୋଇଯାଏ, ଯେତେବେଳେ 'ଫାନାଟିକ୍' ଶବ୍ଦଟି ଅନ୍ଧ ଅନୁଗାମୀ ବା ଅନ୍ଧଅନୁସରଣକାରୀର ବିଶେଷଣ ନ ହୋଇ ହିଟଲର୍ ପରି ଜଣେ ଏକଛତ୍ରବାଦୀ କ୍ରୂରଶାସକର ବିଶେଷଣ ଭାବରେ ବ୍ୟବହୃତ ହୋଇଥାଏ, ସେତେବେଳେ ବୁଝିବାକୁ ହେବ, ଇଂରାଜୀ କବି ଇୟେଟସ୍‌ଙ୍କ ଭାଷାରେ ଯେ 'ମିଅର୍ ଏନାର୍କି ଇଜ୍ ଲୁଜ୍‌ଡ ଅପନ୍ ଦ ଆର୍ଥ' - ଅର୍ଥାତ୍ ଅରାଜକ ଭାବଭାବନାର ରାଜୁତିର ଭୟାନକ ମୁହୂର୍ତ୍ତ ଆସି ଉପନୀତ ହେଇସାରିଲାଣି ଏବଂ ଏଣିକି ନାଗରିକମାନଙ୍କୁ କଳେବଳେ କୌଶଳେ ବୁଝାଇ ଦିଆଯିବ ଯେ ସ୍ୱାଧୀନତା, ସମାନତା, ସହନଶୀଳତା, ସଂପ୍ରୀତି, ନ୍ୟାୟ, ମୁକ୍ତ ମତପ୍ରକାଶ ପ୍ରତ୍ୟେକଟି ହେଉଛି ଗୋଟିଏ ଗୋଟିଏ ଅନାଦର୍ଶ ଏବଂ ଚିନ୍ତା ଓ ଭାଷାର ସ୍ୱାଧୀନତା ସପକ୍ଷରେ ସ୍ୱର ଉତ୍ତୋଳନ କରିବା ହେଉଛି 'ବିପଦ୍‌ଜନକ ବୌ÷ଦ୍ଧିକତା'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ସରକାରୀ ଚାକିରି ପାଇଁ ଲମ୍ବା ଧାଡ଼ି

**ହୃଷୀକେଶ ପ୍ରଧାନ**

ପରିସଂଖ୍ୟାନକୁ ଦେଖିଲେ ଏକ ଅସ୍ୱସ୍ତିକର କଥା ସ୍ପଷ୍ଟ ଯେ ଶିକ୍ଷା, ଦକ୍ଷତା ବିକାଶ ଓ ଧନ୍ଦାମୂଳକ ପ୍ରଶିକ୍ଷଣରେ ଦଶନ୍ଧି ଧରି ହୋଇଥିବା ବିନିଯୋଗ ଯୋଗୁଁ ଆଜିର ଭାରତୀୟ ଯୁବପିଢ଼ି ସେମାନଙ୍କ ପୂର୍ବଜଙ୍କ ପିଢ଼ି ଅପେକ୍ଷା ଅଧିକ ଶିକ୍ଷିତ। ତଥାପି ଏହି ସଫଳତାର ପ୍ରତିନିଧିତ୍ୱ କରୁଥିବା ସ୍ନାତକମାନେ ହିଁ ଚାକିରି ପାଇବାରେ ସବୁଠାରୁ ବେଶୀ ସଂଘର୍ଷ କରୁଛନ୍ତି। ଭାରତର ସ୍ନାତକମାନଙ୍କ ମଧ୍ୟରେ ବେକାରୀ ହାର, ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରି ନ ଥିବା ବ୍ୟକ୍ତିମାନଙ୍କ ତୁଳନାରେ ତିନିଗୁଣରୁ ଅଧିକ। ଚାକିରି ନ ପାଇ ଘରେ ବସିଥିବା ଲୋକମାନେ ମଧ୍ୟ ଉଚ୍ଚ ଯୋଗ୍ୟତା ସମ୍ପନ୍ନ। ଏହା ହିଁ ଭାରତରେ ଚାକିରି ସଙ୍କଟର ମୂଳରେ ଥିବା ବିରୋଧାଭାସ।

୧୫ ରୁ ୨୯ ବର୍ଷ ବୟସର ପ୍ରାୟ ୩୦ କୋଟି ଭାରତୀୟଙ୍କ ମଧ୍ୟରୁ ପ୍ରାୟ ୧୪.୧ କୋଟି ଶ୍ରମ କ୍ଷେତ୍ରରେ ନିୟୋଜିତ ଏବଂ ସେମାନଙ୍କ ମଧ୍ୟରୁ ୧୨.୭ କୋଟି ସ୍ଥାୟୀ ନିଯୁକ୍ତ। ପୁଣି ଏହି ସ୍ଥାୟୀ ନିଯୁକ୍ତଙ୍କ ମଧ୍ୟରୁ ମାତ୍ର ଆଠ ଭାଗରୁ ଗୋଟିଏ ଭାଗ ନିୟମିତ ଦରମା, ସାମାଜିକ ସୁରକ୍ଷା ପାଇବା ସହିତ ସେମାନଙ୍କ ପାଇଁ କ୍ୟାରିଅର ଅଗ୍ରଗତିର ପଥ ଉନ୍ମୁକ୍ତ ରହିଛି, ଯାହାକୁ 'ଭଲ ଚାକିରି'ର ମୌଳିକ ଲକ୍ଷଣ ଭାବେ ଦେଖାଯାଏ। ବାକି ଲୋକେ ଅସ୍ଥାୟୀ ଶ୍ରମିକ ଭାବେ ଅନିୟମିତ, ସ୍ୱଳ୍ପ ଦରମା ବା ଅସ୍ଥାୟୀ କାର୍ଯ୍ୟ ଉପରେ ନିର୍ଭରଶୀଳ। ଅନେକେ ଅବେତନ ପାରିବାରିକ କାର୍ଯ୍ୟ କିମ୍ବା କୌଣସି ସୁରକ୍ଷା ବିନା କ୍ଷୁଦ୍ର ସ୍ୱ-ନିଯୁକ୍ତ ଉଦ୍ୟୋଗରେ ନିୟୋଜିତ।



ଅନ୍ୟ ଏକ ଦୃଷ୍ଟିକୋଣରୁ ଦରମା କଥାକୁ ଆଲୋଚନା କରିବା। ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରି ନ ଥିବା ଜଣେ ଶ୍ରମିକ ମାସିକ ପ୍ରାୟ ୧୨, ୦୦୦ ଟଙ୍କା ରୋଜଗାର କରନ୍ତି। ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ କଲେ ଏହା ମାତ୍ର ୧, ୦୦୦ ଟଙ୍କା ବଢ଼େ, ଯାହା ଜଣେ ଯୁବକ ବା ଯୁବତୀଙ୍କ ଆର୍ଥିକ ସ୍ୱାଧୀନତା ତଥା ଆତ୍ମନିର୍ଭରଶୀଳତା ପାଇଁ ଯଥେଷ୍ଟ ନୁହେଁ। ସମ୍ପୂର୍ଣ୍ଣ ଡିଗ୍ରୀ ପରେ ହିଁ ରୋଜଗାର ଉଲ୍ଲେଖନୀୟ ଭାବେ ବଢ଼େ। ଏହା ୨୩, ୦୦୦ ଟଙ୍କାରୁ ଅଧିକ ହେବାର ଦୃଷ୍ଟାନ୍ତ ରହିଛି। ଅର୍ଥାତ୍ ଭାରତରେ ଶିକ୍ଷା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଏହାର ପ୍ରକୃତ ଫଳ ମିଳେ ନାହିଁ ଏବଂ ସେଠାରେ ପହଞ୍ଚିବାକୁ ଏତେ ବର୍ଷ ଲାଗେ ଯେ, ଅନେକ ପରିବାର ଏହାକୁ ସହଜରେ ବହନ କରିପାରନ୍ତି ନାହିଁ। ଏହା ସରକାରୀ ଚାକିରି ପ୍ରତି ଥିବା ଆସକ୍ତିକୁ ବୁଝାଏ।

ଜାତି, ଶ୍ରେଣୀ ଓ ସମ୍ପର୍କକୁ ନ ଦେଖି ସରକାରୀ ପଦବୀଗୁଡ଼ିକରୁ କେବଳ ଯୋଗ୍ୟତା ଆଧାରରେ ମିଳୁଥିବା ନ୍ୟାୟୋଚିତ ଦରମା, ସ୍ଥିରତା ଓ ମର୍ଯ୍ୟାଦା ପ୍ରଭୃତି ବେସରକାରୀ ଅର୍ଥନୀତିରୁ ମିଳିପାରେ ନାହିଁ। ଆଭିଜାତ୍ୟ ନେଟୱାର୍କ ଏବଂ ପାରିବାରିକ ପୁଞ୍ଜି ପାଇଁ ପ୍ରବେଶ ସୁଯୋଗ ନ ଥିବା ପ୍ରଥମ ପିଢ଼ିର ସ୍ନାତକମାନଙ୍କ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ହେଉଛି ସେହି କେତେକ ପ୍ରତିଯୋଗିତା ମଧ୍ୟରୁ ଗୋଟିଏ, ଯାହା ସେମାନେ କେବଳ ନିଜ ଦକ୍ଷତା ବଳରେ ହାସଲ କରିପାରନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ, ୨୦୨୪ରେ ପ୍ରାୟ ୩୦ ଲକ୍ଷ ପ୍ରାର୍ଥୀ ୧୭, ୭୦୦ ସରକାରୀ ପଦବୀ ପାଇଁ ପ୍ରତିଯୋଗିତା କରିଥିଲେ। ଅର୍ଥାତ୍ ପ୍ରତ୍ୟେକ ଖାଲି ପଦବୀ ପାଇଁ ପ୍ରାୟ ୧୭୦ ଜଣ ପ୍ରାର୍ଥୀ।

କୋଚିଂ ସେଣ୍ଟର ବାହାରେ ଡେରା ପକାଇଥିବା କିମ୍ବା ବର୍ଷ ବର୍ଷ ଧରି ବାରମ୍ବାର ପରୀକ୍ଷା ଦେଉଥିବା ଯୁବକଯୁବତୀମାନଙ୍କର ଏଥିରେ କୌଣସି ଦୋଷ ନାହିଁ। ସମସ୍ୟା ହେଉଛି ସଂରଚନାତ୍ମକ। ଗତ ଦଶନ୍ଧିରେ ଭାରତରେ ଚାକିରି ସୃଷ୍ଟି ଅପେକ୍ଷା ଅର୍ଥନୀତିରେ ଯଥେଷ୍ଟ ବୃଦ୍ଧି ହୋଇଛି। କାରଣ ନିଯୁକ୍ତି ପଛରେ ରହିଥିଲେ ସୁଦ୍ଧା ପୁଞ୍ଜି ଓ ପ୍ରଯୁକ୍ତି-ସଂଶ୍ଲିଷ୍ଟ କ୍ଷେତ୍ରଗୁଡ଼ିକ ଆଗେଇଛନ୍ତି। ଏହି ଶ୍ରମଶକ୍ତିକୁ ଅବଶୋଷଣ କରିପାରୁଥିବା କ୍ଷେତ୍ର, ଯଥା- ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସରକାରୀ ବ୍ୟୟ ଏବେ ବି ଦେଶର ନିଜସ୍ୱ ଲକ୍ଷ୍ୟ ଠାରୁ କମ୍ ଅଛି। ଇତିମଧ୍ୟରେ ସେଗୁଡ଼ିକୁ ପୂରଣ କରିବା ସାମର୍ଥ୍ୟଠାରୁ ଆକାଂକ୍ଷୀ ଅର୍ଥନୀତିର ହାର ଦ୍ରୁତବେଗରେ ବଢ଼ିଛି। ଫଳରେ ଅନେକଙ୍କର ଲକ୍ଷ୍ୟ ସ୍ପଷ୍ଟ ଥିବା ସତ୍ତ୍ୱେ ସ୍ଥାନୀୟସ୍ତରରେ ତାହା ପୂରଣ ହୋଇପାରେନି।

ଭାରତକୁ ପ୍ରକୃତରେ ଆବଶ୍ୟକ ବଡ଼ ସଂସ୍କାର। ସ୍ନାତକ ସୃଷ୍ଟିକାରୀ ଗତିରେ ହିଁ ସାର୍ଥକ ଚାକିରି ସୃଷ୍ଟି ଅର୍ଥନୀତିର ବିକଳ୍ପ ହୋଇପାରିବ ନାହିଁ। କେବଳ ପ୍ରଶ୍ନପତ୍ର ପ୍ରଘଟ ସମସ୍ୟାର ସମାଧାନ ହୋଇଗଲେ ୩୦ କୋଟି ଯୁବ ନାଗରିକଙ୍କୁ ମାତ୍ର ୧.୫ କୋଟି ଗ୍ରହଣୀୟ ଚାକିରି ପ୍ରଦାନ କରୁଥିବା ଏକ ଶ୍ରମ ବଜାରକୁ ଠିକ୍ କରାଯାଇପାରିବ ନାହିଁ। ଯେପର୍ଯ୍ୟନ୍ତ ଅର୍ଥନୈତିକ ବୃଦ୍ଧି କେବଳ ଉତ୍ପାଦନର ଉତ୍ସ ତଥା ସୁଯୋଗର ଇଞ୍ଜିନ ହୋଇନଥିବ, ସେପର୍ଯ୍ୟନ୍ତ ଭାରତର ସର୍ବାଧିକ ଶିକ୍ଷିତ ପିଢ଼ି ସେହି ସମଭିଡ଼ ଥିବା ଦ୍ୱାର ସାମ୍ନାରେ ଲମ୍ବାଧାଡ଼ି ଲଗାଇ ରହିବେ।

ଭୁବନେଶ୍ୱର, ମୋ: ୮୦୧୮୧୭୨୩୦୧

# ମଛିୟାଲ୍ ମହାଦେବ: ମାଛଙ୍କୁ ଅର୍ପଣ କରାଯାଏ ସୁନାତାର

**ଓଜସ୍ୱିନୀ**

## ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ମଛିୟାଲ୍ ମହାଦେବ ମନ୍ଦିର ବା ମଛିୟାଲ୍ ଦେବତା ମନ୍ଦିର ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାର ନାଗରୋଟା ବାଗୱାନ୍‌ଠାରୁ ମାତ୍ର ୨ କିଲୋମିଟର ଦୂରରେ ମୁମତା(ମୋମତା ଖାସ) ଗ୍ରାମରେ ଅବସ୍ଥିତ। ଏହି ଆଧ୍ୟାତ୍ମିକ ସ୍ଥଳରେ ଥିବା ପବିତ୍ର ଜଳାଶୟ ଏବଂ ଏଥିରେ ବାସ କରୁଥିବା ମାଛମାନଙ୍କ ପ୍ରତି ଭକ୍ତମାନଙ୍କର ଗଭୀର ଶ୍ରଦ୍ଧା ରହିଛି। ଏଠାରେ ମାଛକୁ 'ଦେବଦୂତ' ମାନ୍ୟତା ଦିଆଯାଇଛି। ବିଶ୍ୱାସ ରହିଛି ଯେ, ଏଠାରେ ମାଛମାନଙ୍କୁ ଦର୍ଶନ କରି ଅଟା ଖାଇବାକୁ ଦେଲେ ସମସ୍ତ ମନୋବାଞ୍ଛା ପୂର୍ଣ୍ଣ ହେବା ସହିତ ଗ୍ରହଦୋଷରୁ ମୁକ୍ତି ମିଳିଥାଏ।

ଏହି ମନ୍ଦିର 'ମତ୍ସ୍ୟେନ୍ଦ୍ରନାଥ' ବା 'ମଚ୍ଛିନ୍ଦ୍ରନାଥ' ନାମକ ଜଣେ ନାଥ ପନ୍ଥ ସନ୍ଥ ବା ପୂଜ୍ୟଯୋଗୀଙ୍କୁ ଉତ୍ସର୍ଗୀକୃତ, ଯାହାଙ୍କୁ ଭଗବାନ ଶିବଙ୍କ ମତ୍ସ୍ୟ ଅବତାରର ପ୍ରତୀକ ଭାବରେ ବିଶ୍ୱାସ କରାଯାଏ। ନାଥ ଧର୍ମପରମ୍ପରା ସମ୍ପର୍କିତ ବିଭିନ୍ନ ପୁରାଣାଦିରେ ଉଲ୍ଲେଖ ରହିଛି ଯେ, ଏକଦା ଦେବ ଦେବ ମହାଦେବ ଦେବୀ ପାର୍ବତୀଙ୍କୁ ତନ୍ତ୍ର ସମ୍ପର୍କିତ ଜ୍ଞାନ ପ୍ରଦାନ କରୁଥିବା ବେଳେ ଗୋଟିଏ ମାଛ ତାହାକୁ ଶୁଣି ଦେଇଥିଲା। ଉକ୍ତ ମାଛ ମତ୍ସ୍ୟେନ୍ଦ୍ରନାଥ ଭାବେ ପରିବର୍ତ୍ତିତ ହୋଇଗଲେ, ଯିଏକି ନାଥଯୋଗୀଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ। ଏହି ସ୍ଥାନ ମତ୍ସ୍ୟେନ୍ଦ୍ରନାଥଙ୍କ ତପୋସ୍ଥଳୀ ଭାବେ ମଧ୍ୟ ପରିଚିତ। ଯେଉଁସ୍ଥାନରେ ସେ ତପସ୍ୟା କରୁଥିଲେ ସେହି ସ୍ଥାନରେ 'ମଛିନ୍ଦ୍ର ମହାଦେବ' ମନ୍ଦିର ପ୍ରତିଷ୍ଠା କରାଯାଇଛି।

ହିମାଚଳ ପ୍ରଦେଶର ଲୋକକଥା ଏବଂ ନାଥ ପରମ୍ପରା ଅନୁସାରେ ଏହି ସନ୍ଥ ହେଉଛନ୍ତି ହଠଯୋଗର ପ୍ରତିଷ୍ଠାତାମାନଙ୍କ ମଧ୍ୟରୁ ଅନ୍ୟତମ। ସେ ଜଣେ ଶକ୍ତିମାନ ଯୋଗୀ ଭାବେ ଦେବତା ଓ ପ୍ରକୃତି ଉଭୟଙ୍କ ସହିତ ଭାବ ବିନିମୟ ବା କଥାବାର୍ତ୍ତା କରିପାରୁଥିଲେ। ମନ୍ଦିର ପାଖରେ ଗୋଟିଏ ହ୍ରଦ ରହିଛି, ଯାହାର ନାଁ 'ମାଛିୟାଲ ହ୍ରଦ'। ହ୍ରଦର ଆକାର ଛୋଟ ହୋଇଥିଲେ ମଧ୍ୟ ରହସ୍ୟପୂର୍ଣ୍ଣ। ଆଧ୍ୟାତ୍ମିକ କ୍ଷେତ୍ରରେ ଏହାର ବିଶେଷତ୍ୱ ରହିଛି ଏବଂ ଏଥିରେ ବିଚରଣ କରୁଥିବା ମାଛଗୁଡ଼ିକର ସୌନ୍ଦର୍ଯ୍ୟ ଅଲୌକିକ। ପ୍ରତି ମଙ୍ଗଳବାର ଓ ଶନିବାର ଦିନ ଏହି ଅଞ୍ଚଳ ପାରମ୍ପରିକ ଢୋଲ ବାଦ୍ୟ ଓ ରୀତିନୀତି ସହିତ ଜୀବନ୍ତ ହୋଇଉଠେ। ସେହି ସମୟରେ ଗ୍ରାମବାସୀ ଓ ତୀର୍ଥଯାତ୍ରୀମାନେ ମାଛମାନଙ୍କୁ ଅଟାରେ ପ୍ରସ୍ତୁତ ଖାଦ୍ୟ ଦେବାକୁ ଏକାଠି ହୁଅନ୍ତି। ମାଛମାନଙ୍କୁ ଦିଆଯାଉଥିବା ଏହି ନୈବେଦ୍ୟ ବିଶ୍ୱାସ, ଆଶା ଓ କୃତଜ୍ଞତାର ପ୍ରତୀକ। କେବଳ ସେତିକି ନୁହେଁ, ଏଠାରେ କୌଣସି ଭକ୍ତଙ୍କ ମନସ୍କାମନା ପୂରଣ ହେଲେ ସେ ସୁନାରେ ସୂତା ପ୍ରସ୍ତୁତ କରି ମାଛମାନଙ୍କୁ ଅର୍ପଣ କରିଥା'ନ୍ତି, ଯାହାକୁ 'ବାଲୁ' କୁହାଯାଏ। ଭକ୍ତମାନେ ପାରମ୍ପରିକ ବାଦ୍ୟ ସହିତ 'ମଛିଆଲ୍ ହ୍ରଦ'ରେ ସେହି 'ବାଲୁ'କୁ ମାଛମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି, ନଚେତ୍ ମନ୍ଦିର ପାଖରେ ବାନ୍ଧି ଦେଇଥା'ନ୍ତି। ଦିବ୍ୟମାଛଙ୍କ ପ୍ରତି ଏହା ହେଉଛି କୃତଜ୍ଞତାର ସର୍ବଶ୍ରେଷ୍ଠ ପ୍ରତୀକ।

ମଚ୍ଛିନ୍ଦ୍ରନାଥ ଏବଂ ଏହି ମାଛମାନଙ୍କ ସହିତ ଜଡ଼ିତ କିମ୍ବଦନ୍ତୀ ଅନୁସାରେ, ଭଗବାନ ଶିବ ସମୁଦ୍ର ତଳେ ଜ୍ଞାନର ପ୍ରସାର କରିବା ପାଇଁ ଏକଦା ଗୋଟିଏ ମାଛର ରୂପ ନେଇଥିଲେ। ମୌଖିକ ପରମ୍ପରା ଅନୁସାରେ, ମନ୍ଦିରର ସ୍ଥାନ ସ୍ୱୟଂ ପ୍ରଭୁଙ୍କ ଦ୍ୱାରା ଚୟନ କରାଯାଇଥିଲା ଏବଂ ସ୍ୱପ୍ନ ଓ ସଙ୍କେତ ମାଧ୍ୟମରେ ଯୋଗୀଋଷିମାନେ ମହାଦେବଙ୍କୁ ଦର୍ଶନ କରିବା ସହିତ ସ୍ଥାନ ସମ୍ପର୍କିତ ତଥ୍ୟ ଲୋକମୁଖରେ ପ୍ରକାଶ କରିଥିଲେ। ବିଶ୍ୱାସ ରହିଛି ଯେ, ଦିବ୍ୟଶକ୍ତି ସିଧାସଳଖ ଏହି ହ୍ରଦ ଦେଇ ପ୍ରବାହିତ ହୁଏ ଏବଂ ମାଛମାନେ ଏହି ଦିବ୍ୟଶକ୍ତିର ରକ୍ଷକ ଓ ବାହକ ଭାବରେ କାର୍ଯ୍ୟ କରନ୍ତି। ଏଠାରେ ମାଛ ଶିକାର ସମ୍ପୂର୍ଣ୍ଣ ବର୍ଜିତ। ଏପରିକି ଏଠାରେ କେହି ମାଛରେ ପ୍ରସ୍ତୁତ କୌଣସି ବ୍ୟଞ୍ଜନ ଖାଇବା ପାଇଁ ଚିନ୍ତା ମଧ୍ୟ କରନ୍ତି ନାହିଁ। କାରଣ ଏଭଳି କରିବା ଦ୍ୱାରା ଉକ୍ତ ବ୍ୟକ୍ତିଙ୍କୁ ଅଶୁଭ ପରିଣାମ ଭୋଗିବାକୁ ପଡ଼େ ଏବଂ ଅଚାନକ କୌଣସି ବିପତ୍ତି ବା ରହସ୍ୟମୟ ଦୁର୍ଘଟଣାର ଶିକାର ହେବାକୁ ପଡ଼ିଥାଏ ବୋଲି ଲୋକୋକ୍ତି ପ୍ରଚଳିତ। ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଏଭଳି ଜିହ୍ୱାଲାଳସା ତ୍ୟାଗ କରିବାକୁ ପୂର୍ବରୁ ସୂଚିତ କରାଯାଏ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସମୁଦ୍ରରେ ବୁଡ଼ିଗଲେ ୮ ଛାତ୍ର

ପୁନେ, ୧।୧୦: ମହାରାଷ୍ଟ୍ରର ପୁନେ ସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରର ୮ ଜଣ ଛାତ୍ର ସମୁଦ୍ରରେ ବୁଡ଼ିଯାଇଛନ୍ତି। ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ୪୮ ଜଣ ଛାତ୍ରଛାତ୍ରୀ ପିକନିକ୍ ଲାଗି ରାଇଗଡ଼ ଜିଲ୍ଲା ଦିବେଗର ବେଳାଭୂମି ଯାଇଥିଲେ। ଏଥିରେ ୨୫ ଛାତ୍ର ଓ ୧୭ ଛାତ୍ରୀ ଥିଲେ। ପିକନିକ୍ ବେଳେ ୮ ଜଣ ଛାତ୍ର ଗାଧୋଇବା ଲାଗି ଗଭୀର ସମୁଦ୍ର ଭିତରକୁ ପଶିଯାଇଥିଲେ। କିନ୍ତୁ ସେମାନେ ଆଉ ବାହାରକୁ ଆସି ପାରିନଥିଲେ। ସମୁଦ୍ର ଭିତରେ ବୁଡ଼ିଯାଉଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ କରାଯାଇଥିଲା। କିନ୍ତୁ ଜୁଆରରେ ସେମାନେ ଭାସିଯାଇଥିଲେ। ଖବର ପାଇ ଉଦ୍ଧାରକାରୀ ଦଳ ପହଞ୍ଚି ସମସ୍ତ ୮ ଜଣ ଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୁମ୍ବାଇ ଠାରୁ ୧୭୦ କିଲୋମିଟର ଦୂର ପ୍ରସିଦ୍ଧ ଦିବେଗର ବେଳାଭୂମିରେ ଏହି ଅଘଟଣ ଘଟିଛି।

## ୩୭ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୫ ପାଇଁ ଦରଖାସ୍ତ ଆହ୍ୱାନ

ଭୁବନେଶ୍ୱର,୧।୧୦(ସମିସ): ୩୭ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୫ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୩୧ ଅକ୍ଟୋବର, ୨୦୨୬ ତାରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର ସଫ୍ଟ କପି (ପେନ୍‌ଡ୍ରାଇଭ)କୁ ରେଜିଷ୍ଟର୍ଡ ପୋଷ୍ଟ/ ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ଓଡ଼ିଆ ଚଳଚ୍ଚିତ୍ର ଉପରେ ଲିଖିତ ଶ୍ରେଷ୍ଠ ଲେଖା (ବୁକ୍/ ମନୋଗ୍ରାଫ୍) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକମାନେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଆବେଦନ କରିବା ସହିତ ଉକ୍ତ ବୁକ୍/ମନୋଗ୍ରାଫର ୧୦ଖଣ୍ଡ ନକଲ ଚଳିତ ଅକ୍ଟୋବର ୩୧ତାରିଖ ସୁଦ୍ଧା ରେଜିଷ୍ଟ୍ରର୍ଡ ପୋଷ୍ଟ/ ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାହା ଚାପରେ ଏସ୍‌ଆଇଆର୍...

କରିଥିଲେ। ଏ ସମ୍ପର୍କରେ ସେମାନେ ପୁଲିସ ନିକଟରେ ମଧ୍ୟ ଅଭିଯୋଗ ଦାଖଲ କରିଥିଲେ। ଏସ୍‌ଆଇଆର୍ ଯାଞ୍ଚ ନାମରେ ସେମାନଙ୍କଠାରୁ ଓଟିପି ନିଆଯାଇ ସେମାନଙ୍କର ଲଗ୍‌ଇନ୍ ଓ କ୍ରେଡେ଼ନସିଆଲ ବ୍ୟବହାର ପରି ଫର୍ମ ୭ ଦାଖଲ କରାଯାଇଥିବା ଅଭିଯୋଗ କରିଥିଲେ। ଏଥିରେ ସେମାନଙ୍କର କୌଣସି ସଂପୃକ୍ତି ନ ଥିବା ଦର୍ଶାଇ ଏ ସମ୍ପର୍କରେ ତଦନ୍ତ ନିମନ୍ତେ ପୁଲିସକୁ ଅନୁରୋଧ କରିଥିଲେ। ତେବେ ବିଏଲ୍‌ଓମାନଙ୍କ ଅଜାଣତରେ ସେମାନଙ୍କ ଲଗଇନ୍ ଆଇଡି ଓ ଓଟିପି କିପରି ବ୍ୟବହାର ହେଲା? ୩ ହଜାରରୁ ଅଧିକ ଫର୍ମ-୭ କିଏ ଦାଖଲ କଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୁଣି କେଉଁ ଡିଭାଇସ୍ ଓ ଆଇପି ଠିକଣାରୁ ଆବେଦନ ହେଲା? ଓଟିପି କେଉଁଠାରେ ବ୍ୟବହାର ହୋଇଥିଲା ଆଦି ଘଟଣାର ନିରପେକ୍ଷ ତଦନ୍ତ ଦାବି ହୋଇଛି। ଏ ସମ୍ପର୍କରେ ଡ଼ିଜିଟାଲ ଯାଞ୍ଚ ହେଲେ ଘଟଣା ସମ୍ପର୍କରେ ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଯିବବୋଲି ମତଦାତାମାନେ ଦାବି କରିଛନ୍ତି। ଧାମନଗରର ଏହି ଘଟଣା ରାଜ୍ୟ ତଥା ଦେଶରେ ଭୋଟର ତାଲିକାର ଡିଜିଟାଲ୍ ସୁରକ୍ଷା, ପ୍ରଶାସନିକ ତଦାରଖ ଓ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଶ୍ନ ଛିଡ଼ା କରିଛି। ବିଏଲ୍‌ଓ ଜୟନ୍ତୀ ମହାନ୍ତି ତାଙ୍କ ଅଜାଣତରେ ନିଜସ୍ୱ ଲଗଇନ୍ ଆଇଡିରେ ଫର୍ମ-୭ ଆବେଦନ ହୋଇଥିବା ସେ ଜାଣିବାକୁ ପାଇଥିଲେ ବୋଲି ଅଭିଯୋଗ ହୋଇଛି। ସେ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ହେଁ ଆବେଦନକାରୀମାନେ ରାୟଗଡ଼ା, ମଣିପୁର ଆଦି ଅନ୍ୟ ଅଞ୍ଚଳର ହୋଇଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ମତଦାତା ସୂଚୀରୁ ଲକ୍ଷଲକ୍ଷ ଭୋଟରଙ୍କୁ ବାଦ ଦିଆଯିବା ଘଟଣା ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

### ଆଜିଠୁ ଜ୍ଞାନେଶ...

କରିଦେଇଥିବାରୁ କକ୍ରୋଚ୍ ପାର୍ଟିର କର୍ମକର୍ତ୍ତା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଅନୁମତି ନମିଳିଲେ ମଧ୍ୟ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବେ। ଆବଶ୍ୟକ ପଡ଼ିଲେ ଜେଲଭରୋ ଆନ୍ଦୋଳନ ମଧ୍ୟ କରାଯିବ। ଅନୁମତି ବାହାନାରେ ସରକାର ସାଧାରଣ ନାଗରିକର ସ୍ୱର ଚପାଇ ପାରିବେ ନାହିଁ। ପାର୍ଟିର ଆବାହକ ଅଭିଜିତ ଦୀପକେ କହିଛନ୍ତି ଯେ କାଲିଠାରୁ ମୁମ୍ବଇରୁ ଜ୍ଞାନେଶ-ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇ ବେଙ୍ଗାଲୁରୁ, ଗୋଆ, କୋଲକାତା, ପାଟନା ଓ ରାଞ୍ଚି ପର୍ଯ୍ୟନ୍ତ ସହରକୁ ବ୍ୟାପିବ। ଏହାପରେ ଏହାକୁ ଜାତୀୟ ସ୍ତରକୁ ନିଆଯିବ। ଜ୍ଞାନେଶ କୁମାରଙ୍କୁ ହଟାଇବା ସହିତ ତାଙ୍କ ବିରୋଧରେ ଅପରାଧିକ ମାମଲା ଦାଏର କରିବା, ଏସଆଇଆର ବାତିଲ କରିବା ଏବଂ ନିର୍ବାଚନ କମିସନ ଆଇନ,୨୦୨୩ ସଂଶୋଧନକୁ ପ୍ରତ୍ୟାହାର କରିବା ପାଇଁ କକ୍ରୋଚ୍ ପାର୍ଟି ଦାବି କରିଛି।

ସେହିଭଳି ଯନ୍ତରମନ୍ତରରେ ମଧ୍ୟ ଜ୍ଞାନେଶ ବିରୋଧୀ ପ୍ରତିବାଦ ସଭା ପାଇଁ ଅନୁମତି ଦେବାକୁ ଦିଲ୍ଲୀ ପୁଲିସ ମନା କରିଦେଇଛି। ଅଲ ଇଣ୍ଡିଆ ଷ୍ଟୁଡେଣ୍ଟସ ଆସୋସିଏସନ, ରାଜ୍ୟସଭା ସାଂସଦ ମନୋଜ ଝା ଏବଂ ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହି ପ୍ରତିବାଦ ସଭା ପାଇଁ ଅନୁମତି ଲୋଡ଼ିଥିଲେ। ସେମାନେ ଜ୍ଞାନେଶ କୁମାରଙ୍କୁ ବହିଷ୍କାର ପାଇଁ ଦାବି କରିଛନ୍ତି। ଏହି ସଭାରେ ୩ରୁ ୪ ହଜାର ଲୋକ ଆସିପାରନ୍ତି ବୋଲି ପୁଲିସ ଆଶଙ୍କା ପ୍ରକାଶ କରିବା ସହିତ ଏହାକୁ ରୋକବା ଲାଗି ଯନ୍ତରମନ୍ତରକୁ ସିଲ୍ କରିଦେଇଛି। ଏହାର ଆଖପାଖ ରାସ୍ତାରେ ବାରିକେଡ୍ ଲଗାଇ ସିଲ୍ କରାଯାଇଛି। ଦିଲ୍ଲୀ ପୁଲିସ ସମେତ କେନ୍ଦ୍ରୀୟ ସଶସ୍ତ୍ର ବାହିନୀକୁ ବିପୁଳ ସଂଖ୍ୟାରେ ମୁତୟନ କରାଯାଇଛି। ଏହି ପ୍ରତିବାଦ ସଭାରେ ଯୁବ କଂଗ୍ରେସ, ଆପ୍ ଏବଂ ଅନ୍ୟ ସଂଗଠନର କର୍ମୀ ଓ କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଯନ୍ତରମନ୍ତର ସଭାରେ ଏବେ କକ୍ରୋଚ ପାର୍ଟି ସାମିଲ ହେବନାହିଁ ବୋଲି ଜଣାପଡ଼ିଛି।

### ଟିସିଏସ୍‌କୁ କିଏ ନିର୍ଦ୍ଦେଶ...

କିଏ ନିର୍ଦ୍ଦେଶ ଦେଇଥିଲେ ଏବଂ କମ୍ପାନୀ ଭିତରେ ଏହାକୁ କିଏ ଅନୁମୋଦନ କରିଥିଲେ। ରାହୁଲ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, ଟିସିଏସ୍ ଉପରେ କୌଣସି ଚାପ ଥିଲା କି ନାହିଁ। ଏସଂପର୍କରେ ନିର୍ବାଚନ କମିସନ ଜବାବ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ ଅନୁସାରେ, ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଫର୍ମ-୬ରେ ପରିବର୍ତ୍ତନ ନେଇ ପ୍ରଶ୍ନ ଉଠାଇଥିଲେ। ନିୟମରେ ପରିବର୍ତ୍ତନ ନକରି ଫର୍ମରେ ନୂଆ ବିଭାଗ ଯୋଡ଼ାଯାଇଥିବା ନେଇ ସେମାନେ ଆପତ୍ତି ଜଣାଇଥିଲେ। ଖବର ପ୍ରକାଶ ପାଇବା ପରେ ଏସ୍‌ଆଇଆର୍ ସମାପ୍ତ ହୋଇଥିବା ରାଜ୍ୟଗୁଡ଼ିକରେ ଫର୍ମ-୬ରୁ ଅତିରିକ୍ତ ଘୋଷଣାପତ୍ରକୁ ନିର୍ବାଚନ କମିସନ ହଟାଇଛନ୍ତି। ଏହାପରେ ଏସ୍‌ଆଇଆର୍‌ରେ ନାମ ବାଦ୍ ପଡ଼ିଥିଲେ ପୁଣି ଭୋଟର ତାଲିକାରେ ନାମ ସାମିଲ କରିବା ପାଇଁ ୨୦୦୩ର ଭୋଟର ତାଲିକା ସମ୍ପର୍କିତ ସୂଚନା ଆଉ ଆବଶ୍ୟକ ହେବ ନାହିଁ।

### ଇସିଙ୍କ ଅଫିସ...

ସଂପୃକ୍ତ ଲୋକମାନଙ୍କ ବିରୋଧରେ ଅପରାଧିକ ମାମଲା ଦାଏର କରିବା ଲାଗି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର। ଏହି ଦାବିରେ ସେ ଆଜି ନିର୍ବାଚନ କମିସନ ଅଫିସ ସାମନାରେ ଧାରଣା ଦେଇଥିଲେ। ତାଙ୍କ ସହିତ ଏହି ଧାରଣାରେ ତାଙ୍କର ମନ୍ତ୍ରୀମାନେ ମଧ୍ୟ ସାମିଲ ହୋଇଥିଲେ। ଆଇନଗତ ପରାମର୍ଶ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଶିବକୁମାର ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ୪୫ ଲକ୍ଷ ଭୋଟରଙ୍କୁ କାଟିବା ଲାଗି ବିରାଟ ଷଡ଼ଯନ୍ତ୍ର ଚାଲିଛି। ଏଥିରେ ମୁସଲିମ ଏବଂ ଦଳିତ ଭୋଟରଙ୍କୁ ଟାର୍ଗେଟ କରାଯାଉଛି। ଏସଂପର୍କରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ମଧ୍ୟ ଅବଗତ ଅଛନ୍ତି ଏବଂ ଏଭଳି ଭୋଟରଙ୍କ ଆପତ୍ତିକୁ ଅଣଦେଖା କରାଯାଉଛି।

### ଜ୍ଞାନେଶଙ୍କୁ 'ଭାନିସ୍'...

ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ ମମତା କହିଛନ୍ତି, ସମ୍ବିଧାନ ଅନୁଯାୟୀ ନିର୍ବାଚନ ଓ ଗଣତନ୍ତ୍ରର ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ସମ୍ମାନ କରାଯାଏ। କିନ୍ତୁ ଅଧିକାରିକ କାର୍ଯ୍ୟ ପାଇଁ ମିଳୁଥିବା ଆଇନଗତ ସୁରକ୍ଷା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ବଙ୍ଗଳାରେ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନକୁ ଟିଏମ୍‌ସି ଆରମ୍ଭରୁ ବିରୋଧ କରୁଥିବା ସେ କହିଛନ୍ତି। ଏହି ପ୍ରକ୍ରିୟାରେ ଭୋଟର କାଟିବା ନେଇ ମଧ୍ୟ ମମତା ଅଭିଯୋଗ କରିଛନ୍ତି। ତେବେ ତାଙ୍କ ଦାବିଗୁଡ଼ିକୁ ନେଇ ନିର୍ବାଚନ କମିସନଙ୍କ ପକ୍ଷରୁ ଏହି ରିପୋର୍ଟରେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

### ସମାଧାନ ନିକଟତର...

କୋଟି ଲୋକଙ୍କ ଜୀବନଜୀବିକାର ପନ୍ଥା ହେଉଛି ମହାନଦୀ। ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳ ଯୋଗାଣ, ପର୍ଯ୍ୟାବରଣ ଆଦି ଅନେକ ବିଷୟରେ ସେ ବୈଠକରେ ଉପସ୍ଥାପନ କରିଛନ୍ତି। ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣରେ ଜଳ ଉପଲବ୍ଧ ହେବ, ବୈଠକରେ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି। ଆମର ଡବଲ ଇଞ୍ଜିନ ସରକାର ଆସିବା ପରେ, ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ମହାନଦୀ ସମସ୍ୟାର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆଇନଗତ ପ୍ରକ୍ରିୟା ସହିତ ପ୍ରଶାସନିକ ଓ ରାଜନୈତିକ ସମାଧାନର ପନ୍ଥାକୁ ମଧ୍ୟ ବ୍ୟାପକ କରାଯାଇଛି। ୨୦୨୫ ଜୁଲାଇ-ଅଗଷ୍ଟରେ ଆମ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହା ମଧ୍ୟରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଜଳ ସମ୍ପଦ ସଚିବ ସ୍ତରରେ ଅନେକ ବୈଠକ ହୋଇଯାଇଛି। ଗତ ଜୁଲାଇ ମାସରେ ଜଳ ଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜୁଲାଇ ମାସର ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ରାଜ୍ୟର ଆବଶ୍ୟକତା ସମ୍ପର୍କରେ ସେଣ୍ଟ୍ରାଲ୍ ୱାଟର୍ କମିଶନ୍‌ଙ୍କୁ ବିଭିନ୍ନ ପ୍ରସଙ୍ଗ, ତଥ୍ୟ ଓ ସୂଚନା ପ୍ରଦାନ କରାଯାଉଛି। ତିନି ମାସ ମଧ୍ୟରେ ସମାଧାନର ପନ୍ଥା ବାହାର କରିବା ପାଇଁ ସେହି ବୈଠକରେ ଆପାତତଃ ସ୍ଥିର ହୋଇଥିଲା। ଏହା ମଧ୍ୟରେ ଦୁଇ ମାସ ବିତିଗଲାଣି ଏବଂ ଆଶାନୁରୂପ ଅଗ୍ରଗତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମହାନଦୀ ସମସ୍ୟାର ସମାଧାନ ପାଇଁ ଗୃହମନ୍ତ୍ରୀ ଅମିତ ଶାହା ନିଜେ ଦାୟିତ୍ୱ ନେଇ ସମାଧାନର ପନ୍ଥା ବାହାର କରିବା ପାଇଁ ଉଦ୍ୟମ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଡବ୍ଲ୍ୟୁସି ଏହି ବିବାଦର ସମାଧାନର ରାସ୍ତା ବାହାର କରୁଛନ୍ତି। ଉଭୟ ରାଜ୍ୟ ପକ୍ଷରୁ ପ୍ରଦତ୍ତ ତଥ୍ୟ ଏବଂ ଡାଟାର ଅନୁଶୀଳନ କରୁଛନ୍ତି।ଲ ଆଜିର ବୈଠକରେ ଗୃହମନ୍ତ୍ରୀ ମଧ୍ୟ କେତେକ ପରାମର୍ଶ ଦେଇଛନ୍ତି। ତେଣୁ ଆଶା ଅନୁଯାୟୀ ସମୟ ମଧ୍ୟରେ ସମାଧାନର ରାସ୍ତା ବାହାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ କେନ୍ଦ୍ର ଗୃହ ମନ୍ତ୍ରୀ, ଜଳ ଶକ୍ତି ମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହ ମନ୍ତ୍ରାଳୟ, ଜଳଶକ୍ତି ମନ୍ତ୍ରାଳୟ, କେନ୍ଦ୍ରୀୟ ଜଳ ଆୟୋଗ ଏବଂ ଓଡ଼ିଶା ଓ ଛତିଶଗ?ର ମୁଖ୍ୟ ଶାସନ ସଚିବ ଓ ଉଚ୍ଚ ପଦାଧିକାରୀ ଗଣ ଉପସ୍ଥିତ ଥିଲେ।

### ପୂଜା ଭିଜାଇବ...

ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ୧୫ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହୋଇପାରେ। ମାତ୍ର ଲଘୁଚାପ ସୃଷ୍ଟି ହେବାକୁ ଆହୁରି ୨ ସପ୍ତାହ ବାକି ଅଛି ଓ ଅବପାତ ସୃଷ୍ଟି ହେବା ନେଇ ୩୩% ପର୍ଯ୍ୟନ୍ତ ଆଶଙ୍କା ରହିଛି ବୋଲି ଆଇଏମ୍‌ଡି ପକ୍ଷରୁ ଦର୍ଶାଯାଇଛି। ଅକ୍ଟୋବର ୧୬ ତାରିଖଠାରୁ ଷଷ୍ଠୀ ପୂଜା ଆରମ୍ଭ ହେବ; ତେଣୁ ଯଦି ଏହି ଅବପାତ ଅଧିକ ଘନୀଭୂତ ହୁଏ ଏବଂ ଆନ୍ଧ୍ରରୁ ପଶ୍ଚିମବଙ୍ଗ ମଧ୍ୟରେ ପ୍ରଭାବ ପକାଏ, ତେବେ ପୂଜାକୁ ବର୍ଷା ଭିଜାଇବ ବୋଲି କରାଯାଉଥିବା ଆଶଙ୍କା ଅମୂଳକ ହେବ ନାହିଁ। ତେବେ ଲଘୁଚାପ ସୃଷ୍ଟି ହେଲେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ପାଇଁ ବିପଦ ରହିବ। ଲଘୁଚାପ ସୃଷ୍ଟି ପରେ ଏହାର ଗତିପଥ ଓ ତୀବ୍ରତା ଅର୍ଥାତ କେତେ ଘନୀଭୂତ ହେବ ତାହା ଜଣାପଡ଼ିବ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବଙ୍ଗୋପସାଗର ଉପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ଜାରି ରହିଛି। ତେବେ ଉତ୍ତର-ପଶ୍ଚିମ ଓ ପଶ୍ଚିମ-ମଧ୍ୟ ବଙ୍ଗୋପସାଗରରେ ଏହା ଦୁର୍ବଳ ହୋଇଛି। ପୂର୍ବ-ମଧ୍ୟ ଓ ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗର ଉପରେ ମୌସୁମୀ ପ୍ରବାହ ତୁଳନାତ୍ମକ ଭାବେ ଅଧିକ ସକ୍ରିୟ ରହିଛି। ତେବେ ୮-୧୫ ଅକ୍ଟୋବର ମଧ୍ୟରେ ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବାତ୍ୟା ଗଠନ ପାଇଁ ଅନୁକୂଳ ସଙ୍କେତ ଦେଖାଯାଉଛି। ଏହାର ଅର୍ଥ, ଏକ ନିମ୍ନଚାପ କିମ୍ବା ଅଧିକ ସଂଗଠିତ ପ୍ରଣାଳୀ ଗଠନ ପାଇଁ ପରିସ୍ଥିତି ସହାୟକ ହୋଇପାରେ। ଯଦି ଏହା ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ଅଧିକ ଉତ୍ତରରେ ସୃଷ୍ଟି ହୁଏ, ତେବେ ଉତ୍ତର ଆନ୍ଧ୍ର/ଓଡ଼ିଶା ଦିଗକୁ ଗତି କରିବାର ସମ୍ଭାବନା ବଢ଼ିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ମୌସୁମୀ ଅପସାରଣ ପାଇଁ ପାଗ ଅନକୂଳ ହେବାରେ ଲାଗିଛି। ଆସନ୍ତା ୩-୪ ଦିନ ମଧ୍ୟରେ ଓଡ଼ିଶାରୁ ମୌସୁମୀ ବିଦାୟନେବା ନେବାର ସମ୍ଭାବନା ରହିଛି। ଦେଶର ଅନ୍ୟ ସ୍ଥାନଗୁଡ଼ିକରୁ ମୌସୁମୀ ଅପସାରଣ ଜାରି ରହିଥିବା ବେଳେ ଖୁବ୍‌ଶୀଘ୍ର ମୌସୁମୀ ଓଡ଼ିଶା ଛାଡ଼ିବ ବୋଲି ଆକଳନ କରାଯାଇଛି।

### ବନ୍ଧୁକ ମୁନରେ...

ତୃତୀୟ ମହଲାରେ ରହୁଥିଲେ। ବୁଧବାର ରାତି ସମୟରେ ତାଙ୍କ ଭଉଣୀ ମାର୍କେଟ ଯାଇଥିଲା ବେଳେ ପୀଡ଼ିତା ଏକୁଟିଆ ଥିଲେ। ଏହି ସମୟରେ ଦୁର୍ବୃତ୍ତ ତାଙ୍କ ଘରକୁ ଆସିଥିଲେ। କବାଟ ଠକ୍ ଠକ୍ କରିଥିଲେ। ପୀଡ଼ିତା ତାଙ୍କ ଭଉଣୀ କବାଟ ବାଡ଼ଉଥିବା ଭାବି କବାଟ ଖୋଲିଦେଇଥିଲେ। ହେଲେ କବାଟ ଖୋଲିଲା ପରେ ହାତରେ ବନ୍ଧୁକ ଧରିଥିବା ଜଣେ ମୁଖାପିନ୍ଧା ଯୁବକ ଘର ଭିତରକୁ ପଶି ଆସି ପୀଡ଼ିତାଙ୍କୁ ପ୍ରଥମେ ଆତଙ୍କିତ କରିଥିଲା। ପାଟି ଚୁପ୍ ନ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପୀଡିତା ଭାବିଥିଲେ ଦୁର୍ବୃତ୍ତ ଜଣଙ୍କ ଲୁଟ୍‌ପାଟ୍ କରିବାକୁ ଆସିଛନ୍ତି। ହେଲେ ତା'ର ପରବର୍ତ୍ତୀ କାର୍ଯ୍ୟକଳାପ ପୀଡ଼ିତାଙ୍କ ହୋସ୍ ଉଡାଇ ଦେଇଥିଲା। ଘର ଭିତରକୁ ଯିବା ମାତ୍ରେ ପୀଡ଼ିତାଙ୍କୁ ଅସଦାଚରଣ କରିବା ଆରମ୍ଭ କରିଦେଲା। କିଛି ସମୟ ପରେ ବନ୍ଧୁକ ମୁନରେ ଦୁଷ୍କର୍ମ କରିଥିଲା। ପୀଡ଼ିତା ଯେତେ ନେହୁରା ହେଲେ ବି ସେ କିଛି ଶୁଣୁ ନ ଥିଲା। ଦୁଷ୍କର୍ମ କରିବା ପରେ ସେଠାରୁ ଚାଲି ଯାଇଥିଲା। କିଛି ସମୟ ପରେ ପୀଡ଼ିତାଙ୍କ ଭଉଣୀ ଘରକୁ ଆସିଥିଲେ। ପୀଡିତାଙ୍କୁ ଠାରୁ ସେ ଏଭଳି ଘଟଣା ଶୁଣିବା ପରେ ପ୍ରଥମେ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ନୟାପଲ୍ଲୀ ଥାନାକୁ ଯାଇ ଦୁଷ୍କର୍ମ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଭୁବନେଶ୍ୱର ଡିସିପି ସର୍ବଣା ବିବେକ୍ ଏମ୍., ଜୋନ୍ ଏସ୍‌ପି ଏବଂ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଫୋରେନ୍‌ସିକ୍ ଟିମ୍ ଘର ଛାନ୍‌ଭିନ୍ କରି ନମୁନା ସଂଗ୍ରହ କରିଛି। ଏହାସହ ପୀଡ଼ିତାଙ୍କ ବୟାନ୍ ରେକର୍ଡ କରାଯାଇ ଡାକ୍ତରୀମାଇନା କରାଇଛି। ପୀଡ଼ିତାଙ୍କ ଘର ପାଖାପାଖି ଲାଗିଥିବା ଏକାଧିକ ସିସିଟିଭିକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସ ଚେଷ୍ଟା କରୁଛି। ଏହାସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି କହିଛନ୍ତି। ଅନ୍ୟପକ୍ଷରେ ଏଭଳି ଏକ ଘଟଣା ରାଜଧାନୀର ପୁଲିସିଂ ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଥିଲା ବେଳେ ଲୋମହର୍ଷଣକାରୀ ଦୁଷ୍କର୍ମକୁ ନେଇ ଏକାଧିକ ପ୍ରଶ୍ନ ଉଠିଛି। ଅଭିଯୁକ୍ତ କେମିତି ଜାଣିଲା ଏହି ଦୁଇ ଭଉଣୀ ତୃତୀୟ ମହଲାରେ ରହୁଛନ୍ତି? ବଡ଼ ଉଭଣୀ ଘରେ ନାହାନ୍ତି ମାର୍କେଟ ଯାଇଛନ୍ତି ବୋଲି ଅଭିଯୁକ୍ତ କିଭଳି ଜାଣିଲା? ଅଭିଯୁକ୍ତଙ୍କୁ କ'ଣ ଦୁଇ ଉଭଣୀଙ୍କ ସମ୍ପର୍କରେ ଅନ୍ୟ କେହି ଟିପ୍‌ସ ଦେଉଥିଲା କି? ଏହାପଛରେ କ'ଣ ଏକ ବଡ଼ ଷଡ଼ଯନ୍ତ୍ର ରହିଛି? ଏଥିରେ ଆଖପାଖ ଲୋକ କିମ୍ବା ଦୁଇ ଭଉଣୀଙ୍କୁ ଜାଣିଥିବା ଲୋକଙ୍କ ସମ୍ପୃକ୍ତି ରହିଛି କି? ଅଭିଯୁକ୍ତ କ'ଣ ଅପ୍ରତ୍ୟାଶିତ ଭାବେ କାହା ଘରେ ପ୍ରବେଶ କରି ଏଭଳି ପୁଲିସକୁ ଖୋଲା ଚ୍ୟାଲେଞ୍ଜ୍ କଲା ନା ସେ ପୂର୍ବରୁ ଏଭଳି କାଣ୍ଡ ଘଟାଇଛି? ତା' ନାମରେ ପୂର୍ବରୁ କିଛି ଆପରାଧୀକ ମାମଲା ରହିଛି କି? ଅଭିଯୁକ୍ତର ଗିରଫ ପରେ ହିଁ ଏସବୁ ଉପରୁ ପରଦା ହଟିବ। ଏହି ମାମଲା ସମ୍ପୃକ୍ତ ଥିବା ବିଭିନ୍ନ ଲୋକଙ୍କ କଲ୍ ରେକର୍ଡକୁ ପୁଲିସ ଯାଞ୍ଚ କରୁଥିବା ଜଣାପଡ଼ିଛି।


**DHAMNAGAR COLLEGE DHAMNAGAR,**
**BHADRAK, ODISHA-756117**
Estd.: 1977
Website: dhamnagarcollege.org.in

Sealed tenders are invited from interested publishers/suppliers/distributors for supplying books to the library of Dhamnagar College, Dhamnagar, Bhadrak as per the terms and conditions provided in the college website: **dhamnagarcollege.in.** The quotations should reach the office of the undersigned on or before **15.10.2026 by 4.00 PM** through Speed Post/Registered Post only and should be addressed to the Principal, Dhamnagar College, Dhamnagar, Bhadrak-756117.

Sd/- Principal-cum-Secretary
Dhamnagar College Dhamnagar, Bhadrak



**NOTICE (FOR MINOR)**

By virtue of an affidavit sworn before Executive Magistrate Sinapali dated 01/10/2026. I, **Jagadish Dhakad,** Address: At- Kotamal, Po- Godal, Ps- Sinapali, Dist- Nuapada, Odisha, Pin-766108 declare that I have changed the name of my daughter from **Babi Dhakad** to **Babita Dhakad.** Henceforth, she shall be known as **Babita Dhakard** for all purposes.

**Jagadish Dhakad**



**AFFIDAVIT**

By virtue of an affidavit (CF No. 01, dtd- 01.10.2026) sworn before The Executive Magistrate, Padampur. I, **Hemkumari Chakardhari** (new name), W/o Goutam Rana, permanent resident of Vill- Padampur (Kapsila), W.No.7, PO- Rajborasambar, PS- Padampur, Dist- Bargarh, Odisha declare that I have changed my name from **Hema Rana** (old name) to **Hemkumari Chakardhari** (new name). Henceforth, I shall be known as **Hemkumari Chakardhari** (new name) for all purposes.

**Hemkumari Chakardhari**



GOVERNMENT OF ODISHA 32001/953/2627
OFFICE OF THE SUPERINTENDING ENGINEER,
UPPER KOLAB IRRIGATION DIVISION,
BORIGUMMA, DIST: KORAPUT.
e-Procurement Notice
**Quotation Call Notice No. 03/2026-27 Dated: 28.09.2026**

Sealed quotations/tenders are invited from interested reputed Travel Agencies/Tour Operators or private individuals for providing 1 (One) nos of Electric vehicle having sitting capacity not more than five including driver, which shall conform to the Terms and conditions for official use in the office of the Superintending Engineer, Upper Kolab Irrigation Division, Borigumma, Dist: Koraput on monthly rent basis other necessary documents will be available in the office of the Superintending Engineer Upper Kolab Irrigation Division, Borigumma, Dist: Koraput.

1. Name of the Work : Hiring of an Electric vehicle (Tata Nexon EV, Kia Syros EV, XUV 3X0 EV etc. or equivalent) for all Sub-divisions under U.K. Irrigation Division, Borigumma for the year 2026 - 27.
2. Date & Time of Bidding : 03.10.2026 to 12.10.2026 up to 1.30 Hour.
3. Last date & time for receipt of bids in portal : 12.10.2026 up to 1.30 Hours.
4. Bids received online shall be opened on : 3.00 hours of 12.10.2026.
5. Name and address of the officer inviting Bid : Superintending Engineer, Upper Kolab Irrigation Division, Borigumma (K)

Addendum/corrigendum/cancellation required, if any will be published in the notice board office of the **Superintending Engineer Upper Kolab Irrigation Division, Borigumma, Dist: Koraput.**

(Er. Narendra Kumar Sitha)
Superintending Engineer,
Upper Kolab Irrigation Division,
Borigumma (K)

OIPR-32001/32482/1/26-27/0006



ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର ମଣ୍ଡଳ
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଂ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)

obcc

OFFICE OF THE GENERAL MANAGER, BALANGIR DIVISION
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

ପି.ଡବ୍ଲୁ.ଡି. କ୍ୟାମ୍ପସ, ରୁଗୁଡ଼ିପଡ଼ା, ବଲାଙ୍ଗୀର - ୭୬୭୦୦୧, ଦୂରଭାଷ: ୦୬୬୫ -୨୨୩୨୬୭୭
PWD Campus, Rugudipada, Balangir – 767001, Tel: 0665-2232677, Email: blgrdiv1@obcc.in

Letter No: 742 Date 24.09.2026
34001/921/2627

**NOTICE INVITING TENDER**

| | | |
|---|---|---|
| 01. | Number of Work | 03 (Three) Number Civil Work |
| 02. | Bid Identification No. | 02/ OBCC/ET/BGR/2026-27 |
| 03. | Approximate value of work (excl GST) | 15 to 20 Lakh |
| 04. | Date of availability of bid document in e-procurement portal | From 11.00 Hrs of 03.10.2026 |
| 05. | Last date and time of receipt of online bid | 15.10.2026 till 17.00 Hrs |
| 06. | Opening Date and time of Bid | 11.00 AM of 16.10.2026 |
| 07. | Period of Completion | 05 (FIVE) Calendar months |
| 08. | Class of Contractor | 'C' & 'D' Class Contractor |
| 09. | Address of the officer inviting Bid | S.E. (C) & General Manager, O.B. & C.C. Ltd, Balangir |

12. The Bidders have to participate in ONLINE bidding only. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in.
13. The undersigned has the right to accept or reject the Notice / RFP without assigning any reasons thereof.

S.E. (C) & General Manager
O.B. & C.C. Ltd., Balangir

OIPR-34001/34197/1/26-27/0002



25001/1253/2627
PHONE: OFF: (06852):251263
email: eerwkoraput@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: KORAPUT
Through GEPNIC e-Procurement Notice
Bid Identification No: SERWKPT–Online-09/2026-27

Letter No. 3224 Dtd. 26.09.2026

1 Name of the Work : Special Repair of Road Works
2 Total Numbers of Works : 15 Nos
3 Approximate Estimate Cost : Rs. 8.47 to Rs. 42.28 Lakhs (Approximately)
4 Class of Contractor : "B, C & D" Class
5 Period of Completion : 2 Month
6 Detail of Projects : As per Annexure attached
Other Details as follows :

| Procrument Officer | Bid Identification No | No. of Works | Availability of tender online bidding | | Date & Time of opening of tender in O/o the SE RW Division, Koraput |
|---|---|---|---|---|---|
| | | | From | To | |
| Superintending Engineer, R.W.Division, Koraput | SERWKPT-ONLINE-09/2026-27 | 15 (Fifteen) Nos | 01.10.2026 at 11.00 A.M | 13.10.2026 upto 5.30 P.M | 14.10.2026 at 11.00 AM |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Koraput

OIPR-25001/25088/1/26-27/0010



IDBI BANK

ଆଇଡ଼ିବିଆଇ ବ୍ୟାଙ୍କ ଲିଃ.: ଆଞ୍ଚଳିକ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ୧ମ ମହଲା, ୟୁନିଟ୍ - ୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଓଡ଼ିଶା,
CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍୮(୧)]
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ତା.୦୧.୧୦.୨୦୨୬ରିଖରେ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ପାଇଁ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ଦଖଲ ପ୍ରକାର |
|---|---|---|---|
| **ଋଣଗ୍ରହୀତା: ଭକ୍ତ ଭୂଷଣ ବାରିକ, ଠିକଣା-୧:** ସା: ଶିଶୁପାଳଗଡ, ଲିଙ୍ଗିପୁର, ଲିଙ୍ଗରାଜ, ଓଲ୍ଡ ଟାଉନ୍, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୨, **ଠିକଣା-୨:** ପ୍ଲଟ୍ ନଂ.: ୪୨୨/୫୯୭୩, ଖାତା ନଂ.: ୧୭୩୧/୧୮୨, ଗୌତମ ନଗର, ଭୁବନେଶ୍ୱର ୟୁନିଟ୍ ନଂ.: ୨୮, ଓଡ଼ିଶା - ୭୫୧୦୧୪ / **ସହ-ଋଣଗ୍ରହୀତା: ସ୍ନିଗ୍ଧା ସାମନ୍ତରାୟ,** ସା: ଶିଶୁପାଳଗଡ, ଲିଙ୍ଗିପୁର, ଲିଙ୍ଗରାଜ, ଓଲ୍ଡ ଟାଉନ୍, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୨ | ଟ.୨,୨୦,୨୮,୯୧୦/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୧୫.୦୭.୨୦୨୬ / ୦୧.୧୦.୨୦୨୬ | ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜମିର ପରିମିତ ମୋଟ କ୍ଷେତ୍ର: ଏକର ୦.୦୬୭ ଡିସିମିଲି, ରେକର୍ଡ ଅନୁଯାୟୀ ଖାତା ନଂ.: ୧୭୩୧/୨୪୪, ପ୍ଲଟ୍ ନଂ.: ୪୨୨/୫୯୭୩, କିସମ: ଘରବାରୀ-୨ (ହୋମ୍‌ଷ୍ଟେଡ) ଯାହାର ପୂର୍ବବର୍ତ୍ତୀ ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୧୭୩୧/୧୮୨, ପ୍ଲଟ୍ ନଂ.: ୪୨୨/୫୯୭୩, ଯାହାର ପରବର୍ତ୍ତୀ ଅନୁରୂପ ବନ୍ଦୋବସ୍ତ ଖାତା ନଂ.: ୧୦୪୫, ପ୍ଲଟ୍ ନଂ.: ୪୨୨, ଗ୍ରାମ/ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୨୮, ଗୌତମ ନଗର, ଥାନା: ଭୁବନେଶ୍ୱର, ଥାନା ନଂ.: ୬୫ଏ, ଡିଷ୍ଟ୍ରିକ୍ଟ ସବ୍ ରେଜିଷ୍ଟ୍ରାର: ଭୁବନେଶ୍ୱର ଅଧିନ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା ଏବଂ ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୨୫/୫୨୯୨, ଦକ୍ଷିଣ: ପ୍ଲଟ୍ ନଂ.: ୪୨୨/୫୯୬୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୪୨୨/୫୯୭୨ ସହିତ ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ଏବଂ ଏକକ ଷ୍ଟ୍ରକଚର୍ ଏବଂ ସେଠାରେ ଥିବା ଇରେକ୍‌ସନ୍ / **ସାଙ୍କେତିକ** |
| **ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରଦ୍ୟୁତ କୁମାର ଲେଙ୍କା,** ପିତା: ଜୟନାରାୟଣ ଲେଙ୍କା, **ଠିକଣା-୧:** ପ୍ଲଟ୍ ନଂ.: ୧୯, କସ୍‌ମୋ ଇଷ୍ଟେଟ୍, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୩, **ଠିକଣା-୨:** ଡୁପ୍ଲେକ୍ସ ନଂ.: ୧୫, ସ୍ୱସ୍ତୀ ଗାର୍ଡେନ୍, ସା: ଜଗନାଥପୁର, ପୋ: ବାଲିଅନ୍ତା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୦, **ଠିକଣା-୩:** ଗ୍ରାମ: ନରହରିପୁର, ରେମୁଣା, ଥାନା: ଇଣ୍ଡଷ୍ଟ୍ରିଆଲ ପୋଲିସ୍ ଷ୍ଟେସନ୍, ଜିଲ୍ଲା: ବାଲେଶ୍ୱର, ପିନ୍ - ୭୫୬୦୧୯, **୨) ଶ୍ରୀମତୀ ସୁଚିସ୍ମିତା ଲେଙ୍କା,** ପ୍ଲଟ୍ ନଂ.: ୧୯, କସ୍‌ମୋ ଇଷ୍ଟେଟ୍, କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୩, **ଠିକଣା-୨:** ଡୁପ୍ଲେକ୍ସ ନଂ.: ୧୫, ସ୍ୱସ୍ତୀ ଗାର୍ଡେନ୍, ସା: ଜଗନାଥପୁର, ପୋ: ବାଲିଅନ୍ତା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୦ | ଟ.୧୪,୫୫,୫୦୫.୭୨ + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୨୫.୦୬.୨୦୨୬ / ୦୧.୧୦.୨୦୨୬ | "ସ୍ୱସ୍ତୀ ଗାର୍ଡେନ" ନାମକ ଡୁପ୍ଲେକ୍ସର ସବ୍-ପ୍ଲଟ୍ (ଡୁପ୍ଲେକ୍ସ) ଭାବେ ଚିହ୍ନଟ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ନଂ.: ୧୫, ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ହାଲ ତହସିଲ: ବାଲିଅନ୍ତା, ଥାନା: ବାଲିଅନ୍ତା, ଥାନା ନଂ.: ୧୦, ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ମୌଜା: ଜଗନାଥପୁର, ଖତିୟାନ ନଂ.: ୫୩୨/୯୦୩, ଅନୁରୂପ ପୁରୁଣା ଏଲ୍.ଆର୍ ଖତିୟାନ ନଂ.: ୫୩୨/୨୮୪, ପ୍ଲଟ୍ ନଂ.: ୨୧୧୧/୨୭୧୮, ସ୍ୱତ୍ୱଃ ସ୍ଥିତିବାନ, କ୍ଷେତ୍ର: ଏକର ୧.୪୪୦ ଡିସିମିଲିରୁ ଏକର ୦.୦୩୫.୧୨ ଡିସିମିଲି (୧୫୩୦ ବର୍ଗଫୁଟ), ରାଜ୍ୟ: ଓଡ଼ିଶା, ପିନ୍ - ୭୫୨୧୦୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିଲ୍ଡିଂ, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ବିଲ୍ଡିଂ ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଭୂ-ସଂଲଗ୍ନ ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ / **ସାଙ୍କେତିକ** |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୧୦.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-10-2026

**କାର୍ଯ୍ୟର ନାମ :** 36 ମାସ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ DG ସେଟ୍ ଗୁଡିକର ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି।

**ବିଜ୍ଞାପିତ ମୂଲ୍ୟ :** ₹ 32,76,448.61, EMD : ₹ 65,500/-, ଶେଷ ହେବା ଅବଧି: 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.10.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.10.2026ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସହାୟକ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ CRW/ମଞ୍ଚେଶ୍ୱର
PR-472/R/26-27



**AFFIDAVIT**

By virtue of an affidavit sworn before Executive Magistrate, Bargarh vide no.659 dtd. 01.10.2026, I, Raghu Bishi, S/o- Ganesh Bishi resident of Bahalpali, Po.- Dekulba, Ps./Tah- Bheden, Dist.- Bargarh state that, my acutal and correct name is Raghu Bishi but, in my Aadhar card no. 7633 2246 9298 my name has been wrongly mentioned as Raghunath Bishi. That, **Raghunath Bishi** and **Raghu Bishi** is one and same person and I shall be known as **Raghu Bishi** for all future purposes.



**AFFIDAVIT**

By virtue of an affidavit no. 17 before the Executive Magistrate, Bhubaneswar, dtd.01.10.2026 I, Saktipada Chakrabartty, S/o Biswanath Chakrabartty, At- Kabirpur, P.O.-Sahasapura, P.S.- Anantapur, Dist.-Baleswar hereby declare that I have changed my name from Shakti Kumar Gupta Sharma to Saktipada Chakrabartty. Henceforth, I shall be known as **Saktipada Chakrabartty** for all purposes.

**Sd/- Saktipada Chakrabartty**



**AFFIDAVIT**

I, CHANDU KUKREJA, aged about 44 years S/O- Mangal Das Lool, Y-304,Royal Green Appartment, Po-Balangir, Sub Dist- Belpara, DIST-Balangir, Pin-767001, ODISHA, declared by this Affidavit No. No.1019/2026, Dated. 23.09.2026, That now onwards I shall Be Known as **CHANDU LAL LOOL** for all future Purposes.



**AFFIDAVIT**

I, KANAN NAYAK, aged about 49 years W/o- Prabhudan Nayak, Plot No-278/474, Damana, Near Damana Highschool, Ps- Chandrasekharpur, Bhubaneswar, Dist-Khordha-751016, ODISHA, declared by this Affidavit No. No.10, Dated.11.10.2025, That now onwards I shall Be Known as **KANANBALA NAYAK** for all future Purposes



**AFFIDAVIT**

By virtue of an affidavit no. 357 before the Executive Magistrate, Tentulikhunti, dtd. 29.07.2025, I, LAXMAN GOUDA, Vill. Bangluguda, P.S. Khatiguda, Dist. Nabarangpur, declare that my daughter's actual name is HEMO MANI GOUDA, but in Aadhaar Card her name has been incorrectly entered as HIRAMANI GOUDA. That HEMO MANI GOUDA and HIRAMANI GOUDA are one and the same person. Henceforth she shall be known as HEMO MANI GOUDA for all purposes.

**Sd/- LAXMAN GOUDA**



**AFFIDAVIT**

By virtue of an affidavit no 12543, sworn before the executive magistrate Jajpur on dtd 28/09/2026. I, Prafulla Kumar Jena, S/o-Biswanath Jena, permanent resident of Vill/P.o- Ranapur, P.s- Binjharpur, Dist- Jajpur, Odisha Pin -755012 declared that I have changed my minor daughter's name from SUBHALAXMI JENA(Old Name)to SARADA JENA(New Name) Henceforth she shall bi known as **SARADA JENA** for all future purposes.



**AFFIDAVIT**

By virtue of an affidavit sworn before Executive Magistrate, Pattamundai, vide affidavit No- 15, date- 21- 08- 2026, I Subrat Mallick,S/O- Parshuram Mallick, Vill./P.O.- Kasananta, P.S.- Pattamundai, Dist. -Kendrapara. State-Odisha, PIN- 754215, declare that,I have changed my minor daughter's name from B K Ruhiprakash to Kumari Ruhiprakash. Henceforth, she shall be known as **Kumari Ruhiprakash** for all purposes.

**S/d- Subrat Mallick.**



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dtd. 23-09-2026. JYOTIRMAYEE BAIRIGANJAN Wife of DILLIP KUMAR BAIRIGANJAN, Indian Navy, Regimental No: 187297-A, Rank- MCSWA-II, resident of Vill/ Po- Chhanagiri, PS-Jankia, Dist- Khurda, Odisha, PIN-752020, presently residing in Flat No 402, Sri Sai Ram Residency, FCI Colony, Post- Marripalem, Dist- Visakhapatnam, AP- Pin-530018, declare that I have changed my name from JYOTI BAIRIGANJAN to JYOTIRMAYEE BAIRIGANJAN and DOB from 21-09-1973 to 21-06-1973. Henceforth, I shall be known as JYOTIRMAYEE BAIRIGANJAN for all purposes with my changed name and corrected date of birth.

**(JYOTIRMAYEE BAIRGANJAN)**

ସକାଳ
THE SAKALA



## ନୟାନନ୍ଦ ପଞ୍ଚାୟତରେ ରିଲିଫ୍ ଚାଉଳ ବଣ୍ଟନରେ ପାତରଅନ୍ତର ଅଭିଯୋଗ

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମାନୀ; ସରକାରୀ ଗାଇଡ୍‌ଲାଇନ୍‌କୁ ଫୁଁ

**ତିହିଡ଼ି,୧।୧୦(ସମିସ)**




ତିହିଡ଼ି ବ୍ଲକ୍ ଅଧୀନସ୍ଥ ନୟାନନ୍ଦ ପଞ୍ଚାୟତରେ ରିଲିଫ୍ ଚାଉଳ ବଣ୍ଟନକୁ ନେଇ ବ୍ୟାପକ ଅସନ୍ତୋଷ ଏବଂ ଉତ୍ତେଜନା ଦେଖାଦେଇଛି। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମାନୀ ଯୋଗୁଁ ପ୍ରକୃତ ବନ୍ୟାବିପନ୍ନ ଓ ଗରିବ ହିତାଧିକାରୀମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ଗାଇଡ୍‌ଲାଇନ୍ ସ୍ପଷ୍ଟ ଭାବେ କହୁଛି ଯେ ଯେଉଁ ବ୍ୟକ୍ତି କିମ୍ବା ପରିବାର ରାଜ୍ୟ ବାହାରେ କାମ କରୁଛନ୍ତି ସେମାନେ ଏହି ରିଲିଫ୍ ଚାଉଳ ପାଇବାକୁ ଯୋଗ୍ୟ ନୁହନ୍ତି। ମାତ୍ର ନୟାନନ୍ଦ ପଞ୍ଚାୟତରେ ଏହି ନିୟମକୁ ସମ୍ପୂର୍ଣ୍ଣ ଓଲଟପାଲଟ କରାଯାଇଛି।

ଅଭିଯୋଗ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ନିଜର ମନମାନୀ ନୀତି ଆପଣାଇ ବାହାର ରାଜ୍ୟରେ କାମ କରୁଥିବା କିଛି ପ୍ରଭାବଶାଳୀ ପରିବାରକୁ ଲୁଚାଛପାରେ ବେଆଇନ ଭାବେ ରିଲିଫ୍ ଚାଉଳ ବାଣ୍ଟୁଛନ୍ତି। ଅନ୍ୟପକ୍ଷରେ ଯେଉଁ ଗରିବ ଶ୍ରେଣୀର ଲୋକମାନେ ପେଟପାଟଣା ପାଇଁ ଦାଦନ ଖଟିବାକୁ ବାଧ ହେଉଛନ୍ତି ସେମାନଙ୍କ ହକ୍‌କୁ ଛଡ଼ାଇ ନିଆଯାଉଛି। ପ୍ରତିବାଦ କଲେ ଅନ୍ୟାନ୍ୟ ସରକାରୀ ସହାୟତାରୁ ବଞ୍ଚିତ କରିବାକୁ ଧମକ ଦିଆଯାଉଥିବା, ରାତିରେ ଲୁଚେଇ ଚାଉଳ ଦିଆଯାଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ବିପନ୍ନଙ୍କ ହକ୍‌କୁ ଲାତମାରିବା ଭଳି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଏହି ଦୁର୍ନୀତିର ତଦନ୍ତ କରାଯାଇ ରିଲିଫ୍ ବଣ୍ଟନରେ ସ୍ୱଚ୍ଛତା ଅଣାଯାଉ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି। ସେପଟେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଦୁଇ ଜଣଙ୍କ ଚାଉଳ ଫେରେଇ ଆଣିଛୁ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ବନ୍ୟାରେ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ୨୦ ଫୁଟ୍ ଘାଇ

# ଯାତାୟାତ ନିମନ୍ତେ କାଠପଟା ଭରସା



**ସହିଦନଗର,୧।୧୦(ସମିସ):** ବାତ୍ୟା 'ଅର୍ଣ୍ଣବ' ଫଳରେ ଲଗାଣ ବନ୍ୟା ଯୋଗୁଁ ଧାମନଗର ବ୍ଲକ୍ ଅନ୍ତର୍ଗତ ଫତେପୁର-ଧୂଷୁରୀ ରାସ୍ତାର ଫତେପୁର ଗ୍ରାମ ନିକଟରେ ପ୍ରାୟ ୨୦ ଫୁଟ୍ ଲମ୍ବର ଘାଇ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଗମନାଗମନ ବିଚ୍ଛିନ୍ନ ହୋଇ ସ୍ଥାନୀୟ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ନିମନ୍ତେ ଏକ କାଠପଟା ପକାଯାଇ ବାଉଁଶ ବହ୍ଲା ପୋତାଯାଇଛି। ଏହି ବିପଦପୂର୍ଣ୍ଣ କାଠପଟାକୁ ଲୋକମାନେ ଭରସା କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବ ବନ୍ୟା ସମୟରେ ମଧ୍ୟ ଠିକ୍ ସେହି ସ୍ଥାନରେ ଛୋଟ ଘାଇ ସୃଷ୍ଟି ହୋଇଥିଲା। ପରେ ଏହାର ମରାମତି କରାଯାଇଥିଲା। ତେବେ ପୁଣି ବନ୍ୟା ଆସିବାରୁ ସେହି ସ୍ଥାନରେ ଘାଇ ହୋଇଥିବାବେଳେ ଏଥର ଏହାର ଆକାର ପ୍ରାୟ ୨୦ ଫୁଟ୍ ହୋଇଛି। ପ୍ରତି ବନ୍ୟାରେ ସମାନ ସ୍ଥାନରେ ଘାଇ ସୃଷ୍ଟି ହେଉଥିବାରୁ କେବଳ ମରାମତି କରିବା ବଦଳରେ ଉକ୍ତ ସ୍ଥାନରେ ଏକ କଲ୍‌ଭର୍ଟ (ଛୋଟ ପୋଲ) ନିର୍ମାଣ କରାଗଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାର ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ଏହି ବିଷୟରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଏହାକୁ ଲଗାଇ ୩ ଥର ସେଠାରେ ଘାଇ ହେଲାଣି। ବନ୍ୟା ଛାଡ଼ିଲା ପରେ ସେଠାରେ ମରାମତି ହେବ।

# ରିଲିଫ୍ ଚାଉଳରୁ ବଞ୍ଚିତ ୫ ପ୍ରାଣୀ କୁଟୁମ୍ବ



**ଅସୁରାଳି,୧।୧୦(ସମିସ):** ବୈତରଣୀ ନଦୀ ବନ୍ୟାଜଳରେ ବାରମ୍ବାର ବୁଡ଼ି ରହିଥିବା ଧାମନଗର ବ୍ଲକ୍ ହସନାବାଦ ପଞ୍ଚାୟତର ଅନେକ ଦୁର୍ଦ୍ଦଶାଗ୍ରସ୍ତ ପରିବାର ଏବେ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୨ ମାସ ଧରି ବନ୍ୟା ଯୋଗୁଁ ଘରଦ୍ୱାର ହରାଇ ରାସ୍ତାକଡ଼ରେ ପାଲ ଟାଣି ଦିନ କାଟୁଥିବା

**ଦୁଇ ମାସ ଧରି ବନ୍ୟା ଦୁର୍ଦ୍ଦଶା ଭୋଗିବା ପରେ ବି ମିଳିଲାନି ସରକାରୀ ସହାୟତା**

୫ ପ୍ରାଣୀ କୁଟୁମ୍ବକୁ ଏ ପର୍ଯ୍ୟନ୍ତ ସରକାରୀ ରିଲିଫ୍ ଚାଉଳ ଟିକିଏ ବି ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ହସନାବାଦ ପଞ୍ଚାୟତର ମେନାଲତା ମଲ୍ଲିକ, ତାଙ୍କ ପୁଅ ମନୋଜ କୁମାର ମଲ୍ଲିକ, ବୋହୂ ମଞ୍ଜୁଲତା ମଲ୍ଲିକ ଏବଂ ଦୁଇ ନାତିନାତୁଣୀଙ୍କୁ ମିଶାଇ ମୋଟ୍ ୫ ଜଣ ସଦସ୍ୟ ଚଳିତ ବର୍ଷ ବୈତରଣୀର କ୍ରମାଗତ ବନ୍ୟା ଯୋଗୁଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଘର ଭିତରେ ବନ୍ୟାଜଳ ପଶିଯିବାରୁ ସେମାନେ ବାଧ ହୋଇ ଦୀର୍ଘ ଦୁଇ ମାସ ଧରି ରାସ୍ତା ଉପରେ ଆଶ୍ରୟ ନେଇଥିଲେ। ଏଭଳି ସଙ୍କଟଜନକ ପରିସ୍ଥିତିରେ ପ୍ରଶାସନିକ ସହାୟତା ମିଳିବା ନେଇ ଆଶା ରଖିଥିଲେ ବି ସେମାନଙ୍କୁ ସରକାରୀ ରିଲିଫ୍ ଚାଉଳରୁ ବଞ୍ଚିତ କରାଯାଇଛି। ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ ପ୍ରଶାସନିକ ଦାୟିତ୍ୱହୀନତା ଯୋଗୁଁ ହିଁ ଏହି ପ୍ରକୃତ ଦୁର୍ଦ୍ଦଶାଗ୍ରସ୍ତ ପରିବାର ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ତେବେ କେବଳ ମେନାଲତାଙ୍କ ପରିବାର ନୁହେଁ, ହସନାବାଦ ପଞ୍ଚାୟତର ଏଭଳି ଅନେକ ବନ୍ୟାବିପନ୍ନ ପରିବାର ସରକାରୀ ରିଲିଫ୍ ସହାୟତାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ବନ୍ୟାରେ ସର୍ବସ୍ୱ ହରାଇଥିବା ଲୋକଙ୍କୁ ଠିକ୍ ସମୟରେ ପ୍ରଶାସନିକ ସହାୟତା ଯୋଗାଇ ଦିଆ ନ ଗଲେ, ସେମାନଙ୍କ ଦୁର୍ଦ୍ଦଶା ଆହୁରି ବୃଦ୍ଧି ପାଇବ। ଏଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ବନ୍ୟାବିପନ୍ନଙ୍କୁ ଚିହ୍ନଟ କରିବା ସହ ରିଲିଫ୍ ଚାଉଳ ଓ ପ୍ରଶାସନିକ ସହାୟତା ଯୋଗାଇଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

## ପ୍ରଶାସନର ଅଜବ ନୀତି

# ବନ୍ୟା ବେଳେ ଦେଲେନି; ଏବେ ବାଣ୍ଟୁଛନ୍ତି ଚୁଡ଼ା-ଗୁଡ଼

**ଭଣ୍ଡାରିପୋଖରୀ,୧।୧୦(ସମିସ):** ଘୋର୍ ବର୍ଷା ଓ ବନ୍ୟା ସମୟରେ ପ୍ରଭାବିତ ଜନସାଧାରଣ ଓ ଗୃହପାଳିତ ପଶୁମାନଙ୍କ ପାଇଁ କିଛି ମିଳିଲା ନାହିଁ। ଏପରିକି ବନ୍ୟା ଅଞ୍ଚଳରେ ଶୁଦ୍ଧ ପାନୀୟ ଜଳ ଟିକିଏ ମିଳିବା କଷ୍ଟକର ହୋଇଗଲା। ଏବେ ବନ୍ୟା ପାଣି ଛାଡ଼ି ଯାଇଥିବାବେଳେ ଜୀବନ ମଧ୍ୟ ସ୍ୱାଭାବିକ ହୋଇଛି। ବନ୍ୟାବିପନ୍ନଙ୍କ ବିପଦ ଟଳିଯିବା ପରେ ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ବୈତରଣୀ, ରେବ ଓ କପାଳୀ ନଦୀ ବଢ଼ି ପ୍ରଭାବିତ ଅଞ୍ଚଳରେ ଗୋ-ଖାଦ୍ୟ ଓ ଚୁଡ଼ା ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ୫୦ କିଲୋ ଓଜନ ବିଶିଷ୍ଟ ୪୯୬ ଗୋ-ଖାଦ୍ୟ ବସ୍ତା ଯୋଗାଇ ଦିଆଯାଇଛି। ଷୋଳମପୁର ପଞ୍ଚାୟତକୁ ୧୪୦ ବସ୍ତା, ମାଳଦା ପଞ୍ଚାୟତକୁ ୧୧୧ ବସ୍ତା, ରହଣିଆକୁ ୮୦ ବସ୍ତା, ନପଙ୍ଗକୁ ୪୫ ବସ୍ତା, ଝୁଟଣାକୁ ୪୦ ବସ୍ତା ଓ ବନ୍ଦାଳ ମଢ଼ିଆଳି ପଞ୍ଚାୟତକୁ ୮୦ ବସ୍ତା ଗୋ-ଖାଦ୍ୟ ପ୍ରଦାନ କରାଯାଇଛି। ସେହିପରି ୫୫ କ୍ୱିଣ୍ଟାଲ ଚୁଡ଼ା, ୬ କ୍ୱିଣ୍ଟାଲ ଗୁଡ଼ ଓ ୮ ପେଟି ବିସ୍କୁଟ ଯୋଗାଇ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମାଳଦା ପଞ୍ଚାୟତକୁ ୪୨ ବସ୍ତା ଚୁଡ଼ା, କୁରିଗାଁକୁ ୪୦ ବସ୍ତା, ଜଳମଣ୍ଡୁଆକୁ ୪୦ ବସ୍ତା, ରହଣିଆକୁ ୩୨ ବସ୍ତା, ନିର୍ଗୁଣ୍ଡୀକୁ ୮ ବସ୍ତା, ନଗୁଆଁ ପାଇଁ ୬ ବସ୍ତା, ବୟାବନାପୁରକୁ ୪ ବସ୍ତା, ନପଙ୍ଗକୁ ୪ ବସ୍ତା, ସରସଦାକୁ ୩ ବସ୍ତା ଓ ଦକ୍ଷିଣବାଡ଼କୁ ୨ ବସ୍ତା ଚୁଡ଼ା ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ଦୋବଲ ହାଇସ୍କୁଲଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ

# କ୍ଷେତ୍ର ପରିଦର୍ଶନ କଲେ ଉପଜିଲ୍ଲାପାଳ



**ଦୋବଲ,୧।୧୦(ସମିସ):** ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ବିକାଶ ଏବଂ ରୂପାନ୍ତରଣ ଯୋଜନା ଅଧୀନରେ ଦୋବଲ ହାଇସ୍କୁଲରେ ଏକ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ୍ ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଆଧୁନିକ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ଗ୍ରାମାଞ୍ଚଳର ପିଲାଙ୍କୁ ସହରୀସ୍ତରର ଶିକ୍ଷାଗତ ପରିବେଶ ଯୋଗାଇଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଦୋବଲ ଅଞ୍ଚଳରେ ଏହି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଏହି କ୍ଷେତ୍ରର ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ଧରଣର ପରିବର୍ତ୍ତନ ଆସିବ ବୋଲି ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଆଶା ପ୍ରକଟ କରିଛନ୍ତି। ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଅଭିଭାବକ ମହଲରେ ଖୁସି ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, ଗତ ଜାନୁଆରୀ ୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହାର ଶୁଭ ଦେଇଥିଲେ। ଗୁରୁବାର ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି କାର୍ଯ୍ୟ ପାଇଁ ୬ କୋଟି ଟଙ୍କା ଅନୁମୋଦନ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଉପଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି। ତହସିଲ୍‌ଦାର ଜ୍ଞାନ ରଞ୍ଜନ ସାହୁ, ସରପଞ୍ଚ ଅଶୋକ କୁମାର ପଣ୍ଡା, ସମିତିସଭ୍ୟ ପ୍ରତିନିଧି ସଞ୍ଜିତ୍ କୁମାର ସାହୁ, ପ୍ରଧାନଶିକ୍ଷକ ବିଭୂତି ମିଶ୍ର, ପରିଚାଳନା କମିଟି ସଭାପତି ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ଧାମନଗର,୧।୧୦(ସମିସ):** ଧାମନଗର ବ୍ଲକ୍‌ରେ ୫ଟି ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଗୁରୁବାର ଧାମନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଉପସଭାପତି ତଥା ଧାମନଗର ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବରେଣ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା ଯୋଗଦେଇ ଆଜିର ଦିବସର ଉଦ୍ଦେଶ୍ୟ ଜ୍ଞାପନ କରି ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ଆର୍ଥିକ ଦୁରବସ୍ଥା ଓ ମଧୁବାବୁ ଭତ୍ତା ଖୁବ୍‌ଶୀଘ୍ର ନୂତନ ଯୋଗ୍ୟ ବ୍ୟକ୍ତିମାନେ ପାଇପାରିବେ ବିଡିଓ ବକ୍ତବ୍ୟ ରଖିଥିଲେ। ଏଥିରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ଯଶୋଦା ରାଣୀ ସାହୁ ମଞ୍ଚାସିନ ହୋଇଥିବାବେଳେ ମୋଗଲ ତାମ୍ସାର ସ୍ରଷ୍ଟା ବାଦଲ ସିକ୍‌ଦାର, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟଧାରା ସହ ଯୋଡ଼ି ହେଲେ ନିଜେ ଏବଂ ଅନ୍ୟମାନେ ସୁସ୍ଥ ରହିପାରିବେ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ଅନିଲ କୁମାର ବାରିକ, ବରିଷ୍ଠ ନାଗରିକ ସଂଗଠନ କୋଠାର, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ବେତାଳିଗାଁ, ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚ ଓ କଲ୍ୟାଣୀ ସଙ୍ଘର ଶତାଧିକ ସଭ୍ୟସଭ୍ୟା ଯୋଗଦେଇଥିଲେ। ସକାଳ ୯ଟାରେ ଧାମନଗର ବରିଷ୍ଠ ନାଗରିକ ପରିଷଦ ସଭାଗୃହ ପରିସରରେ ଚାରା ରୋପଣ କରାଯାଇଥିଲା। ବରିଷ୍ଠ ନାଗରିକ ସଦସ୍ୟ ଅଭିମନ୍ୟୁ ମଲ୍ଲିକ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠଙ୍କ ସମସ୍ୟା ସମ୍ପର୍କରେ ଅମରେନ୍ଦ୍ର ନାୟକ, ମହେଶ୍ୱର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଦୁର୍ଯ୍ୟୋଧନ ତରାଇ, ଅନିଲ ବଳ, ଦଶରଥ ଦାସ, ନାରାୟଣ ଚନ୍ଦ୍ର ଯେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା ବେଳେ ସମସ୍ତ ବରିଷ୍ଠଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯାତ୍ରା ଅଭିନେତା କାଳନ୍ଦୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦୋବଲ,୧।୧୦(ସମିସ):** ଧାମନଗର ବ୍ଲକ୍ ଦୋବଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଏକ ଭବ୍ୟ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସେବାନିବୃତ୍ତ ବିଇଓ ଗଦାଧର ଜେନା, ଚିତ୍ତରଞ୍ଜନ ତ୍ରିପାଠୀ, ଅବସରପ୍ରାପ୍ତ ଏବିଇଓ ବିଜୟଲକ୍ଷ୍ମୀ ନାୟକ, ଶ୍ରୀଚରଣ ମଲ୍ଲିକ, ଏବିଇଓ ନିଜାମୁଦ୍ଦିନ, ଏସ୍‌ଏଜେ ନୋଡାଲ ବିଦ୍ୟାଳୟ ଦୋବଲର ପ୍ରଧାନଶିକ୍ଷକ ବିଭୂତିଭୂଷଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ରାଉତଙ୍କ ଛାତ୍ରବତ୍ସଳତା ଓ ଶିକ୍ଷାଦାନ ଶୈଳୀର ଭୂୟସୀ ପ୍ରଶଂସା କରିଥିଲେ। ଦୋବଲ ସିଆର୍‌ସିସି ହସ୍ପା ମାରାଣ୍ଡି ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ଖଙ୍ଗରା ନୋଡାଲ ପ୍ରଧାନଶିକ୍ଷକ ପୁରୁଷୋତ୍ତମ କର ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଏମ୍‌ସି ସଭାପତି ସେକ୍ ନିଆଜଉଦ୍ଦିନ, ଶିକ୍ଷୟିତ୍ରୀ ରୀତା ରାଉତ ଓ କିଶୋରୀ ମଣି ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ତ୍ରିଲୋଚନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ରାଉତଙ୍କୁ ବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ମାନ ପ୍ରଦାନ କରାଯାଇଥିଲା।

## ଅପେକ୍ଷାର ଅନ୍ତ ଘଟିଲା

# ଆଜି କାର୍ଯ୍ୟକ୍ଷମ ହେବ ଗୋଷ୍ଠୀ ପରିମଳ କେନ୍ଦ୍ର

**ବନ୍ତ/ଆଗରପଡ଼ା,୧।୧୦(ସମିସ)**




ଗତ ମାର୍ଚ୍ଚ ୧୮ ତାରିଖରେ 'ନିର୍ମାଣକୁ ୬ ବର୍ଷ ପୂରିଲାଣି; କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ପରିମଳ କେନ୍ଦ୍ର; ୭ ଲକ୍ଷ ବ୍ୟୟ ପରେ ବି ଲକ୍ଷ୍ୟ ପୂରଣ ହେଉନି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଗୋଷ୍ଠୀ ପରିମଳ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଉକ୍ତ ନିର୍ମାଣ ଶେଷ ହେବା ସହ ଶୁକ୍ରବାର ଏହା କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଜଣାପଡ଼ିଛି। ପଞ୍ଚାୟତ ସରପଞ୍ଚ ସୁଭଦ୍ରା ସିଂହଙ୍କ ଦ୍ୱାରା ଏହାର ଉଦ୍‌ଘାଟନ ହେବାକୁ ସ୍ଥିର କରାଯାଇଛି।

ସୂଚନା ଅନୁଯାୟୀ, ଜବରଦଖଲ ଉଚ୍ଛେଦ ପରେ ପରିମଳ କେନ୍ଦ୍ରର ସମ୍ମୁଖ ଭାଗକୁ ଆବର୍ଜନାମୁକ୍ତ କରାଯାଇ ପେଭର ବ୍ଲକ୍‌ରେ ପରିଣତ କରାଯିବା ସହ ଏକ ପ୍ରଶସ୍ତ ରାସ୍ତା ନିର୍ମାଣ କରାଯାଇଛି। ଯଦ୍ୱାରା ଗମନାଗମନରେ ବାଧା ସୃଷ୍ଟି କରୁଥିବା ସଙ୍କୁଚିତ ଆଗରପଡ଼ା-କୁପାରୀ ପୂର୍ତ୍ତ ବିଭାଗ ରାସ୍ତା ନିମନ୍ତେ ସହାୟତା ପ୍ରଦାନ କରିବ। ତତ୍‌ସହିତ ପରିମଳ କେନ୍ଦ୍ରରେ ପଥଚାରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ପ୍ରସ୍ତୁତି ମଧ୍ୟ ସରିଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଜନନାୟକଙ୍କ ମଧ୍ୟରେ ମତଭେଦରୁ ଉକ୍ତ ସ୍ଥାନରେ ନିର୍ମିତ ହେବାକୁ ଥିବା ଅନ୍ୟ କିଛି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଜଣାପଡ଼ିଛି। ଯାହାକି ବଡ଼ ଦୁଃଖ ଓ ଅନୁତାପର ବିଷୟ। ସେହିପରି ଆଗରପଡ଼ା-କୁପାରୀ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ଥିବା ବିଦ୍ୟୁତ୍ ଖୁଣ୍ଟ ପରିମଳ କେନ୍ଦ୍ରର ସମ୍ମୁଖ ଭାଗରେ ଥିବାରୁ ଏହା କେନ୍ଦ୍ରର ମୁଖ୍ୟ ପ୍ରବେଶ ପଥରେ ବାଧା ସୃଷ୍ଟି କରୁଛି। ପରିମଳ କେନ୍ଦ୍ର ଆଗରୁ ବିଭାଗ ପକ୍ଷରୁ ଏହାର ସ୍ଥାନାନ୍ତରଣ ଜରୁରୀ ହୋଇପଡ଼ିଥିବା ବେଳେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଆଗରପଡ଼ା ବଜାର ଅଞ୍ଚଳରେ ଲାଗିରହିଥିବା ପରିମଳ ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ୍ତ ବ୍ଲକ୍ ବିଟିପୁର ପଞ୍ଚାୟତ ତରଫରୁ ଆଗରପଡ଼ା ବଜାରରେ ୨୦୨୦-୨୧ ଆର୍ଥିକ ବର୍ଷରେ ଗରିବ ରୋଜଗାର ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ ଅର୍ଥରେ ଏହା ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ପରବର୍ତ୍ତି ମୁହୂର୍ତ୍ତରେ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଆର୍ଥ କମିସନ ଯୋଜନାରେ ୪ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଉକ୍ତ କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ୪ବର୍ଷ ପୂରିବା ଓ ୭ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ ହେବା ପରେ ମଧ୍ୟ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିଲା। ଜବରଦଖଲକାରୀଙ୍କ କବ୍‌ଜାରେ ବିଟିପୁର ମୌଜାର ମୁଖ୍ୟ ପିଡବ୍ଲ୍ୟୁଡି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା, କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ ୨୭୦, ପ୍ଲଟ୍ ନଂ ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଥିବାରୁ ଏହା ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା।

ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଜବରଦଖଲକୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦକୁ ୩ ମାସରୁ ଅଧିକ ସମୟ ବିତିବାକୁ ବସିଥିବାବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆକଳନକୁ ନେଲେ ଏହାର ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଉକ୍ତ ଗୋଷ୍ଠୀ କେନ୍ଦ୍ରକୁ ଦେଖିଲେ ପ୍ରତିଫଳିତ ହୋଇଥିଲା। କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୌଣସି ଯୋଜନାକୁ ଅଧପନ୍ତରିଆ ଅବସ୍ଥାରେ ଛାଡ଼ିଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା। ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟାବସାୟିକ କେନ୍ଦ୍ର ଆଗରପଡ଼ା। ଏଥିସହିତ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ସୀମାନ୍ତବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ ହୋଇଥିବାରୁ ପ୍ରତିଦିନ ଏହି ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାନବାହନ ଚଳାଚଳ କରିଥାଏ। ମାତ୍ର ଏଠାରେ ଆଜିଯାଏଁ ଗୋଷ୍ଠୀ ପରିମଳ କେନ୍ଦ୍ର ନ ଥିବାରୁ ବସ୍ ଯାତ୍ରୀ, ଦୋକାନୀଙ୍କ ସମେତ ବଜାରକୁ ଆସୁଥିବା ଲୋକମାନେ ପରିମଳ ପାଇଁ ନାନାଦି ହଇରାଣ ହରକତ ହେଉଥିବାର ପରିଲକ୍ଷିତ ହେଉଥିଲା। ତେଣୁ ଏହିସବୁ ସମସ୍ୟାର ସମାଧାନ ହେବା ସହ ସବୁ ଅପେକ୍ଷାର ଅନ୍ତ ଘଟାଇ ଶୁକ୍ରବାର ଏହାର ଉଦ୍‌ଘାଟନ ହେବାକୁ ଯାଉଥିବା ଜଣାପଡ଼ିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ଥାନାରେ ମାମଲା

**ଧାମନଗର,୧।୧୦(ସମିସ):** ଧାମନଗର ଥାନା ଅଧୀନ ଇଛଦା ଗ୍ରାମର ପାଲା ମଣ୍ଡପ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ବାଉଁଶ ବାଡ଼ିରେ ମୁଣ୍ଡକୁ ବାଡ଼େଇ ରକ୍ତାକ୍ତ କରିଥିବା ନେଇ ଧାମନଗର ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୩୦ ତାରିଖ ଦିନ ପ୍ରାୟ ୧୨ଟା ୩୦ରେ ଇଛଦା ଗ୍ରାମର ଭିକାରୀ ରାଉତଙ୍କ ପୁଅ ଜୟରାମ ରାଉତ ପାଲା ମଣ୍ଡପ ନିକଟ ଦେଇ ଯାଉଥିବାବେଳେ ସେହି ଗ୍ରାମର ତପନ ସାହୁ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଜୟରାମ ପ୍ରତିବାଦ କରିବାରୁ ତପନ ଏକ ବାଉଁଶ ବାଡ଼ିରେ ତାଙ୍କ ମୁଣ୍ଡକୁ ୩ରୁ ୪ ଥର ପ୍ରହାର କରିଥିବା ଅଭିଯୋଗ ହୋଇଛି। ଏଥିରେ ଜୟରାମ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ଏହାପରେ ଅଭିଯୁକ୍ତ ତପନ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଜୟରାମ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେସ୍ ନମ୍ବର ୪୨୮/୨୦୨୬ ରେ ବିଏନ୍‌ଏସ୍ ଧାରା ୧୨୬(୨), ୨୯୬ ଓ ୧୧୮(୨)ରେ ମାମଲା ରୁଜୁ କରିଛି। ଥାନାଧିକାରୀ ଶୁଭ୍ରଜିତ୍ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ କଳ୍ପନା ରାଉତ ଘଟଣାର ତଦନ୍ତ ଭାର ଗ୍ରହଣ କରିଛନ୍ତି।

## କାର୍‌ରେ ଗୋ ଚାଲାଣ; ୩ ଗିରଫ

**ବନ୍ତ/ଆଗରପଡ଼ା,୧।୧୦(ସମିସ):** ଏକ ୱାଗ୍‌ନର କାର୍‌ରେ ଗୋ-ଚାଲାଣ ବେଳେ ମାଡ଼ି ବସିଲା ଆଗରପଡ଼ା ପୁଲିସ। ଘଟଣାସ୍ଥଳରୁ ୩ ଜଣ ଗୋ-ଚାଲାଣକାରୀଙ୍କୁ ଗିରଫ କରାଯିବା ସହ ସମ୍ପୃକ୍ତ କାର୍ ଓ ୨ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଭୋର୍ ସମୟରେ ଆଗରପଡ଼ା ଥାନା ଅନ୍ତର୍ଗତ ବାଙ୍କଡିରା ଗ୍ରାମରୁ ଏକ କାର୍‌ରେ ଅତି ଅମାନୁଷିକ ଭାବେ ୨ଟି ଗୋରୁଙ୍କୁ ବୋଝେଇ କରି ଚାଲାଣ ପାଇଁ ଯୋଜନା ଚାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ଆଗରପଡ଼ା ଥାନାଧିକାରୀ ରାଜେଶ କୁମାର ସେଠୀ ଉକ୍ତ ସ୍ଥାନରେ ପହଞ୍ଚି ଅତର୍କିତ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୩ ଜଣ ଚାଲାଣକାରୀଙ୍କୁ ଗିରଫ କରିବା ସହ ଚାଲାଣରେ ବ୍ୟବହୃତ କାର୍‌କୁ ଜବତ କରିଥିଲେ। ଏଥିସହ ଉଦ୍ଧାର ହୋଇଥିବା ଗୋରୁ ଦୁଇଟିକୁ ଗୋଶାଳାକୁ ପଠାଯାଇଛି। ଏହି ଚୋରା ଚାଲାଣ ପଛରେ କୌଣସି ବଡ଼ ରାକେଟ୍ ସକ୍ରିୟ ଅଛି କି ନାହିଁ, ସେ ନେଇ ପୁଲିସ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା ଜାରି ରଖିଛି। ଏ ସମ୍ପର୍କରେ ଥାନା କେସ୍ ନଂ ୨୧୫/୨୬ରେ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବିଶ୍ୱ ଜଳାତଙ୍କ ଦିବସ ପାଳନ

**ବନ୍ତ/ଆଗରପଡ଼ା,୧।୧୦(ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଡା. ଲିଜାରାଣୀ ପାଢ଼ୀ ଯୋଗଦେଇ ଜଳାତଙ୍କ ରୋଗର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ତଥା ବିଇଓ ଇନ୍‌ଚାର୍ଜ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ୍ ରାଉଳ, ଭୀମସେନ ପାଳ, କୈଳାସ ପଣ୍ଡା, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ରଞ୍ଜିତା ଶିଅଳ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ସୁମିତ୍ରା ନାଇକ, ସାବିତ୍ରୀ ଦାଶ, ବିଦ୍ୟୁତ୍‌ଲତା ଦାସ, ସୁଶାନ୍ତ ଜେନା, ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଲ୍‌ଆଇ ପ୍ରିୟବ୍ରତ ରାଉତ ଓ ଅତୁଲ୍ ଦାସ ସହଯୋଗ କରିଥିଲେ। ଅନୁରୂପ ଭାବେ କାଦବରାଙ୍ଗ ସଂଯୁକ୍ତ ହାଇସ୍କୁଲ, କୃଷ୍ଣଚନ୍ଦ୍ର ବିଦ୍ୟାମନ୍ଦିର ଆଗରପଡ଼ା ଏବଂ ଆଶାରାଣୀ ଉଚ୍ଚ ବିଦ୍ୟାପୀଠରେ ମଧ୍ୟ ଉକ୍ତ ଦିବସ ପାଳିତ ହୋଇଯାଇଛି। ଅନ୍ୟ ଏଲ୍‌ଆଇଙ୍କ ସହିତ ଏଲ୍‌ଆଇ ରାଜେଶ ବିଶ୍ୱାଳ ମଧ୍ୟ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବନ୍ୟାବିପନ୍ନଙ୍କ ସହଯୋଗରେ ଦୁଇ ଅଧିକାରୀ



**ଦୋଲସାହି,୧।୧୦(ସମିସ):** ଚଳିତ ବର୍ଷ ତିହିଡ଼ି ବ୍ଲକ୍‌ରେ ବାରମ୍ବାର ବନ୍ୟା ସୃଷ୍ଟି ହୋଇ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଜନସାଧାରଣ ଓ ଗୋରୁଗାଈମାନେ ହନ୍ତସନ୍ତ ହେଉଥିବା ସମୟରେ ସରକାରଙ୍କ ତରଫରୁ ନିୟୋଜିତ ଦୁଇ ଅଧିକାରୀ ବନ୍ୟାବିପନ୍ନଙ୍କୁ ସୁରକ୍ଷିତ ସ୍ଥାନରେ ରଖି ରନ୍ଧା ଖାଦ୍ୟ ଯୋଗାଇଦେଇଥିଲେ। ଏହା ସହିତ ଶୁଖିଲା ଖାଦ୍ୟ ଓ ଗୋରୁଙ୍କ ପାଇଁ ଗୋ-ଖାଦ୍ୟ ଯୋଗାଇବାରେ ସଫଳ ଭୂମିକା ନିଭାଇବାକୁ ନେଇ ସାଧାରଣରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳୁଛି। ବନ୍ୟା ସମୟରେ ଶ୍ୟାମସୁନ୍ଦର ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲେ ମଧ୍ୟ ସାପ କାମୁଡ଼ା ଓ ଅନ୍ୟାନ୍ୟ ରୋଗୀଙ୍କୁ ଡଙ୍ଗା ମାଧ୍ୟମରେ ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା କରିବାରେ ସହଯୋଗ ମିଳୁଛି। ତିହିଡ଼ି ବିଡିଓ ନିରଞ୍ଜନ ବାରିକଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ ଜୁନିୟର ଇଞ୍ଜିନିୟର ଅଲେଖ ତାର୍କି ଓ ପଞ୍ଚାୟତ ଅଧିକାରୀ ମନୋନୟନ ଦଳେଇ ବନ୍ୟାବିପନ୍ନଙ୍କୁ ସହଯୋଗ ଓ ସୁବିଧା ଯୋଗାଇ ଦେଇଥିବା ନେଇ ପଞ୍ଚାୟତରେ ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।

# ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର ନିଲମ୍ବିତ



ଭଦ୍ରକ,୧।୧୦(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଡିଓଙ୍କ ଉପରେ ସରକାରଙ୍କ ବଡ଼ ଆକ୍ସନ୍। ନିଲମ୍ବିତ ହେଲେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସେପ୍ଟେମ୍ବର ୩୦ ତାରିଖରେ ଜାରି ହୋଇଛି ଏହି ନିଲମ୍ବନ ଆଦେଶ। ଆଦେଶ ଅନୁସାରେ, ଶ୍ରୀ ମହାପାତ୍ରଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ ତଦନ୍ତ ଚାଲିଥିବାରୁ ଓଡ଼ିଶା ସିଭିଲ୍ ସର୍ଭିସେସ୍ ନିୟମ ଅନୁଯାୟୀ ତାଙ୍କୁ ତତ୍କାଳ ପ୍ରଭାବରେ ନିଲମ୍ବନ କରାଯାଇଛି। ସେହିପରି ପିଆର୍ ଏବଂ ଡିଡବ୍ଲ୍ୟୁ ବିଭାଗରୁ ତାଙ୍କ ସେବା ପ୍ରତ୍ୟାହାର କରାଯାଇଛି। ନିଲମ୍ବନ ସମୟରେ ଭଦ୍ରକ କଲେକ୍ଟରେଟ୍ ରହିବ ତାଙ୍କ ମୁଖ୍ୟାଳୟ। ଜିଲ୍ଲାପାଳଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ନିୟମ ଅନୁସାରେ ତାଙ୍କୁ ମିଳିବ ନିଲମ୍ବନକାଳୀନ ଭତ୍ତା। ତେବେ ଏଠାରେ ବଡ଼ କଥା ହେଉଛି ନିଲମ୍ବନ ଆଦେଶରେ ନିର୍ଦ୍ଦିଷ୍ଟ ଅଭିଯୋଗ କିମ୍ବା କାରଣ ଉଲ୍ଲେଖ ନାହିଁ। କେବଳ ବିଭାଗୀୟ ଶୃଙ୍ଖଳାଗତ ପ୍ରକ୍ରିୟା ଚାଲିଥିବା ଦର୍ଶାଯାଇଛି।

# ବାବାମଣୀ ଡିଗ୍ରୀ କଲେଜରେ 'ନିଶାମୁକ୍ତ ଯୁବା' କାର୍ଯ୍ୟକ୍ରମ

ବେତାଳିଗାଁ,୧।୧୦(ସମିସ): ବାବାମଣୀ ଡିଗ୍ରୀ ମହାବିଦ୍ୟାଳୟ, ପାଳସାହି ପରିସରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ବିକଶିତ ଭାରତ ଗଠନ ଉଦ୍ଦେଶ୍ୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ନିଶାମୁକ୍ତ ଯୁବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବକ-ଯୁବତୀଙ୍କୁ ନିଶା ସେବନରୁ ଦୂରେଇ ରଖିବା ସହ ଅଭ୍ୟାସଗତ ଖରାପ କାର୍ଯ୍ୟଠାରୁ ଦୂରେଇ ଏକ ସୁସ୍ଥ ଓ ସଚେତନ ଜୀବନ ଗଠନ ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ଅଧ୍ୟକ୍ଷ ନିହାର ରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଡ. ନିକୁଞ୍ଜ କିଶୋର ଜେନା ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅଧ୍ୟାପକ ତଥା ପ୍ରୋଗ୍ରାମ ଅଫିସର ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ନିଶା ବିରୋଧୀ ସଚେତନତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବରିଷ୍ଠ ନାଗରିକ ସମାଜର ଶୁଭ ଚିନ୍ତକ'

ବାରିକପୁର,୧।୧୦(ସମିସ): ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପରିବାର ତଥା ସମାଜର ଶୁଭ ଚିନ୍ତକ ଓ ପ୍ରେରଣାଦାୟୀ ବୋଲି ଗୁରୁବାର ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ମତପ୍ରକାଶ ପାଇଛି। ବ୍ଲକ୍ ସମ୍ମିଳନୀ କକ୍ଷରେ ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରଣତିକାନ୍ତ ସାମଲ, ବରେଣ୍ୟ ଅତିଥି ଗୋଲକ ଚନ୍ଦ୍ର ବେହେରା, ପୁରୁଷୋତ୍ତମ ଧଳ, ପୂର୍ଣ୍ଣ ଚନ୍ଦ୍ର ଦାସ, ଦେବିକା ରାଉତ, ଅନନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଭରତ ଚନ୍ଦ୍ର କରଣ ସ୍ୱାଗତ ଭାଷଣ ଦେଇଥିବାବେଳେ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୋଗ, ଚାରା ରୋପଣ, ସଫେଇ, ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସେମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୫୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାରିକପୁର,୧।୧୦(ସମିସ): ସେବା ସଂକଳ୍ପ ଅଭିଯାନ ପାଳନ ଉପଲକ୍ଷେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସଫେଇ ମିତ୍ରଙ୍କ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପରିମଳ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ମୋଟ୍ ୩୫ଜଣ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସମସ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ପରିମଳ ସଫେଇ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ଅଶୋକ ରାଉତ, ପ୍ରଣୟ ନାୟକ, ଶୋଭନ୍ ପାଢ଼ୀ, ଅଭୟ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଭଦ୍ରକ,୧।୧୦(ସମିସ): ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ୍ ହୋଇ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆନୁକୁଲ୍ୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯାଇଛି। ମୁଖ୍ୟ ପ୍ରବନ୍ଧକ ସଞ୍ଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉପ ଶାଖା ପ୍ରବନ୍ଧକ ପ୍ରଶାନ୍ତ କୁମାର ସାହୁ, ଭଦ୍ରକ ମୁଖ୍ୟ ଶାଖାର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମିଲ୍ ହୋଇ ଏହି ସଫେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବିଦ୍ୟାଳୟ ପରିସରକୁ ସମ୍ପୂର୍ଣ୍ଣ ଭାବରେ ପରିଷ୍କାର କରାଯାଇ ବ୍ଲିଚିଂ ଓ ଫିନାଇଲ୍ ପକାଯାଇ ଶୋଧନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ବେହେରା, ମନୋଜ କୁମାର ସାହୁ, ଦମୟନ୍ତୀ ନାୟକ ପ୍ରମୁଖ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ଶିଶୁସେବିକା ନିଯୁକ୍ତିକୁ ନେଇ ଅନିୟମିତତା ଅଭିଯୋଗ

# ବିଦ୍ୟାଳୟ ଆଗରେ ଆବେଦନକାରୀ ଓ ପରିଚାଳନା କମିଟିର ଧାରଣା

ଚାନ୍ଦବାଲି,୧।୧୦(ସମିସ)

ଶିଶୁସେବିକା ନିଯୁକ୍ତିକୁ ନେଇ ଅନିୟମିତତାର ଅଭିଯୋଗ ଉଠିଛି। ନିଯୁକ୍ତି ପ୍ରକ୍ରିୟାରେ ଯୋଗ୍ୟତା ଓ ନିୟମକୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି ଆବେଦନକାରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟା। ଏଭଳି ଘଟଣା ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ନଳଗୋହିରା ପଞ୍ଚାୟତ ଅନ୍ତର୍ଗତ ବଡ଼ରୂପା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ବଡ଼ରୂପା ପ୍ରାଥମିକ ବିଦ୍ୟାଳୟରେ ଶିଶୁସେବିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ମୋଟ୍ ୬ ଜଣ ଆବେଦନକାରୀ ଆବେଦନ କରିଥିଲେ। ତେବେ ନିଯୁକ୍ତି ପ୍ରକ୍ରିୟାରେ ଜଣେ ଅଯୋଗ୍ୟ ପ୍ରାର୍ଥିନୀଙ୍କୁ ଚୟନ କରାଯାଇଥିବା ନେଇ ଅନ୍ୟ ଆବେଦନକାରୀମାନେ ଅଭିଯୋଗ ଉଠାଇଛନ୍ତି। ସରକାରୀ ନିୟମ ଅନୁଯାୟୀ, ଯୋଗ୍ୟତା ନ ଥିବା ସତ୍ତ୍ୱେ କିପରି ତାଙ୍କୁ ଚୟନ କରାଗଲା, ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯାଇନାହିଁ। ଯୋଗ୍ୟ ପ୍ରାର୍ଥୀଙ୍କୁ ଅଣଦେଖା କରି ନିୟମ ବହିର୍ଭୂତ ଭାବେ ଚୟନ କରାଯାଇଥିବାରୁ ସେମାନେ ଏହି ନିଯୁକ୍ତିକୁ ବାତିଲ୍ କରି ପୁନର୍ବାର ନିୟମାନୁସାରେ ଚୟନ ପ୍ରକ୍ରିୟା କରିବାକୁ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଆବେଦନକାରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା କଥିତ ଅନିୟମିତତାର ନିରପେକ୍ଷ ତଦନ୍ତ କରାଯାଇ ଯୋଗ୍ୟ ପ୍ରାର୍ଥିନୀଙ୍କୁ ଚୟନ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ, ଘଟଣା ସମ୍ପର୍କରେ ଚାନ୍ଦବାଲି ବ୍ଲକ୍ ଶିକ୍ଷାଧିକାରୀ ସାନ୍ତୁନ କୁମ୍ଭକାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ନିଯୁକ୍ତି ସମ୍ପର୍କିତ ଫାଇଲ୍ ଆସିବା ପରେ ସମସ୍ତ ଦିଗକୁ ଯାଞ୍ଚ କରାଯିବ। ତଦନ୍ତରେ ଯଦି କୌଣସି ଅନିୟମିତତା ଥିବା ଜଣାପଡ଼େ, ତେବେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯାଇ ଯୋଗ୍ୟ ଆବେଦନକାରୀଙ୍କୁ ଚୟନ କରାଯିବ ବୋଲି ସେ ମତ ଦେଇଛନ୍ତି। ଏଭଳି ଘଟଣା ଚାନ୍ଦବାଲି ବ୍ଲକରେ ଶିଶୁସେବିକା ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି। ବ୍ଲକର ଅନ୍ୟ କେତେକ ବିଦ୍ୟାଳୟରେ ମଧ୍ୟ ଏଭଳି ନିଯୁକ୍ତି ଓ ପ୍ରଶାସନିକ ସମସ୍ୟା ନେଇ ଅଭିଯୋଗ ରହିଥିବା କୁହାଯାଉଛି। ତେଣୁ ଶିଶୁସେବିକା ନିଯୁକ୍ତିରେ ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ନିୟମାବଳୀକୁ ନେଇ ବିଭାଗ ପକ୍ଷରୁ ବ୍ୟାପକ ଯାଞ୍ଚ କରାଯିବ କି ନାହିଁ, ତାହା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇଛି।



## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

# ରାଣୀତାଲ ପୌଢ଼ାଶ୍ରମରେ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୧।୧୦(ସମିସ): ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ରାଣୀତାଲ ପୌଢ଼ାଶ୍ରମ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଓ ଦୌରାଜଜ୍ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ଅଧିକାର, ମାଗଣା ଆଇନଗତ ସହାୟତା, ସରକାରୀ ଆଇନ ସେବା ଓ ବିଭିନ୍ନ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ନିଜର ଅଧିକାର ସୁରକ୍ଷା ପାଇଁ ଆଇନର ଆଶ୍ରୟ ନେବା ସହ ଆବଶ୍ୟକ ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହାୟତା ନେବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଧିବକ୍ତା ତଥା ଆଇନଗତ ସହାୟକ ପରାମର୍ଶଦାତା ଡ. ତାପସ କୁମାର ମହାନ୍ତି ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ମା' ବିରଜା ପୌଢ଼ ଭବନର ସଭାପତି ଜଗଜ୍ଜୀବନ ପଣ୍ଡା, ଦିଶାର ସଦସ୍ୟ ରୋଟାରିଆନ୍ ଶିଶିର କୁମାର ମିଶ୍ର, ଅଧ୍ୟକ୍ଷ ଜୟନ୍ତ ସେନାପତି, ସଦସ୍ୟ ରମେଶ ଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ତିଳୋତ୍ତମା ମହାପାତ୍ର, ସକ୍ରିୟ ସଦସ୍ୟ ପଦ୍ମଲୋଚନ ପଣ୍ଡା, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପୌଢ଼ାଶ୍ରମର ଅନ୍ତେବାସୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନଗତ ସହାୟତା ଓ ନିଜ ଅଧିକାର ସମ୍ପର୍କରେ ସୂଚନା ଗ୍ରହଣ କରିଥିଲେ। ଆଇନ ସମ୍ପର୍କରେ ସଚେତନତା ବୃଦ୍ଧି ଦ୍ୱାରା ବରିଷ୍ଠ ନାଗରିକମାନେ ନିଜର ଅଧିକାର ସୁରକ୍ଷା ସହ ନ୍ୟାୟ ପାଇବାରେ ସହାୟତା ପାଇପାରିବେ ବୋଲି ପ୍ରମୁଖ ବକ୍ତାମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣର କର୍ମୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଛତାବର ଟୋଲ୍‌ଗେଟ୍ ଧୂଆଁମୟ

ବାରିକପୁର,୧।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ୧୬ନଂ ଜାତୀୟ ରାଜପଥର ଛତାବର ଟୋଲ୍ ପ୍ଲାଜା ଆଖପାଖ ସ୍ଥାନ ଅନେକ ସମୟରେ ଧୂଆଁମୟ ହୋଇଯାଉଛି। ପଥଚାରୀମାନେ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇଯାଉଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଟୋଲ୍‌ଗେଟ୍ ଦେଇ ଦୈନିକ ହଜାର ହଜାର ଯାନବାହନ ଯାତାୟାତ କରୁଥିବାବେଳେ ଅଞ୍ଚଳଟି ଧୂଆଁ ଦ୍ୱାରା ଏକପ୍ରକାର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗତି କରୁଛି।

ସୂଚନା ମୁତାବକ, କଟକ ପଟୁ ଆସିଲା ବେଳେ ଟୋଲ୍‌ଗେଟ୍‌ର ବାମପାର୍ଶ୍ୱରେ ରାଜପଥ ନିର୍ମାଣକାରୀ ସଂସ୍ଥାର ଅସ୍ଥାୟୀ ଶିବିର ରହିଛି। ଏଠାରେ କର୍ମଚାରୀମାନେ ବସବାସ କରୁଥିବାବେଳେ ଗୋଟିଏ ପାର୍ଶ୍ୱରେ ପିଚୁ ସହିତ ରାସ୍ତା ନିର୍ମାଣରେ ବ୍ୟବହାର ହେଉଥିବା ଅନ୍ୟାନ୍ୟ ରାସାୟନିକ ସାମଗ୍ରୀକୁ ଉଚ୍ଚ କ୍ଷମତା ସମ୍ପନ୍ନ ଜ୍ୱଳନରେ ଉତପ୍ତ କରାଯାଉଛି। ଇନ୍ଧନ ସ୍ଥାନରେ ଧୂଆଁ ନିର୍ଗତ ପାଇଁ ଆଧୁନିକ ଜ୍ଞାନ କୌଶଳ ସମ୍ପନ୍ନ କୌଣସି ବ୍ୟବସ୍ଥା ନାହିଁ। କେବଳ ଗୋଟିଏ ଛୋଟ ପାଇପ୍‌ରେ ଆକାଶ ମାର୍ଗକୁ ଧୂଆଁ ଛଡ଼ାଯାଉଛି। ଧୂଆଁ ସବୁ ଟୋଲ୍‌ଗେଟ୍ ସଂଲଗ୍ନ ଅଞ୍ଚଳରେ ଅନେକ ସମୟ ଧରି ଭାସମାନ ଅବସ୍ଥାରେ ରହୁଛି। ଏପରିକି ଲୋକମାନେ ଏହି ସ୍ଥାନ ଦେଇ ଯିବାଆସିବାବେଳେ ତୀବ୍ର ଉତ୍ତାପ ଅନୁଭବ କରୁଛନ୍ତି। ପାଖରେ ଥିବା ଜନବସତିଗୁଡ଼ିକ ମଧ୍ୟ ଏହି ଧୂଆଁ ଦ୍ୱାରା ପ୍ରଭାବିତ ହେଉଛି। ନିର୍ମାଣକାରୀ ସଂସ୍ଥା ଦ୍ୱାରା ବେଆଇନ ଭାବେ ଧୂଆଁ ନିର୍ଗତ ହେଉଥିବାବେଳେ ଏଥିରେ ଲୋକମାନେ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡ଼ିବେ ଏଥିରେ ସନ୍ଦେହ ନାହିଁ। ତେଣୁ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମିରିଗାଁ କଂକ୍ରିଟ୍ ରାସ୍ତା ପାଲଟିଛି ମରଣଯନ୍ତା



ବାସୁଦେବପୁର,୧।୧୦(ସମିସ): ବାସୁଦେବପୁର ବ୍ଲକ୍ ସୁଦର୍ଶନପୁର ପଞ୍ଚାୟତର ମିରିଗାଁ ଗ୍ରାମରେ ନିର୍ମିତ ସିମେଣ୍ଟ କଂକ୍ରିଟ୍ ରାସ୍ତା ମରଣଯନ୍ତା ପାଲଟିଛି। ବାସୁଦେବପୁର ବ୍ଲକ୍ ସୁଦର୍ଶନପୁରପଞ୍ଚାୟତରେଚଳିତବର୍ଷ୫ଟିବନ୍ୟାରେମିରିଗାଁଗ୍ରାମଜଳମଗ୍ନହୋଇପଡ଼ିଥିଲା। ପଞ୍ଚମ ବନ୍ୟାରେ ରାସ୍ତା ଉପରେ ୨ ଫୁଟ୍ ଉଚ୍ଚତାରେ ଜଳ ନିଷ୍କାସନ ହେଉଥିଲା। ଫଳରେ ଅନେକ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। କଂକ୍ରିଟ୍ ରାସ୍ତା ଭାଙ୍ଗିଯାଇଥିବାରୁ ଗାତ ସୃଷ୍ଟି ହୋଇଛି। ମିରିଗାଁ ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଗ୍ରାମର ଅଧିକାଂଶ ଲୋକ ଚାଷବାସ ଓ ପନିପରିବା ଚାଷ ଉପରେ ନିର୍ଭର କରିଥା'ନ୍ତି। ବାସୁଦେବପୁର ସହର ସହିତ ଜିଲ୍ଲାର ଅନ୍ୟ ସ୍ଥାନକୁ ପରିବାର ରପ୍ତାନୀ କରିଥା'ନ୍ତି। ଡିଫେନ୍ସ ରାସ୍ତାରୁ ଗାଁ ପର୍ଯ୍ୟନ୍ତ ଲମ୍ବିଯାଇଥିବା ରାସ୍ତା ଲୋକମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ଛୋଟ ଛୋଟ ପିଲାମାନେ ସାଇକଲ ନେଇ ସ୍କୁଲକୁ ଯାଉଥିବାବେଳେ କଂକ୍ରିଟ୍ ଫାଟରେ ଚକା ଗଳିଯିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି। କେବଳ ସାଇକଲ ନୁହେଁ; ବାଇକ୍ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇ ଖଣ୍ଡିଆଖାବରା ହେଉଛନ୍ତି। ସରକାରଙ୍କ ପକ୍ଷରୁ ବନ୍ୟା କ୍ଷୟକ୍ଷତିରେ ରାସ୍ତା ନିର୍ମାଣ କରିବାକୁ ଆସୁଥିବା ଅର୍ଥ ସାମିଲ୍ କରି ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଭୋଟରଙ୍କ ସାମ୍ବିଧାନିକ ଅଧିକାର ଚୋରି କରିଛନ୍ତି ସରକାର

# ଅପାରଗ ସରକାର ବିରୁଦ୍ଧରେ ଆନ୍ଦୋଳନ ହେବ: କଂଗ୍ରେସ

ଭଦ୍ରକ,୧।୧୦(ସମିସ): ଦେଶର ଚାଲୁଥିବା ମୋଦୀ ସରକାର ଗଣତନ୍ତ୍ରକୁ ହତ୍ୟା କରିବା ସହ ସମ୍ବିଧାନ ପ୍ରତି ହୋଇଛି ବିପଦ, ଲୋକଙ୍କ ଭୋଟ୍ ହୋଇଯାଉଛି ଚୋରି। ଫଳରେ ଦେଶରେ ଦେଖାଦେଇଛି ଅରାଜକତା ଏବଂ ବଢ଼ିଚାଲିଛି ବେକାରୀ ସମସ୍ୟା। ଶିକ୍ଷିତ ଯୁବକ/ଯୁବତୀମାନଙ୍କୁ ମିଳୁନାହିଁ ଚାକିରି। ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ଦାୟୀ ରହୁଥିବାରୁ ଆଗାମୀ ଦିନରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜୋର୍‌ଦାର୍ ଆନ୍ଦୋଳନ କରାଯିବ ବୋଲି ବୁଧବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୁବ ସଭାପତି ବଳରାମ ରାଉତ ଚେତାବନୀ ଦେଇଛନ୍ତି। ସେହିପରି ଏ ନିକମା ସରକାର ଦେଶର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଯାଇ ୯୦ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ବନ୍ଦ କରିବା ସହ ପେପର ଲିକ୍ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲିଦେଇଛନ୍ତି।

ଜିଲ୍ଲାର ହଜାର ହଜାର ଯୁବକଯୁବତୀ ଚାକିରି ଖଣ୍ଡିଏ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇଯାଉଥିବା ବେଳେ ଭଦ୍ରକ ଜିଲ୍ଲାରେ ଗଢ଼ି ଉଠିଥିବା ଧାମରା ବନ୍ଦର, ଫେକର ବେଦାନ୍ତ ପାୱାର ପ୍ଲାଣ୍ଟରେ ସେମାନଙ୍କୁ ନିଯୁକ୍ତି ନ ମିଳିବା ଦୁଃଖଦାୟକ ବୋଲି ଶ୍ରୀ ରାଉତ କ୍ଷୋଭ ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ ଭଦ୍ରକ ମେଡିକାଲ କଲେଜ, ଟେକ୍ସଟାଇଲ୍ ପାର୍କ, ଭଦ୍ରକ ବିଶ୍ୱବିଦ୍ୟାଳୟ, ପ୍ରତ୍ୟେକ ପଞ୍ଚାୟତର ୧୦୦ ଜଣଙ୍କୁ ଚାକିରି, ୩୦୦ ୟୁନିଟ୍ ବିଜୁଳି ଫ୍ରି ଦେବେ ବୋଲି ଜିଲ୍ଲାବାସୀଙ୍କୁ ରଙ୍ଗୀନ ସ୍ୱପ୍ନ ଦେଖାଇଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସେମାନଙ୍କ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ଆଗାମୀ ଦିନରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଏ ଦୁଇ ନେତାଙ୍କୁ ଜୋର୍‌ଦାର୍ ବିରୋଧ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତ ଚେତାବନୀ ଦେଇଛନ୍ତି। ସେହିପରି ଜିଲ୍ଲାର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଚାନ୍ଦବାଲିର ଯୁବନେତା ଦୀପକ ଦାସଙ୍କୁ ବିନା ଏଫ୍‌ଆଇଆର୍‌ରେ ରାତିଅଧିଆ ପୁଲିସ ଉଠେଇନେବା ଏବଂ ପରେ ଭାରସାମ୍ୟ ହରାଇ ଦୀପକ ଦାସ ପୁଲିସ ଉପସ୍ଥିତିରେ ବିଷପାନ କରି ପ୍ରାଣ ହରାଇବା ସନ୍ଦେହଜନକ ଅଟେ। ଏହି ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ବଳରାମ ରାଉତ ଦାବି କରିଛନ୍ତି। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଯୁବନେତା ସୂର୍ଯ୍ୟପ୍ରକାଶ ମହାନ୍ତି, ଇଲିଆସ ଅଲ୍ଲୀ ଖାଁ, ଆଲୋକ ସ୍ୱାଇଁ, ସାଦ୍ଦ ସିଦ୍ଦିକ୍, ସମ୍ବିତ୍ ସାହୁ, ପ୍ରଭାତ ମହାନ୍ତି, ଚାନ୍ଦବାଲି ବ୍ଲକ୍ ସଭାପତି ସୁଭାଶିଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକ ଜିଲ୍ଲାରେ ୩ ଦିନିଆ 'ଆଙ୍ଗନ୍ କା ଉତ୍ସବ' ଉଦ୍‌ଯାପିତ

## 'ସୁସ୍ଥ ଜୀବନ ପାଇଁ ପୋଷଣର ଗୁରୁତ୍ୱ'



ଭଦ୍ରକ,୧।୧୦(ସମିସ): ସେବା ସଙ୍କଳ୍ପ ଅଭିଯାନ ଅବସରରେ ଭଦ୍ରକ ଜିଲ୍ଲାରେ ତିନିଦିନିଆ 'ଆଙ୍ଗନ୍ କା ଉତ୍ସବ' ଉତ୍ସାହ ଓ ଆନନ୍ଦର ସହିତ ଆୟୋଜିତ ହୋଇଯାଇଛି। ଜିଲ୍ଲାର ୮ଟି ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ୨୪୩୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ସେପ୍ଟେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବର ପ୍ରଥମ ଦିନରେ ବାପାମାନଙ୍କ ମଧ୍ୟରେ ପୁଷ୍ଟିକର ରୋଷେଇ ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ମାଧ୍ୟମରେ ପରିବାରରେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ଓ ଶିଶୁମାନଙ୍କ ପୁଷ୍ଟି ସମ୍ପର୍କରେ ପୁରୁଷମାନଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇଥିଲା। ଦ୍ୱିତୀୟ ଦିନରେ ଶିଶୁମାନଙ୍କ ପାଇଁ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ, ଖେଳ, ଗୀତ, ନାଚ ଓ ଗପ ଆଦିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଶୁମାନଙ୍କୁ ଲସି, ଫଳ ଓ ମିଲେଟ୍ ବିସ୍କୁଟ୍ ଭଳି ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ତୃତୀୟ ତଥା ଶେଷ ଦିନରେ 'ସୁଭଦ୍ରା ଶକ୍ତି ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମହିଳା ଓ ଶିଶୁମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସେବା ସମ୍ପର୍କରେ ହିତାଧିକାରୀମାନଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ଯୋଜନାରୁ ଉପକୃତ ହୋଇଥିବା ହିତାଧିକାରୀମାନେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଶିଶୁ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ସେବା କ୍ଷେତ୍ରରେ ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟିକା ଓ ଆଶା କର୍ମୀମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଫଳ ବାସ୍କେଟ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିସହିତ 'ଆଙ୍ଗନ୍ କା ଉତ୍ସବ'ର ପ୍ରଥମ ଦିନରେ ଆୟୋଜିତ ପୁଷ୍ଟିକର ରୋଷେଇ ପ୍ରସ୍ତୁତି ପ୍ରତିଯୋଗିତାରେ ସଫଳ ପୁରୁଷ କୃତୀ ପ୍ରତିଯୋଗୀମାନଙ୍କୁ ଶେଷ ଦିନରେ ଜିଲ୍ଲାପାଳଙ୍କ ସ୍ୱାକ୍ଷରିତ ପ୍ରମାଣପତ୍ର ସହ ଫଳ ବାସ୍କେଟ୍ ପ୍ରଦାନ କରାଯାଇଥିଲା। ଉତ୍ସବରେ ଉପସ୍ଥିତ ସମସ୍ତ ହିତାଧିକାରୀଙ୍କୁ 'ତିରଙ୍ଗା ପ୍ଲେଟ୍' ମାଧ୍ୟମରେ ପୁଷ୍ଟିକର ଭୋଜନ ପରିବେଷଣ କରାଯାଇଥିଲା। ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ କଲ୍ୟାଣ ସମ୍ପର୍କରେ ସଚେତନତା ବୃଦ୍ଧି ସହିତ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାରେ 'ଆଙ୍ଗନ୍ କା ଉତ୍ସବ' ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

**ଅସୁରାଳି :** ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ଅନ୍ତର୍ଗତ ସାହୁ ସାହି ଅଙ୍ଗନବାଡ଼ି କେନ୍ଦ୍ର ପକ୍ଷରୁ 'ଆଙ୍ଗନ୍ କା ଉତ୍ସବ' କାର୍ଯ୍ୟକ୍ରମ ଅବସରରେ ରନ୍ଧା ଖାଦ୍ୟ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଅଭିଷେକ ସାହୁ ପ୍ରମାଣପତ୍ର ଓ ପୁରସ୍କାର ହାସଲ କରିଛନ୍ତି। ରନ୍ଧନ ପ୍ରଣାଳୀ ପ୍ରତିଯୋଗିତାରେ ସକ୍ରିୟ ସହଭାଗିତା, ନିଜର ସୃଜନଶୀଳତା ଓ ଉତ୍ତମ ପ୍ରଦର୍ଶନ ପାଇଁ ଅଭିଷେକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶାର ପାରମ୍ପରିକ ଖାଦ୍ୟ ଓ ପୋଷଣର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଦିଗରେ ତାଙ୍କର ଏହି ଉଦ୍ୟମକୁ ଉପସ୍ଥିତ ଅତିଥି ଓ ଜନସାଧାରଣ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ସମାଜସେବୀ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଧାନଶିକ୍ଷକ ପ୍ରଭଞ୍ଜନ ସାହୁ ଓ ପ୍ରଧାନଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଙ୍ଗନବାଡ଼ି କର୍ମୀ ସୁମିତା ରାଉତଙ୍କ ସମେତ ସାହୁ ସାହି ଗ୍ରାମର ବହୁ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏହି ଉତ୍ସବରେ ଉପସ୍ଥିତ ଥିଲେ। ପାରମ୍ପରିକ ଖାଦ୍ୟ, ପୁଷ୍ଟିକର ଆହାର ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଏହି କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା।




**ବାରିକପୁର :** 'ସେବା ସଂକଳ୍ପ ଅଭିଯାନ' ପାଳନ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ୍ କା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ସୁସ୍ଥ ଶୈଶବ ସମାଜର ଭିତ୍ତି ବୋଲି ଉଲ୍ଲେଖ କରାଯାଇ ସୁସ୍ଥ ଜୀବନ ପାଇଁ ପୋଷଣର ଗୁରୁତ୍ୱ ରହିଛି ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ଝୁଟଣାରେ କର୍ମୀ ଅନସୂୟା ଜେନା ଓ ସାତୋଶୋଳା ଅଙ୍ଗନବାଡ଼ି କର୍ମୀ ବାସନ୍ତୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ତପସ୍ୱିନୀ ମହାପାତ୍ର ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମିତା ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ ହସକୁ ସୁରକ୍ଷିତ ରଖିବା ଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏକ ସୁସ୍ଥ, ସଚେତନ ତଥା ପୋଷଣଯୁକ୍ତ ସମାଜ ଗଢ଼ିବାର ସଂକଳ୍ପ ନେବାକୁ କହିଥିଲେ।

**କୋଠାର:** ଧାମନଗର ବ୍ଲକ୍ ଅନ୍ତର୍ଗତ ବୟାଙ୍ଗଡିହି ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ସେବା ସଙ୍କଳ୍ପ ଅଭିଯାନ ଏବଂ ନବମ ପୋଷଣ ମାସ ଅବସରରେ 'ଆଙ୍ଗନ୍ କା ଉତ୍ସବ' ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମଥର ପାଇଁ ଅଙ୍ଗନବାଡ଼ିକେନ୍ଦ୍ରଗୁଡ଼ିକରେଏଭଳିଉତ୍ସବପାଳନକରାଯାଉଥିବା ବେଳେ ଏଥିରେ ଗର୍ଭବତୀ ମହିଳା, କିଶୋରୀ ଓ ଶିଶୁମାନଙ୍କ ଅଭିଭାବକମାନେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଶିଷ କୁମାର ନାୟକ ଯୋଗଦେଇଥିଲେ। ଅଙ୍ଗନବାଡ଼ି କର୍ମୀ ଅନ୍ନପୂର୍ଣ୍ଣା ନନ୍ଦୀଙ୍କ ସହ ସୁଜାତା ମହାପାତ୍ର, ସସ୍ମିତା ନାୟକ, ସବିତା ମହାପାତ୍ର ଓ ଦମୟନ୍ତୀ ନାୟକଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏଥିରେ ବିକ୍ରମ ସାମଲ, ସଦାଶିବ ସାହୁ, ପ୍ରଶାନ୍ତ ମହାପାତ୍ର, ମାୟାଧର ବଳଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ମହିଳା ଓ ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନ କରାଯାଇଥିଲା।



# ଆଦିବାସୀଙ୍କ ସ୍ୱତନ୍ତ୍ର ପରମ୍ପରା ଓ ଅଧିକାର ସୁରକ୍ଷା ପାଇଁ ଶୋଭାଯାତ୍ରା

ବାରିପଦା, ୧।୧୦ (ସମିସ)

ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ସ୍ୱତନ୍ତ୍ର ପାରମ୍ପରିକ ଅଧିକାର, ଜମିଜମା ଉତ୍ତରାଧିକାର ବ୍ୟବସ୍ଥା ଓ ସାମ୍ବିଧାନିକ ସ୍ୱାୟତ୍ତତାର ସୁରକ୍ଷା ଦାବି ନେଇ ଜନଜାତି ପ୍ରତିନିଧି ଦଳ ପକ୍ଷରୁ ବାରିପଦାରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଜମିଜମା ରେକର୍ଡ ଓ ଉତ୍ତରାଧିକାର ବିବାଦକୁ ହିନ୍ଦୁ ଆଇନ ଅଧୀନକୁ ନେବା ଓ ପାରମ୍ପରିକ ଗ୍ରାମ ପ୍ରଶାସନର କ୍ଷମତାକୁ ଅଣଦେଖା କରିବା ପ୍ରତିବାଦରେ ଆଦିବାସୀ ନେତୃବୃନ୍ଦ ରାଜସ୍ୱ ଡିଭିଜନାଲ କମିଶନ (ଆରଡିସି)ଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ର ଅନୁଯାୟୀ, ରାଜସ୍ୱ ରେକର୍ଡର ତଥାକଥିତ "ସଂଶୋଧନ" ଆଳରେ ଜନଜାତିଙ୍କ ପୈତୃକ ସମ୍ପତ୍ତିକୁ ମନମୁଖୀ ଭାବେ ହିନ୍ଦୁ ପର୍ସନାଲ ଲ' ଅଧୀନକୁ ଆଣାଯାଉଛି, ଯାହା ସେମାନଙ୍କ ପାରମ୍ପରିକ ବ୍ୟବସ୍ଥା ଉପରେ କୁଠାରଘାତ



କରୁଛି। ତେଣୁ ଜନକଲ୍ୟାଣ-୨ ସଂଶୋଧନ ପ୍ରକ୍ରିୟା ତୁରନ୍ତ ବନ୍ଦ କରିବା ସହ ହିନ୍ଦୁ ଆଇନ ପରିବର୍ତ୍ତେ ଜନଜାତିଙ୍କ ନିଜସ୍ୱ ପାରମ୍ପରିକ ନୀତି ଅନୁଯାୟୀ ଜମି ନାମାନ୍ତରଣ (ମ୍ୟୁଟେସନ) କରିବାକୁ ଦାବି କରାଯାଇଛି। ଏଥିସହ ବଂଶାବଳୀ ଓ ଆଭ୍ୟନ୍ତରୀଣ ବିବାଦ ସମାଧାନ କ୍ଷେତ୍ରରେ ସମ୍ବିଧାନ ପ୍ରଦତ୍ତ ଗ୍ରାମସଭା ଓ ପାରମ୍ପରିକ ଗ୍ରାମ ପ୍ରଶାସନର ନିଷ୍ପତ୍ତିକୁ ପ୍ରାଥମିକତା ଦେବା ସମ୍ପର୍କରେ ତୃଣମୂଳ ସ୍ତରର ରାଜସ୍ୱ ଅଧିକାରୀଙ୍କ ପାଇଁ ସ୍ପଷ୍ଟ ସର୍କୁଲାର ଜାରି କରିବାକୁ ଅନୁରୋଧ କରାଯାଇଛି। ଏଥିସହିତ ପ୍ରସ୍ତାବିତ ସମାନ ନାଗରିକ ସଂହିତା (ୟୁସିସି)ରୁ ଓଡ଼ିଶାର ସମସ୍ତ ଅନୁସୂଚିତ ଜନଜାତିଙ୍କୁ ସମ୍ପୂର୍ଣ୍ଣ ମୁକ୍ତ ରଖିବା ଓ ପ୍ରକୃତି ପୂଜକ ଆଦିବାସୀଙ୍କ ଧାର୍ମିକ ପରିଚୟ ବଜାୟ ରଖିବା ଲାଗି ଆଗାମୀ ଜନଗଣନାରେ ସ୍ୱତନ୍ତ୍ର "ସାରନା କୋଡ୍" ସାମିଲ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆସେକା ସମ୍ପାଦକ ଜିତେନ୍ଦ୍ର ହାସଦାଃ, ଜାମଦା ଆସେକା ସମ୍ପାଦକ ମେଘରାଜ ଟୁଡୁଙ୍କ ସମେତ ବହୁ ସଂଖ୍ୟାରେ ଆଦିବାସୀ ପ୍ରତିନିଧି ଉପସ୍ଥିତ ଥିଲେ।

## ଅଜଣା ଯୁବକଙ୍କୁ ନେଇ ଫାଣ୍ଡିରେ ଉତ୍ତେଜନା

କପ୍ତିପଦା/ଉଦଳା,୧।୧୦(ସମିସ): ଜଣେ ଅଜଣା ଯୁବକଙ୍କ ଉପରେ ସନ୍ଦେହ ହେବାରୁ ଅଟକାଇଥିଲେ ଫାଣ୍ଡି ବାବୁ। ପରେ ଉକ୍ତ ଯୁବକ ଉତ୍ତରପ୍ରଦେଶ ଅଞ୍ଚଳର ଓ ସେ ନିଖୋଜ ଥିବା ଜଣାପଡ଼ିଥିଲା। ତେବେ ସେହି ଯୁବକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରିବର୍ତ୍ତେ ତାଙ୍କୁ ଫାଣ୍ଡି ବାବୁ ଛାଡ଼ିଦେଲେ। ଯାହାକୁ ନେଇ କପ୍ତିପଦା ଥାନା ନୁଆଡିହା ଫାଣ୍ଡିରେ ଉତ୍ତେଜନା ଦେଖାଦେଇଛି। ଉତ୍ତରପ୍ରଦେଶ ଅଞ୍ଚଳର ସତ୍ୟମ ଶ୍ରୀନିବାସ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ନୁଆଡିହା ଫାଣ୍ଡିରେ ରଖିଥିଲେ ଗ୍ରାମବାସୀ। ଉକ୍ତ ଯୁବକଙ୍କ ଘର ଉତ୍ତରପ୍ରଦେଶ ଅଞ୍ଚଳରେ ଜଣାପଡ଼ିଥିଲା। ସେହି ଯୁବକ ଦେଇଥିବା ଫୋନ ନମ୍ବରରେ ଯୋଗାଯୋଗ କରିବା ସହିତ ତାଙ୍କ ଭାଇ କିତେନ୍ଦ୍ର ତାଙ୍କୁ ନେବାକୁ ଆସିବେ ବୋଲି କହିଥିଲେ। ଆଜି ଆସି ପହଞ୍ଚିଥିଲେ ସୁଦ୍ଧା ଫାଣ୍ଡିରେ ତାଙ୍କ ଭାଇ ନ ଥିବା ଜାଣିବାକୁ ପାଇଥିଲେ। ଯାହାକୁ ସ୍ଥାନୀୟ ଯୁବକ ବିରୋଧ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଫାଣ୍ଡି ଅଧିକାରୀ ସୁଶୀଲ ସାମଲ ସତ୍ୟମ ଶ୍ରୀନିବାସଙ୍କୁ କେଉଁଠାରେ ଛାଡ଼ି ଦେଇଛନ୍ତି, ଫଳରେ ତାଙ୍କର କୌଣସି ପତ୍ତା ମିଳୁନାହିଁ। ଏଣେ ଫାଣ୍ଡିରେ ସମ୍ପୃକ୍ତ ଯୁବକଙ୍କ ଭାଇ ୩ ଘଣ୍ଟାରୁ ଅଧିକ ହେବ ଜଗି ବସିଛନ୍ତି। ପୁଲିସର ଏହି ଅବହେଳାକୁ ନେଇ ଫାଣ୍ଡିରେ ଉତ୍ତେଜନା ପ୍ରକାଶ ପାଇଛି। ନିଖୋଜ ଯୁବକଙ୍କୁ ଖୋଜି ଆଣିବା ଜିଦିରେ ହୋ ହାଲ୍ଲା କରିବା ସହିତ ଉତ୍ତ୍ୟକ୍ତ ଲୋକେ ଫାଣ୍ଡି ଘେରିଛନ୍ତି।

## ଜାତୀୟ ରକ୍ତଦାନ ଦିବସ ପାଳିତ



ଆନନ୍ଦପୁର, ୧।୧୦(ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଛି। ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଅମର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆନନ୍ଦପୁର ଡାକ୍ତରଖାନା ଅଧୀକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ, ଡାକ୍ତର ଉଦୟ ଭାସ୍କର ପଣ୍ଡା, ଡାକ୍ତର ଲକ୍ଷ୍ମୀଧର ନାୟକ, ଡାକ୍ତର ସୁବ୍ରତ ଚିନ୍ନାରା, ଆମ ଓଡ଼ିଶାର ସଂଯୋଜକ ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗଦେଇଥିଲେ। ରକ୍ତଦାତା ତାରିଣୀ ପ୍ରସାଦ ପଟ୍ଟନାୟକ, ଆଶୁତୋଷ ମାଝୀ, ବିଭୁପ୍ରସାଦ ରାଉତ, ଜୟ ସେଠି, ଆଦିକନ୍ଦ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ଅମର ବେହେରା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଡାକ୍ତରଖାନା ପରିଚାଳକ ଅବିନାଶ ଧଳ, ରକ୍ତଭଣ୍ଡାରର ସୁଦର୍ଶନ ବେହେରା, ମୋନାଲିସା ପୁହାଣ, ତପସ୍ୱିନୀ ସାହୁ, ଅଶୋକ କୁମାର ସୁର, ହାଡ଼ିବନ୍ଧୁ ସୁବୁଦ୍ଧି, ଅଞ୍ଜନ ସିଂହ, ପୂର୍ଣ୍ଣଚନ୍ଦ୍ର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁଇ ବାଇକ୍ ଧକ୍କା; ବୃଦ୍ଧ ମୃତ, ଜଣେ ଗୁରୁତର

● ପୁଅ ଆଗରେ ଗଲା ବାପାଙ୍କ ଜୀବନ

ତୁରୁମୁଙ୍ଗା, ୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ରାଜନଗର ଚିଲିଦା ରାସ୍ତାର ରାଜନଗର ଆମ୍ବ ତୋଟା ନିକଟରେ ଗୁରୁବାର ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ବର୍ତ୍ତି ଯାଇଛନ୍ତି। ଅନ୍ୟ ଏକ ବାଇକ୍ ଆରୋହୀ ନୂଆଗାଁର ସିଦ୍ଧାନ୍ତ କୁମାର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ୱାର୍ଡ ନମ୍ବର ୧୨ର ବେଣୁଧର ଦେହୁରୀ(୭୨)। ପୁଅ ସହ କରଞ୍ଜିଆକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆଉ ଏକ ବାଇକ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଉଭୟଙ୍କୁ ୧୦୮ ସହାୟତାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ବେଣୁଧରଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ପିଆଶାଳ ଓ ଗମ୍ଭାରୀ ପଟା ଜବତ, ଜଣେ ଅଟକ

ତୁରୁମୁଙ୍ଗା, ୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନର ଗୋରାଣ୍ଡିଯୋଡି ବିଟ୍ ଅନ୍ତର୍ଗତ ଭୁଲପଡା ଗ୍ରାମରେ ଗୁରୁବାର ବନବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର କାଠ ଜବତ କରାଯାଇଛି। ବନବିଭାଗ ପକ୍ଷରୁ ଗ୍ରାମର ସୁବାସଚନ୍ଦ୍ର ନାଏକଙ୍କ ଘରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଶାଗୁଆନ ଓ ଗମ୍ଭାରୀ କାଠର ପଟା ଏବଂ ଚୌକାଠ ଜବତ କରାଯାଇଛି। ଘର ମାଲିକ ଘରୁ ଫେରାର ଥିବା ଜଣାପଡ଼ିଛି। ବନ ବିଭାଗ ତାଙ୍କ ପୁଅ ରୋହିତ ନାଏକଙ୍କୁ ଉଠାଇ ଆଣି ତଦନ୍ତ ଜାରି ରଖିଛି। ଏଥିସହ ଜବତ କାଠକୁ ନିଜ ହେପାଜତକୁ ନେଇଛି। ପାଟଣା ବନାଞ୍ଚଳ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଦ୍ଧା, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରାଙ୍କ ସମେତ ବନରକ୍ଷୀ ଓ ବନବିଭାଗର ପାରା ଷ୍ଟାଫ୍ ସାମିଲ ହୋଇଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କରଞ୍ଜିଆ,୧।୧୦(ସମିସ): କରଞ୍ଜିଆରେ ଚାରିଦିନ ଧରି ଆୟୋଜିତ ଜିଲ୍ଲାସ୍ତରୀୟ ଖେଳକୁଦ ଓ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲ୍ଲାର ୪୭୮ ଜଣ ବାଳିକା ଓ ୫୪୬ ଜଣ ବାଳକଙ୍କୁ ମିଶାଇ ସମୁଦାୟ ୧୦୨୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳିତ ଜୀବନ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ପଞ୍ଚପୀଢ଼ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ମୁଖ୍ୟବକ୍ତା, ଏସଡିପିଓ ନବକୃଷ୍ଣ ନାଏକ, ସମାଜସେବୀ କୃପାସିନ୍ଧୁ ମହାନ୍ତ ଓ ଏବିଇଓ ଶଶୀଧର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଇଓ ତରୁ ନାଏକ ସ୍ୱାଗତ ଭାଷଣ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକ ବିବରଣୀ ପାଠ କରିଥିଲେ। ସଫଳ ଆୟୋଜନ ପାଇଁ ଶିକ୍ଷକ ଦୀପ୍ତିରଞ୍ଜନ ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ମଶାଲ ଲିଭାଇ ପ୍ରତିଯୋଗିତାର ଆନୁଷ୍ଠାନିକ ସମାପନ ଘୋଷଣା କରିଥିଲେ।

■ କୁଳିଅଣା ଘୋଡ଼ାପାଳ ଘାଟରେ ଖଣି ବିଭାଗର ଚଢ଼ଉ

## ୪ ବାଲି ଟ୍ରାକ୍ଟର ଜବତ, ୨ ଫେରାର

କୁଳିଅଣା, ୧।୧୦(ସମିସ): କୁଳିଅଣା ବ୍ଲକ୍ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଚାଲାଣ ରୋକିବା ପାଇଁ ଖଣି ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। କୁଚେଇ ନିକଟସ୍ଥ ଘୋଡ଼ାପାଳ ବାଲିଘାଟରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇ କୁଳିଅଣା ଥାନା ଜିମା ଦିଆଯାଇଛି। ଅନ୍ୟ ଦୁଇଟି ଟ୍ରାକ୍ଟର ମଧ୍ୟରୁ ଗୋଟିଏ କାଦୁଅରେ ଫସି ରହିଥିବାବେଳେ ଅନ୍ୟଟି ଚକମା ଦେଇ ଖସି ପଳାଇବାରେ ସକ୍ଷମ ହୋଇଥିଲା। ବୁଢ଼ାବଳଙ୍ଗ ନଦୀର ବିଭିନ୍ନ ଘାଟରୁ ଦିନରାତି ବେଆଇନ ଉତ୍ତୋଳନ ଯୋଗୁଁ ବିପୁଳ ସରକାରୀ ରାଜସ୍ୱ ହାନି ହେଉଥିବାବେଳେ ଖଣି ବିଭାଗର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଛି। ଏହି ଚୋରା ଚାଲାଣ ଉପରେ ଆଗକୁ ପ୍ରଶାସନ କିଭଳି କଡ଼ା ନଜର ରଖୁଛି,ତାହା ଦେଖିବାକୁ ବାକି ରହିଲା।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ସିକିଲ ସେଲ ରୋଗୀ ପାଇଁ ରକ୍ତଦାନ

ବାରିପଦା, ୧।୧୦(ସମିସ): 'ରକ୍ତଦାନ ଏକ ମହତ୍ ଓ ପୁଣ୍ୟ କର୍ମ' ଉକ୍ତିକୁ ଆଧାର କରି ନିୟମିତ ରକ୍ତଦାନ କରିଆସୁଥିବା ଡ ଅକ୍ଷୟ କୁମାର ମହାନ୍ତି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ଜଣେ ସିକିଲ ସେଲ ରୋଗୀ ପାଇଁ ରକ୍ତଦାନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବାରିପଦାସ୍ଥ ଓଡ଼ିଶା ରକ୍ତ କେନ୍ଦ୍ରରେ ଡା ମହାନ୍ତି ନିଜର ୪୪ତମ ଥର ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଜଣେ ସିକିଲସେଲ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ଥିବା ଖବର ପାଇବା ପରେ ଡା ମହାନ୍ତି ତୁରନ୍ତ ରକ୍ତ କେନ୍ଦ୍ରରେ ପହଞ୍ଚିଥିଲେ। ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ପରିଚୟ ଦେଇ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ତାଙ୍କର ଏହି ପଦକ୍ଷେପ ଅନ୍ୟମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ପ୍ରେରଣା ଯୋଗାଇବ ବୋଲି ଅନ୍ୟତମ ନିୟମିତ ରକ୍ତଦାତା ସୋମନାଥ ସିଂହ ପ୍ରକାଶ କରିଛନ୍ତି। ରକ୍ତର କୌଣସି କୃତ୍ରିମ ବିକଳ୍ପ ନ ଥିବାରୁ ରକ୍ତଦାତାଙ୍କ ଅବଦାନ ରୋଗୀଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ହୋଇଥାଏ ବୋଲି ରକ୍ତଦାତା ତଥା ସାମ୍ବାଦିକ ହିମାଂଶୁ ଶେଖର ପ୍ରହରାଜ କହିଛନ୍ତି। ତେଣୁ ରକ୍ତଦାନ ଜଣେ ରକ୍ତଦାତାଙ୍କ ମାଧ୍ୟମରେ ଏକାଧିକ ଜୀବନ ରକ୍ଷା କରିବାରେ ସହାୟକ ହୋଇଥାଏ। ବିଶେଷକରି ସିକିଲସେଲ, ଥାଲାସେମିଆ, ଦୁର୍ଘଟଣାଗ୍ରସ୍ତ ଓ ଗୁରୁତର ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ରହିଥାଏ । ଏ ଅବସରରେ ଡ. ମହାନ୍ତିଙ୍କୁ ଆୟୋଜକ ଅରବିନ୍ଦ ମୁଖି, ଶ୍ରୀ ସିଂହ ଓ ଶ୍ରୀ ପ୍ରହରାଜ ଉତ୍ତରୀୟ ଓ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।



## ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ



ବିଶୋଇ,୧।୧୦(ସମିସ): ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ବ୍ଲକ ଅନ୍ତର୍ଗତ ଖଡ଼ମବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ତଥା ଭାରପ୍ରାପ୍ତ ମଣଦା ବନାଞ୍ଚଳ ଅଧିକାରିଣୀ ରେଣୁବାଳା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସିଆରସିସି ସତ୍ୟନାଥ ପାତ୍ର ଓ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷିକେଶ ପାତ୍ର, ଶିକ୍ଷୟିତ୍ରୀ ସୁଜାତା ମୁଣ୍ଡାରୀ ଓ ସୁଷମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶକୁ ସୁସ୍ଥ ଓ ସନ୍ତୁଳିତ ରଖିବାକୁ ହେଲେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଅପରିହାର୍ଯ୍ୟ। ବନ୍ୟପ୍ରାଣୀ ସଂଖ୍ୟା କମିବା ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି। ଯଦ୍ୱାରା ଜଳବାୟୁରେ ପରିବର୍ତ୍ତନ ଘଟୁଛି ବୋଲି ଅତିଥିମାନେ ମତ ଦେଇଥିଲେ। ବିଶୋଇ ବନପାଳ ପଙ୍କଜ ବେହେରା ସଭା ପରିଚାଳନା କରିଥିବାବେଳେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ତାରାକାନ୍ତ ପଣ୍ଡା ଓ ରାଜୀବ ଲୋଚନ ପଲେଇ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ବନପାଳ ଛିତା ଟୁଡୁ, ରଞ୍ଜିତା ମହାନ୍ତ, ବନରକ୍ଷୀ ଜାଶ୍ମିମଣି ମାରାଣ୍ଡି, ମେଘରାୟ ମାରାଣ୍ଡି ଓ ଦିଲ୍ଲୀପ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ଦିବସ ପାଳିତ

ବଡ଼ବିଲ, ୧।୧୦(ସମିସ): ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ବଡ଼ବିଲ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ସଭା ଆୟୋଜିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସମ୍ମାନ, ସୁରକ୍ଷା ଓ ସମାଜ ପ୍ରତି ସେମାନଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଭାବେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ପୌରନିର୍ବାହୀଅଧିକାରୀ ରମେଶଚନ୍ଦ୍ର ନାୟକ, ପୂର୍ବତନ ପୌରାଧ୍ୟକ୍ଷ ଦିଲୀପ ମିଶ୍ର ଏବଂ ସମାଜସେବୀ ରାଜକିଶୋର ଦାସ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବାଙ୍ଗିରିପୋଷି, ୧।୧୦(ସମିସ): ପାଣ୍ଡରାବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ମହାନ୍ତ ଗତ ୩୦ରେ ଅବସର ଗ୍ରହଣ କରିଛନ୍ତି। ଏ ଉପଲକ୍ଷେ ବିଦ୍ୟାଳୟ ପରିସର ତଥା ବାଙ୍ଗିରିପୋଷି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୧୯୮୮ରୁ ମାତ୍ର ୧୦୫ ଟଙ୍କା ଦରମାରେ ଶିକ୍ଷକତା ଆରମ୍ଭ କରିଥିବା ଶ୍ରୀ ମହାନ୍ତ ପରବର୍ତ୍ତୀ ସମୟରେ ନିୟମିତ ଶିକ୍ଷକ ଓ ସିଆରସିସି ଭାବେ ନିଷ୍ଠାର ସହ ଦାୟିତ୍ୱ ତୁଲାଇଥିଲେ। ଦୀର୍ଘ ବର୍ଷର ନିରବଚ୍ଛିନ୍ନ ସେବା, ସରଳ ସ୍ୱଭାବ ଓ କର୍ତ୍ତବ୍ୟନିଷ୍ଠା ପାଇଁ ସେ ସମଗ୍ର ଶିକ୍ଷକ ସମାଜରେ ସର୍ବଦା ଆଦରଣୀୟ ହୋଇ ରହିବେ।

## ଆନ୍ତର୍ଜାତିକ ବୟସ୍କ ଦିବସରେ ୬୦ ଜଣଙ୍କୁ ସହାୟକ ଉପକରଣ ବଣ୍ଟନ

ବାରିପଦା, ୧।୧୦(ସମିସ): ଆନ୍ତର୍ଜାତିକ ବୟସ୍କ ଦିବସ ଉପଲକ୍ଷେ ବାରିପଦା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡର ନହରପଦା ସ୍କୁଲ ପରିସରରେ "ଆଲିମକୋ' ସହାୟତାରେ ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୦ ଜଣ ବୟସ୍କ, ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର, କମୋଡ୍ ଚେୟାର, ଆଶାବାଡ଼ି, ଶ୍ରବଣ ଯନ୍ତ୍ର, ଆଣ୍ଠୁ ଓ ଅଣ୍ଟା ବେଲ୍ଟ ଆଦି ବିଭିନ୍ନ ସହାୟକ ସାମଗ୍ରୀ ମାଗଣାରେ ପ୍ରଦାନ କରାଯାଇଛି। ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ସଭାପତି ଅରୁଣ ବେହେରା ଓ ସ୍ଥାନୀୟ କାଉନସିଲର ପ୍ରଭାତୀ ପୃଷ୍ଟିଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ବୟସ୍କଙ୍କ ସୁରକ୍ଷା ଆଇନ ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏ ଅବସରରେ ଉପସ୍ଥିତ ହିତାଧିକାରୀ ସଂଘ ଓ ଆଲିମକୋ କର୍ମଚାରୀ ଇସିତା ବିଶ୍ୱାସ ଓ ଆଲୋକ ଖଟୁଆଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତପସ୍ୱିନୀ ରଣା, ଶକୁନ୍ତଳା ନାଏକ, ସୁଶାନ୍ତ ନାଏକ ଓ ବ୍ରହ୍ମାନନ୍ଦ ନାଏକ ପ୍ରମୁଖ ସହଯୋଗ କରିଥିଲେ।



## ରାସ୍ତା ପଚାରିବା ବାହାନାରେ ବୃଦ୍ଧଙ୍କଠାରୁ ୩୦ ହଜାର ଲୁଟ୍

ରାଇରଙ୍ଗପୁର, ୧।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ଗିଦିଘାଟୀ ନିକଟରେ ଜଣେ ବୃଦ୍ଧଙ୍କଠାରୁ ଦିନଦ୍ୱିପ୍ରହରରେ ୩୦ ହଜାର ଟଙ୍କା ଲୁଟ୍ ହୋଇଛି। ତାରଣା ଗ୍ରାମର ରଣଜିତ ମଣ୍ଡଳ (୬୦) ଗିଦିଘାଟୀ କାନାରା ବ୍ୟାଙ୍କରୁ ଟଙ୍କା ଉଠାଇ ନିଜ ମୋପେଡ୍ ଯୋଗେ ଘରକୁ ଫେରୁଥିଲେ। ହେଁସଡ଼ା ଗ୍ରାମ ମୁଣ୍ଡରେ ଏକ ପଲସର ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କୁ କରଞ୍ଜିଆ ରାସ୍ତା ପଚାରିଥିଲେ। କଥାବାର୍ତ୍ତା କରୁଥିବା ସମୟରେ ଚତୁରତାର ସହ ମୋପେଡ୍ ହ୍ୟାଣ୍ଡେଲରେ ଝୁଲୁଥିବା ଟଙ୍କା ବ୍ୟାଗ୍‌ଟିକୁ ଝାମ୍ପି ନେଇ ସେମାନେ ବଡ଼ପଳସା ରାସ୍ତା ଦେଇ ଫେରାର ହୋଇଯାଇଥିଲେ। ଏ ନେଇ ଝରାଡିହି ଫାଣ୍ଡିରେ ଅଭିଯୋଗ ପରେ ତିରିଂ ଥାନା ଆଇଆଇସି ରାମହରି ସେଠୀ ଓ ଫାଣ୍ଡି ଅଧିକାରୀ ତପନ ବାରିକ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଫେରାର ଲୁଟେରାଙ୍କ ସନ୍ଧାନ ଜାରି ରଖିଛି।

## ମହୁମାଛି ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

କୁଆମରା,୧।୧୦(ସମିସ): ମହୁମାଛି ଆକ୍ରମଣରେ ଖୁଣ୍ଟା ଥାନା ଅଞ୍ଚଳର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଗୋପବନ୍ଧୁନଗର ବ୍ଲକ ଶୀଳଘାଟି ଗ୍ରାମର କୁନା ମାରାଣ୍ଡି (୬୦)। ପ୍ରତିଦିନ ଭଳି ଆଜି ମଧ୍ୟ କୁନା ସ୍ଥାନୀୟ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିଲେ। ହଠାତ୍ ଅସଂଖ୍ୟ ମହୁମାଛି ଆସି ତାଙ୍କୁ ଆକ୍ରମଣ କରିବାରୁ ସେ ପ୍ରାଣ ବଞ୍ଚାଇବାକୁ ଯାଇ କେନାଲ ପାଣିରେ ବୁଡି ରହିଥିଲେ। ଖବର ପାଇ ଖୁଣ୍ଟା ଅଗ୍ନିଶମ ବିଭାଗ ପହଞ୍ଚି ଗୁରୁତର ଅବସ୍ଥାରେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କଲେଜ ଛାତ୍ରୀଙ୍କୁ ଅପହରଣ ନେଇ ମାମଲା

କୁଆମରା,୧।୧୦(ସମିସ): ଗୋପବନ୍ଧୁନଗର ବ୍ଲକ ଅଞ୍ଚଳର ଏକ ଡିଗ୍ରୀ କଲେଜର ଅଧ୍ୟୟନରତ ପ୍ରଥମ ବର୍ଷର ଛାତ୍ରୀଙ୍କୁ ଜଣେ ୨୮ ବର୍ଷର ଯୁବକ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିବାବେଳେ ମାମଲା ରୁଜୁ ହୋଇଛି। ଛାତ୍ରୀ ଜଣକ ୨୯ ତାରିଖରେ କଲେଜକୁ ଆସିଥିବାବେଳେ ଘରକୁ ଫେରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି ନ ପାଇବାରୁ ପରଦିନ କୁଆମରା ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୨୫୫/୨୬ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିବାବେଳେ ୩୦ ତାରିଖ ସନ୍ଧ୍ୟାରେ ଉଭୟଙ୍କୁ ଠାବ କରି ଖୁଣ୍ଟା ଥାନାକୁ ନିଆଯାଇଥିଲା। ସେଠାରେ ଉଭୟ ପରିବାରଙ୍କ ମଧ୍ୟରେ ବୁଝାମଣା ହୋଇ ନ ପାରିବାରୁ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଥିଲା ପୁଲିସ। ଅପହୃତା ଛାତ୍ରୀ ଆଜି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଯୁବକ ଜଣକ ତାଙ୍କୁ ଅପହରଣ କରିଥିବା ନେଇ ବୟାନ ରଖିଛନ୍ତି। ପୁଲିସ ଅପହୃତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

## କାର୍ଯ୍ୟରତ ସରକାରୀ ଅଧିକାରୀଙ୍କୁ ଆକ୍ରମଣ

ଚମ୍ପୁଆ, ୧।୧୦(ସମିସ): ସରକାରୀ କାର୍ଯ୍ୟ ସମ୍ପାଦନ କରିବାକୁ ଯାଇଥିବା ବେଳେ ଚମ୍ପୁଆ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ ନାୟକଙ୍କୁ କେତେକ ଯୁବକ ଆକ୍ରମଣ କରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗତ ୨୭ ତାରିଖ ରାତି ପ୍ରାୟ ୯ଟା ୧୫ ସମୟରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଞ୍ଚାୟତର କେଭି ଉଚ୍ଚବିଦ୍ୟାଳୟର ଛାତ୍ରୀ ନିବାସ ସମ୍ମୁଖରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଛାତ୍ରୀ ନିବାସର ଜଣେ ଦଶମ ଶ୍ରେଣୀ ଛାତ୍ରୀ ନିଖୋଜ ଥିବା ନେଇ ଖବର ମିଳିଥିଲା। ଏଥିସହ ଛାତ୍ରୀ ଜଣକ ନିଜ ଘରେ ମଧ୍ୟ ପହଞ୍ଚି ନଥିବା ନେଇ ଅଭିଭାବକଙ୍କ ପକ୍ଷରୁ ଖବର ମିଳିବା ପରେ ଶ୍ରୀ ନାୟକ ଘଟଣାସ୍ଥଳକୁ ଯାଇଥିଲେ। ସେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ହଷ୍ଟେଲକୁ ଆସିବାକୁ କହି ହଷ୍ଟେଲ ବାହାର ସର୍ବସାଧାରଣ ରାସ୍ତାରେ ଠିଆ ହୋଇଥିବା ବେଳେ କିଛି ଯୁବକ ଶ୍ରୀ ନାୟକଙ୍କୁ ଅଚାନକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ବାରିଆ ଥାନାରେ ଅଭିଯୋଗ ହୋଇଥିବା ବେଳେ ବାରିଆ ଥାନାର ସୂରଜଚନ୍ଦ୍ର ଦେହୁରୀ ଘଟଣାର ତଦନ୍ତ କରୁଛନ୍ତି। ଏନେଇ ବାରୀଆ ଥାନାରେ ମାମଲା ନମ୍ବର ୧୭୦/୨୬ ରୁଜୁ ହୋଇଛି। ପୁଲିସ ଅଧିକ ତଦନ୍ତ କରୁଥିବା ବାରିଆ ଥାନାଧିକାରୀ ମୁକୁନ୍ଦଦେବ ନାୟକ ପ୍ରକାଶ କରିଛନ୍ତି।

ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

## 'ବରିଷ୍ଠ ନାଗରିକଙ୍କ ଅନୁଭବ ଓ ଜ୍ଞାନ ସମାଜର ମୂଲ୍ୟବାନ ସମ୍ପଦ'

ବାରିପଦା, ୧।୧୦(ସମିସ)

ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ଥାନୀୟ ସହିଦ୍ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ୧୭୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବରିଷ୍ଠ ନାଗରିକଙ୍କ ଅନୁଭବ ଓ ଜ୍ଞାନ ସମାଜର ମୂଲ୍ୟବାନ ସମ୍ପଦ। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସାଇବର ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଡେପୁଟି ଜିଲ୍ଲାପାଳ ଶ୍ରଦ୍ଧା ସୁମନ ଓ ଆରଡିଏସି ସମ୍ପାଦକ ବିଜୟ କୁମାର ବେହେରା ଉପସ୍ଥିତ ଥିଲେ। ଏ ଅବସରରେ ଯୋଗ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା, ସାଇବର ସଚେତନତା, ପ୍ରତିଯୋଗିତା, ସରକାରୀ ଇଟିଇଆଇରେ "ଆନ୍ତଃପିଢ଼ି ବନ୍ଧନ' ଓ ବାସ୍ତବ ନାଟ୍ୟ ସଂସ୍ଥା ଦ୍ୱାରା "ପରେ କହିବି' ନାଟକ ପରିବେଷଣ କରାଯାଇଥିଲା। ଜିଲ୍ଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ସମୟ ଅତିବାହିତ ହେବ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଜାଗା ତଥା ଯାନବାହାନ କିଣିପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** ବାପାମାଆଙ୍କ ସହଯୋଗ ମିଳିବ। ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୯୦୬- ପ୍ରସିଦ୍ଧ ଚିତ୍ରକର ରାଜା ରବି ବର୍ମାଙ୍କ ଦେହାନ୍ତ।
- ୧୯୬୧- ବମ୍ବେରେ 'ସିଫି କର୍ପୋରେସନ୍ ଅଫ୍ ଇଣ୍ଡିଆ'ର ଗଠନ।
- ୧୯୮୨- ତେହେରାନ୍ ବୋମା ବିସ୍ଫୋରଣରେ ୬୦ ମୃତ, ୭୦୦ ଆହତ।
- ୨୦୦୭- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ଦ୍ୱିତୀୟ ଶିଖର ବୈଠକ ସଂପନ୍ନ ହେଲା।



# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଅକ୍ଟୋବର ୨, ଭାରତୀୟମାନଙ୍କ ପାଇଁ ଏକ ସ୍ମରଣୀୟ ଦିନ। ଏହି ଦିନ ଭାରତବର୍ଷରେ ଜନ୍ମଗ୍ରହଣ କରିଥିଲେ ଦୁଇଜଣ ମହାନ୍ ନେତା । ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ । ଏହି ଦୁଇ ମହାପୁରୁଷଙ୍କ ଚିନ୍ତାଧାରା ଓ ଜୀବନଶୈଳୀ ଆଜି ବି ପ୍ରତିଟି ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। ୧୮୬୯ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ । ହାତରେ ଏକ ବାଡ଼ି, ଆଖିରେ ଚଷମା ଏବଂ ଶରୀରରେ ଖଣ୍ଡିଏ ସାଧାରଣ ଖଦଡ଼ ଧୋତି-ଏତିକି ଥିଲା ସେହି ମହାମାନବଙ୍କର ସମ୍ବଳ। ହେଲେ ଏହି ଆଧ୍ୟାତ୍ମିକ ସରଳତା ସାମ୍ନାରେ ଦିନେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟ ମଥାନତ କରିବାକୁ ବାଧ ହୋଇଥିଲା। ଗାନ୍ଧୀଜୀ ବିଶ୍ୱକୁ ଦେଖାଇଥିଲେ ଯେ, ଯୁଦ୍ଧ ଜିତିବା ପାଇଁ କମାଣ କିମ୍ବା ବନ୍ଧୁକର ଆବଶ୍ୟକତା ନାହିଁ, ବରଂ ଆତ୍ମବଳ ଓ ନୈତିକ ସାହସ ହିଁ ସବୁଠାରୁ ବଡ଼ ଅସ୍ତ୍ର। ବାପୁ ଥିଲେ ଜଣେ ଯୁଗପୁରୁଷ, ଯିଏ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ବିନା କୌଣସି ଅସ୍ତ୍ରଶସ୍ତ୍ରରେ କେବଳ ନୈତିକ ବଳରେ ସଂଗ୍ରାମ କରି ଜୟଯୁକ୍ତ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମର ଶୈଳୀ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସେ ହିଂସା କିମ୍ବା ରକ୍ତପାତରେ ବିଶ୍ୱାସ କରୁନଥିଲେ। ସତ୍ୟ, ଅହିଂସା ଏବଂ ସତ୍ୟାଗ୍ରହ ଥିଲା ତାଙ୍କ ଲଢ଼େଇର ମୁଖ୍ୟ ଅସ୍ତ୍ର। ତାଙ୍କର ଏହି ନିଆରା ସଂଗ୍ରାମ ପଦ୍ଧତି ପରବର୍ତ୍ତୀ ସମୟରେ ନେଲସନ ମାଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗ୍‌ଙ୍କ ଭଳି ବିଶ୍ୱ ନେତାମାନଙ୍କୁ ପ୍ରେରଣା ଦେଇଥିଲା। ଗାନ୍ଧିଜୀଙ୍କ ଅହିଂସା ନୀତି ଆଗରେ ସେଦିନର ସାମ୍ରାଜ୍ୟବାଦୀ ବ୍ରିଟିଶ୍ ସେନାର ଶକ୍ତି ହାର୍ ମାନିବାକୁ ବାଧ ହୋଇଥିଲା। ସେହି ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ସବୁଆଡ଼େ ତାଙ୍କ ଜୟନ୍ତୀ ପାଳନ କରାଯାଉଛି। ଗାନ୍ଧୀଙ୍କ ଅହିଂସାର ମାର୍ଗକୁ ମନେ ପକାଇବା ପାଇଁ ପ୍ରତିବର୍ଷ ତାଙ୍କ ଜନ୍ମଦିନକୁ 'ଅନ୍ତର୍ଜାତୀୟ ଅହିଂସା ଦିବସ' ଭାବେ ପାଳନ କରାଯାଉଛି । ସେହିପରି ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ୧୯୦୪ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ। ପିଲାଟିବେଳୁ ସେ ବେଶ୍ ନମ୍ର, ଶାନ୍ତ ଓ ସରଳ ଥିଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ଦେଶ ସ୍ୱାଧୀନ ହେବା ପରେ ଜବାହାରଲାଲ ନେହରୁଙ୍କ ମନ୍ତ୍ରିମଣ୍ଡଳରେ ରେଳମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ଶାସ୍ତ୍ରୀଜୀ। ପରେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇଥିଲେ ସେ । ତାଙ୍କ ସ୍ଲୋଗାନ 'ଜୟ ଜବାନ ଏବଂ ଜୟ କିଶାନ' ଆଜି ଦେଶବାସୀଙ୍କ ପାଇଁ ଅମର ହୋଇ ରହିଛି। ସେ ୧୯୬୫ର ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଦେଶକୁ ସମ୍ଭାଳି ଥିଲେ ଏବଂ ସେନାକୁ ସଠିକ୍ ମାର୍ଗଦର୍ଶନ ଦେଖାଇଥିଲେ । ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ସ୍ଥାନ ଦ୍ୱିତୀୟ ଥିଲେ ବି ତାଙ୍କ ଶାସନ ଅଦ୍ୱିତୀୟ ଥିଲା। ଏହି ଦୁଇ ମହାପୁରୁଷଙ୍କୁ ଜନ୍ମ ଜୟନ୍ତୀରେ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଉଛି ସାରା ଦେଶ। ଗାନ୍ଧୀ ଏବଂ ଶାସ୍ତ୍ରୀ- ଦୁହିଁଙ୍କ ମଧ୍ୟରେ ଅନେକ ଆଧ୍ୟାତ୍ମିକ ଓ ବିଚାରଗତ ସାମଞ୍ଜସ୍ୟ ଥିଲା। ଦୁହେଁ ଅତି ସରଳ ଜୀବନଯାପନ କରୁଥିଲେ, ଦୁହିଁଙ୍କ ଭିତରେ ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ କରିବାର ଅଦମ୍ୟ ଭାବନା ଥିଲା ଏବଂ ଦୁହେଁ ସ୍ୱଦେଶୀ ଚିନ୍ତାଧାରା ଉପରେ ବିଶ୍ୱାସ କରୁଥିଲେ।

# ୧୭ ବର୍ଷ ପରେ ବାଲ୍କି-ବିଦ୍ୟା ଏକାଠି





ବଲିଉଡ୍‌ର ଅନ୍ୟତମ ପ୍ରତିଭାଶାଳୀ ଅଭିନେତ୍ରୀ ବିଦ୍ୟା ବାଲାନ୍ ସବୁବେଳେ ନିଜର ନିଖୁଣ ଅଭିନୟ ପାଇଁ ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ନିକଟରେ ସେ ନିଜର ଆଗାମୀ ଚଳଚ୍ଚିତ୍ର ସମ୍ପର୍କରେ ଘୋଷଣା କରି ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ବିଦ୍ୟା ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଆର୍. ବାଲ୍କିଙ୍କ ଫିଲ୍ମରେ ପୁଣି ଥରେ ନଜର ଆସିବାକୁ ଯାଉଛନ୍ତି। ପ୍ରାୟ ୧୭ ବର୍ଷ ପରେ ବାଲ୍କିଙ୍କ ସହ ବିଦ୍ୟା କାମ କରୁଥିବାରୁ ଏନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ୨୦୦୯ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଚଳଚ୍ଚିତ୍ର 'ପା'ରେ ବିଦ୍ୟା ଏବଂ ବାଲ୍କି ପ୍ରଥମ ଥର ପାଇଁ ଏକାଠି କାମ କରିଥିଲେ। ଏହି ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନ ଓ ଅଭିଷେକ ବଚ୍ଚନଙ୍କ ସହ ବିଦ୍ୟାଙ୍କ ଅଭିନୟ ବେଶ୍ ପ୍ରଶଂସିତ ହୋଇଥିଲା। ଏହାପରେ ପ୍ରାୟ ଦୁଇ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଏହି ଯୋଡ଼ି ପୁଣି ଏକାଠି ହୋଇନଥିଲେ। ଏବେ ଏକ ନୂଆ ତାମିଲ ଫିଲ୍ମ ଜରିଆରେ ଉଭୟ ଏକାଠି କାମ କରିବାକୁ ଯାଉଛନ୍ତି। ବିଶେଷ କଥା ହେଉଛି, ହିନ୍ଦୀ ସିନେମାରେ ଅନେକ ହିଟ୍ ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ଆର୍. ବାଲ୍କିଙ୍କର ଏହା ପ୍ରଥମ ତାମିଲ ଚଳଚ୍ଚିତ୍ର ହେବ। ଇନଷ୍ଟାଗ୍ରାମ୍‌ରେ ବିଦ୍ୟା ଏହି ଫିଲ୍ମର ସେଟ୍‌ରୁ ଦୁଇଟି ଫଟୋ ସେୟାର କରିଛନ୍ତି। ପ୍ରଥମ କଳା-ଧଳା ଫଟୋରେ ସେ ଏକ ସୋଫାରେ ବସିଥିବାର ଦେଖାଯାଇଛନ୍ତି, ଯେଉଁଥିରେ ସେ ଲେଖିଛନ୍ତି- "ପାଗଳାମି ଆରମ୍ଭ ହେବା ପୂର୍ବରୁ ଏକ ଶାନ୍ତ ମୂହୁର୍ତ୍ତ।" ଦ୍ୱିତୀୟ ଫଟୋରେ ସେ ହାତରେ ସ୍କ୍ରିପ୍ଟ ଧରି, ଆଖିରେ ଚଷମା ଏବଂ ଲମ୍ବା ବେଣୀ ପକାଇଥିବା ଲୁକ୍‌ରେ ନଜର ଆସିଛନ୍ତି, ଯେଉଁଥିରେ କ୍ୟାପସନ ରହିଛି- "ନୂଆ ଆରମ୍ଭ ।" ଏହି ପୋଷ୍ଟ ସାମ୍ନାକୁ ଆସିବା ପରେ ଫିଲ୍ମର କାହାଣୀ ଓ ବିଦ୍ୟାଙ୍କ ଚରିତ୍ରକୁ ନେଇ ସସପେନ୍ସ ବଢ଼ିବାରେ ଲାଗିଛି। କେବଳ ବାଲ୍କିଙ୍କ ଫିଲ୍ମ ନୁହେଁ, ବରଂ ବିଦ୍ୟାଙ୍କ ହାତରେ ଆହୁରି ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି। ସେ ସୁପରଷ୍ଟାର ରଜନୀକାନ୍ତଙ୍କ ବହୁପ୍ରତୀକ୍ଷିତ ଆକ୍ସନ ଥ୍ରୀଲର 'ଜେଲର ୨'ରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। ଏହା ସହିତ ଅକ୍ଷୟ କୁମାରଙ୍କ ସହ ନିର୍ଦ୍ଦେଶକ ଅନିସ୍ ବାଜ୍‌ମୀଙ୍କର ଏକ କମେଡି ଫିଲ୍ମରେ ମଧ୍ୟ ସେ ମୁଖ୍ୟ ଭୂମିକାରେ ଦେଖାଯିବେ।

# ଏୟାର ହୋଷ୍ଟେସ୍‌ରୁ ଟ୍ରକ୍ ଡ୍ରାଇଭର

ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାର ସରକାଘାଟ ଅନ୍ତର୍ଗତ ଖୁଦଲା ଗାଁର ୨୫ ବର୍ଷୀୟା ନେହା ଠାକୁର ଆଜି କେବଳ ନିଜ ରାଜ୍ୟ ନୁହେଁ, ବରଂ ସାରା ଦେଶ ପାଇଁ ନାରୀ ଶକ୍ତିର ଏକ ବଡ଼ ଉଦାହରଣ ସାଜିଛନ୍ତି। ସେ ଏବେ ହିମାଚଳ ପ୍ରଦେଶର ପ୍ରଥମ ମହିଳା ଟ୍ରକ୍ ଡ୍ରାଇଭର। ଗ୍ରାଜୁଏସନ ଶେଷ କରିବା ପରେ, ନେହା ନିଜର କ୍ୟାରିୟର ଗଢ଼ିବା ପାଇଁ ଚଣ୍ଡିଗଡ଼ ଯାଇଥିଲେ ଏବଂ ସେଠାରେ ଏୟାର ହୋଷ୍ଟେସ୍ ହେବା ପାଇଁ ତାଲିମ୍ ନେଉଥିଲେ। ହେଲେ କୋଭିଡ୍-୧୯ ମହାମାରୀ ତାଙ୍କ ସ୍ୱପ୍ନରେ ବାଧା ସୃଷ୍ଟି କଲା। ବିମାନ ଚଳାଚଳ କ୍ଷେତ୍ର ପ୍ରଭାବିତ ହେବାରୁ ସେ ନିଜ ଗାଁକୁ ଫେରିବାକୁ ବାଧ ହେଲେ। ହେଲେ ନେହା ହାର୍ ମାନି ନ ଥିଲେ। ପିଲାଦିନରୁ ସେ ତାଙ୍କ ପିତା ମନୋଜ ଠାକୁରଙ୍କୁ ଟ୍ରକ୍ ଚଲାଉଥିବାର ଦେଖିଥିଲେ। ବେଳେବେଳେ ସେ ଟ୍ରକ୍‌ରେ ବସି ସ୍କୁଲ ମଧ୍ୟ ଯାଉଥିଲେ। ପିତାଙ୍କ ଦୀର୍ଘ ୨୦ ବର୍ଷର ଟ୍ରକ୍ ଚାଳନାକୁ ଦେଖି ତାଙ୍କ ମନରେ ମଧ୍ୟ ଷ୍ଟିଅରିଂ ଧରିବାର ଇଚ୍ଛା ଜାଗ୍ରତ ହୋଇଥିଲା। ତେଣୁ ସେ ଷ୍ଟିଅରିଂ, ଗିୟର ଏବଂ କ୍ଲଚ୍‌ର ଆଦି ଧରିବା ଶିଖିବା ଆରମ୍ଭ କଲେ। ୨୦୨୩ ମସିହାରେ ନେହା ହେଭି ମୋଟର ଭେଇକିଲ ଲାଇସେନ୍ସ ହାସଲ କଲେ। ଯେଉଁଠି ପୁରୁଷ ଡ୍ରାଇଭରମାନେ ମଧ୍ୟ ହିମାଚଳର ବିପଜ୍ଜନକ ଓ ବଙ୍କାଟେଙ୍କା ପାହାଡ଼ିଆ ରାସ୍ତାରେ ଗାଡ଼ି ଚଲାଇବାକୁ ଭୟ କରନ୍ତି, ସେଠାରେ ନେହା ନିର୍ଭୟରେ ୧୨ ଟନ୍‌ର ଟାଟା ଟ୍ରକ୍ ଧରି ବାହାରି ପଡ଼ନ୍ତି। ଘନ କୁହୁଡ଼ି, ବର୍ଷା, ଏବଂ ବିପଜ୍ଜନକ ବାଙ୍କ ଭିତରେ ସେ ନିର୍ମାଣ ସାମଗ୍ରୀ ଏବଂ କୃଷି ଜାତ ଦ୍ରବ୍ୟ ବିଭିନ୍ନ ରାଜ୍ୟକୁ ପରିବହନ କରନ୍ତି। ନେହା କେବଳ ଟ୍ରକ୍ ଚଲାନ୍ତି ନାହିଁ, ବରଂ ଜଣେ ସଫଳ କଣ୍ଟେଣ୍ଟ କ୍ରିଏଟର ଏବଂ ଟ୍ରକ୍ ବ୍ଲଗର୍ ମଧ୍ୟ। ସେ ରାସ୍ତାର ଦୈନନ୍ଦିନ ଅନୁଭୂତି, ଲୋଡିଂ-ଅନଲୋଡିଂ ଏବଂ ପାହାଡ଼ିଆ ଯାତ୍ରାର ଭିଡିଓ କରି ସୋସିଆଲ ମିଡିଆରେ ସେୟାର କରନ୍ତି। ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମରେ ତାଙ୍କର ଲକ୍ଷ ଲକ୍ଷ ଫଲୋଅର୍ସ ଅଛନ୍ତି, ଯେଉଁମାନେ ତାଙ୍କର ଏହି ସାହସିକ ଯାତ୍ରାକୁ ବେଶ ପସନ୍ଦ କରନ୍ତି।

## ସଞ୍ଜୀବନୀ



# ଯକୃତ ପ୍ରତିରୋପଣ ଏକ ସ୍ଥାୟୀ ବିକଳ୍ପ

ଯକୃତଜନିତ ସମସ୍ୟା ଥିଲେ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରାୟ ଔଷଧ ସେବନ କରନ୍ତି। ବେଳେ ବେଳେ ସ୍ଥିତି ଏତେ ଜଟିଳ ହୋଇଯାଏ ଯକୃତ ପୂରା ନଷ୍ଟ (ଲିଭର ଫେଲ୍ୟୁୟର) ହୋଇଯାଏ। ଏପରି ସ୍ଥିତିରେ ଯକୃତ ପ୍ରତିରୋପଣ ପାଇଁ ପୂର୍ବରୁ ଯକୃତ ରୋଗର ଜଟିଳତା, ରୋଗୀ ଓ ଲିଭର ଦେଉଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା, ବ୍ଲଡଗ୍ରୁପ୍ ମିଶିବା ଇତ୍ୟାଦି ଆବଶ୍ୟକ ରହିଛି। ଅଚଳ ଯକୃତ ସ୍ଥାନରେ ଏକ ସୁସ୍ଥ ଯକୃତର ଆଂଶିକ ପ୍ରତିରୋପଣ କରାଯାଇଥାଏ। ଏହାକୁ ଯକୃତ ପ୍ରତିରୋପଣ ତଥା ହେପାଟିକ୍ ଟ୍ରାନ୍ସପ୍ଲାଣ୍ଟେସନ୍ କୁହାଯାଏ। ଯକୃତ ପ୍ରତିରୋପଣ ସଠିକ୍ ଢଙ୍ଗରେ କରାଗଲେ, ଜଣେ ସ୍ୱାଭାବିକ ଭାବେ ଜୀବନ ଜିଇଁପାରନ୍ତି।

**ଯକୃତ ପ୍ରତିରୋପଣ ପରର ସତର୍କତା:** ଯକୃତ ପ୍ରତିରୋପଣ ପରର ସମୟ ସବୁଠୁ ବଡ଼ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଦୈନିକ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପଡ଼େ। ଏହାସହ ସନ୍ତୁଳିତ ଖାଦ୍ୟ ଖାଇବା, ବିଶୁଦ୍ଧ ପାଣି ପିଇବା, କଞ୍ଚାଖାଦ୍ୟ ତଥା ସାଲାଡ ନ ଖାଇବା ଆଦିକୁ ଗୁରୁତ୍ୱ ଦିଆଯାଏ। ଏହି ସମୟରେ ଅଳ୍ପ ଅଳ୍ପ କରି ବାରମ୍ବାର ଖାଇବା ଆବଶ୍ୟକ। ଶରୀରର ଜଳୀୟଅଂଶ ସନ୍ତୁଳିତ ରଖିବାକୁ ନିର୍ଦ୍ଦିଷ୍ଟ ମାତ୍ରାର ପାଣି ପିଇବା ଆବଶ୍ୟକ। ସଂକ୍ରମଣଠାରୁ ଦୁରେଇ ରହିବା ପାଇଁ ମାସ୍କ ପିନ୍ଧିବା, ଲୋକଙ୍କ ସହ ମିଳାମିଶା କମ୍ କରିବା ଉଚିତ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ସେବନ କରିବା ଅନୁଚିତ। ଯକୃତ ପ୍ରତିରୋପଣ ପରେ ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ ହୋଇଥାଏ। ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

## 'ସକାଳ'ର ସ୍ୱାସ୍ଥ୍ୟ

# ରୁବେଲା



**ରୁବେଲା ଏକ ଭୂତାଣୁ ଜନିତ ରୋଗ। ଏହି ସଂକ୍ରମଣ ମୁଖ୍ୟତଃ ସଂକ୍ରମିତ ବ୍ୟକ୍ତିଙ୍କ କାଶ, ଛିଙ୍କ, ଲାଳ ଦ୍ୱାରା ବାୟୁ ମାଧ୍ୟମରେ ବ୍ୟାପିଥାଏ। ଛୋଟ ପିଲା ଏବଂ ବୟସ୍କଙ୍କ ତୁଳନାରେ ଗର୍ଭାବସ୍ଥା ସମୟରେ ଗର୍ଭରେ ବଢ଼ୁଥିବା ଶିଶୁ ପାଇଁ ଏହା ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ।**

ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ରୁବେଲାର ଲକ୍ଷଣ ସମାନ ଦେଖାଯାଏ ନାହିଁ। ପିଲାଙ୍କ ଶରୀରରେ ଲାଲ୍ ଲାଲ୍ ଚକଳା ଫଳି ଏହା ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିଥାଏ। ଏହି ଲାଲ୍ ଚକଳା ପାଖାପାଖି ତିନିଦିନ ରହିପାରେ। ଏହାଦ୍ୱାରା ହାଲୁକା ଜ୍ୱର, ମୁଣ୍ଡବିନ୍ଧା, ଗଳା ଦରଜ, ନାକରୁ ପାଣି ବହିବା, ଆଖି ଲାଲ୍ ପଡ଼ିବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ସନ୍ଦିଗ୍ଧ ମାମଲାରେ ଡାକ୍ତରଙ୍କ ପରାମର୍ଶରେ କିଛି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ଗର୍ଭାବସ୍ଥା ଆରମ୍ଭରୁ ଜଣେ ଗର୍ଭବତୀ ମହିଳା ରୁବେଲା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ଗର୍ଭସ୍ଥ ଶିଶୁକୁ ଏହା ବ୍ୟାପିଥାଏ। ଏହାଦ୍ୱାରା ଗର୍ଭପାତ ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ରୁବେଲା ଭୂତାଣୁ ପ୍ଲାସେଣ୍ଟା ମାଧ୍ୟମରେ ଗର୍ଭସ୍ଥ ଶିଶୁ ଶରୀରକୁ ପ୍ରବେଶ କରି ଜନ୍ମଗତ ତ୍ରୁଟି ଯେପରିକି ଦୃଷ୍ଟିଶକ୍ତି, ଶୁଣିବା କ୍ଷମତା ତଥା ଅନ୍ୟ ବିକାଶ ସମ୍ବନ୍ଧୀୟ ସମସ୍ୟା ହୋଇପାରେ।

**ପ୍ରତିକାର:** ଏହାର ପ୍ରତିକାର ସ୍ୱରୂପ ହେଉଛି ଟିକାକରଣ। ସାଧାରଣଭାବେ ଏମ୍‌ଏମ୍‌ଆର (ମିଳିମିଳା, ମମ୍ପସ ଏବଂ ରୁବେଲା) ଟିକା ରୂପେ ଦିଆଯାଏ। ପିଲାଙ୍କଠାରେ ଟିକାକରଣ ନିର୍ଦ୍ଧାରିତ ସମୟରେ ପୂରା କରିବା ଜରୁରି। ବିଶେଷକରି ଗର୍ଭଧାରଣ ଯୋଜନା କରୁଥିବା ମହିଳାମାନେ ରୁବେଲା ରୋଗପ୍ରତିରୋଧକ ଶକ୍ତି ଯାଞ୍ଚ କରିବା ସହ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

# କ୍ୟାନ୍‌ସରର ହୋମିଓପାଥିକ ଚିକିତ୍ସା

**କ୍ୟାନ୍‌ସର ହେଉଛି ଏକ ଗୁରୁତର ରୋଗ, ଯେଉଁଥିରେ ଶରୀରର କିଛି କୋଷ ଅନିୟନ୍ତ୍ରିତ ଭାବରେ ବଢ଼ି ଚାଲେ ଏବଂ ନିକଟସ୍ଥ ବା ଅନ୍ୟ ଅଙ୍ଗକୁ ମଧ୍ୟ ପ୍ରସାରିତ ହୋଇପାରେ। ତେବେ ହୋମିଓପାଥିରେ ମୁଖ୍ୟତଃ "ସମାନ ଲକ୍ଷଣ ଦ୍ୱାରା ସମାନ ରୋଗର ଚିକିତ୍ସା" ନୀତିକୁ ଗୁରୁତ୍ୱ ଦିଆଯାଏ। ଔଷଧଗୁଡ଼ିକୁ ବାରମ୍ବାର ଦ୍ରବୀକରଣ ଓ ଝଟକା ଦେବା ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଏ।**



ହୋମିଓପାଥିର ସିଦ୍ଧାନ୍ତ ଅନୁସାରେ, ଜୀବନଶକ୍ତି ଶରୀରର ସ୍ୱାଭାବିକ ସନ୍ତୁଳନ ରକ୍ଷା କରିଥାଏ। ଏହି ସନ୍ତୁଳନରେ ବିଘ୍ନ ଘଟିଲେ ରୋଗର ଲକ୍ଷଣ ପ୍ରକାଶ ପାଏ। ରୋଗୀର ଶାରୀରିକ, ମାନସିକ ଓ ସାଧାରଣ ଲକ୍ଷଣ ଆଧାରରେ ଔଷଧ ଚୟନ କରାଯାଏ। ଅତ୍ୟଧିକ ଦ୍ରବୀକୃତ ଔଷଧ ଶରୀରର ସ୍ୱୟଂ-ନିୟନ୍ତ୍ରଣକୁ ଉତ୍ତେଜିତ କରେ ବୋଲି ହୋମିଓପାଥିରେ ଧାରଣା ରହିଛି। ବୈଜ୍ଞାନିକ ଦୃଷ୍ଟିକୋଣରେ, କ୍ୟାନ୍‌ସରକୁ ଚିକିତ୍ସା ଓ ନିୟନ୍ତ୍ରଣ କରିବାରେ ହୋମିଓପାଥି ଔଷଧର ପ୍ରଭାବୀ ଉପଚାର ଅଛି। ଯେମିତି ଲକ୍ଷଣ ଅନୁଯାୟୀ Hydrastis, Condurango, Carcinocin, Conium Maculatum, Argentum Naitricum ଆଦି ଅନେକ ଔଷଧ ଏବେ ସଫଳତା ପ୍ରଦାନ କରୁଛି। ଏହି ଔଷଧର ନାମ ଅନୁସାରେ ରୋଗୀ କିମ୍ବା ଆତ୍ମୀୟଙ୍କ ଦ୍ୱାରା ବ୍ୟବହାର ନ କରି ଅଭିଜ୍ଞ ହୋମିଓପ୍ୟାଥିକ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ବ୍ୟବହାର କରିବା ଉଚିତ। ଆମ ରାଜ୍ୟରେ ବିଶେଷକରି ମୁଖଗହ୍ୱର କର୍କଟ, ଜରାୟୁ ଗ୍ରୀବା କର୍କଟ, ସ୍ତନ କର୍କଟ, ଯକୃତ କର୍କଟରେ ଅଧିକ ପୀଡ଼ିତ ହେଉଛନ୍ତି। ଓଡ଼ିଶାରେ ମୁଖ୍ୟତଃ କର୍କଟ ଦ୍ୱିତୀୟ ପର୍ଯ୍ୟାୟ (ବିଳମ୍ବ)ରେ ଜଣାପଡ଼େ। ଯାହାଫଳରେ ଶୀଘ୍ର ଚିକିତ୍ସା କରାଇବାରେ ଭୁଲ କରି ବସନ୍ତି ଓ ରୋଗ ତୁରନ୍ତ ବଢ଼ିଯାଏ। ତେଣୁ ଏହି ରୋଗର ଲକ୍ଷଣ ଭିତ୍ତିକ ଚିକିତ୍ସା କରାଗଲେ ରୋଗୀ ସୁସ୍ଥ ହେବାର ସମ୍ଭାବନା ଅଧିକ ଥାଏ।

- ଡା. ପ୍ରକାଶ କୁମାର ମହାପାତ୍ର
କ୍ଲିନିକ୍ ମହାବୀର ଓ ରିସର୍ଚ୍ଚ ସେଣ୍ଟର, ମିତ୍ରପୁର, ବାଲେଶ୍ୱର

## ଘର ବଇଦ

# ହାତ-ପାଦ ଜ୍ୱଳା



- ନାଗେଶ୍ୱର ଫୁଲ ଚୂର୍ଣ୍ଣ ଶତଧୌତ ଘୃତ ଅଭାବେ ପୁରୁଣା ଘିଅ ସହ ମିଶାଇ ହାତ ପାଦରେ ମାଲିସ୍ କରିବେ। ପୁରୁଣା ଘିଅ ନ ମିଳିଲେ ସଜ ଘିଅରେ କରିବେ।
- କଇଞ୍ଚିକାକୁଡ଼ି ପତ୍ର ରସ ଦୁଇ ତୋଳା, ରାଶିତେଲ ଦୁଇ ତୋଳା ଏକତ୍ର କଂସାପାତ୍ରରେ ରଖି ଖରାରେ ରଖିବେ। ହାତ ସହିବା ଭଳି ଗରମ ହେଲେ ସେଥିରୁ କିଛି ମୁଣ୍ଡରେ, କିଛି ହାତ ପାପୁଲି ଓ ପାଦରେ ମାଲିସ୍ କରିବେ।
- ବରକୋଳି ପତ୍ର ରସ ହାତ ପାଦରେ ମାଲିସ କରିବେ।
- ଅମରପୋଇ ପତ୍ର ବାଟି ଲଗାଇଲେ ହାତ-ପାଦ ଜ୍ୱଳା ଦୂର ହୁଏ।
- ଅଗସ୍ତି ଫୁଲର ରସ ହାତ ଓ ପାଦରେ ମାଲିସ୍ କରିବେ।
- ଦହିଦହିକା ଗଛର ଚେର ସୁକି ଓଜନ ସେଥିରେ ସାତଟି ଗୋଲମରିଚ ମିଶାଇ ବାଟି ଖାଇବେ, ଏହିପରି ଅନ୍ତତଃ ସାତ ଦିନ ଖାଇବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ସୁସ୍ୱାସ୍ଥ୍ୟ ପାଇଁ ସୁନୁସୁନିଆ

**ସୁନୁସୁନିଆ ଶାଗ ବେଶ୍ ସ୍ୱାଦିଷ୍ଟ। ଅଧିକ ନିଦ ହେବା ପାଇଁ ଲୋକେ ଏହି ଶାଗ ଖାଇଥାନ୍ତି। ତେବେ ନିୟମିତ ସୁନୁସୁନିଆ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର।**

- ଏହା ନିଦ୍ରା, ଶୁକ୍ରବର୍ଦ୍ଧକ, ରସାୟକ, ଜ୍ୱର ଓ କୋଷ୍ଠକାଠିନ୍ୟ ଆଦି ରୋଗପାଇଁ ବେଶ୍ ହିତକର।
- ନିଦ ହେଉନଥିବା ବ୍ୟକ୍ତି ପ୍ରତିଦିନ ସୁନୁସୁନିଆ ଶାଗ ଭାଜି ଖାଇଲେ ଭଲ ନିଦ ହୋଇଥାଏ। ଏହି ଶାଗ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ହୁଏ। ସେହିପରି ପିଲାଙ୍କର ଝାଡ଼ା ହେଉଥିଲେ, ଏହି ଶାଗର ରସ ସହିତ ମରିଚଗୁଣ୍ଡ ମିଶାଇ ତିନିଥର ଖାଇବାକୁ ଦେଲେ ଉପଶମ ମିଳେ।



- ସୁନୁସୁନିଆ କ୍ୱାଥରେ ଅଦାରସ ଓ ମହୁ ମିଶାଇ ଦିନରେ ତିନିଥର ଖାଇଲେ ଜ୍ୱର କମିଥାଏ।
- ସୁନୁସୁନିଆ ପତ୍ର ରସ ସାଥିରେ ଅଦା ମହୁ ଓ ମିଶ୍ରିଗୁଣ୍ଡ ମିଶାଇ ଦିନକୁ ଦୁଇଥର ସାତଦିନ ଖାଇଲେ ଅନିଦ୍ରା ସମସ୍ୟା ଓ ଝାଡ଼ା ଦୂର ହୁଏ। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଏହି ଶାଗ ଲାଭପ୍ରଦ।

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ଭାରତୀୟ ପୁରୁଷ ହକି ଓ କ୍ରିକେଟ ଟିମ୍ ଫାଇନାଲରେ

ଟୋକିଓ,୧।୧୦(ଏଜେନ୍ସି)

ଭାରତର ପୁରୁଷ ଓ କ୍ରିକେଟ ଟିମ୍ ଏଠାରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସର ସ୍ୱର୍ଣ୍ଣପଦକ ମୁକାବିଲା ବା ସ୍ୱର୍ଣ୍ଣପଦକ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ୱର୍ଣ୍ଣ ପଦକ ମୁକାବିଲା ଲାଗି ହକି ଟିମ୍ ମାଲେସିଆ ସହ ଓ କ୍ରିକେଟ ଟିମ୍ ପାକିସ୍ତାନ ସହ ଅକ୍ଟୋବର ୩ ବା ଶନିବାର ମୁକାବିଲା କରିବ। ଆସନ୍ତାକାଲି ଭାରତୀୟ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ମୁକାବିଲା ବା ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ ସକାଶେ ଚୀନ୍ ସହ ଲଢ଼େଇ କରିବ। ପୁରୁଷ ଭଲିବଲରେ ପାକିସ୍ତାନ ନିକଟରୁ ଭାରତ ପରାଜିତ ହୋଇଛି। ଆଜି ବା ଗୁରୁବାର ଅନୁଷ୍ଠିତ ଖେଳରେ ଭାରତକୁ ୨ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ବିଜୟୀ ହୋଇଛି। ଆଜି ସୁଦ୍ଧା ଭାରତ ୧୦ଟି ସ୍ୱର୍ଣ୍ଣ, ୨୩ଟି ରୌପ୍ୟ ଓ ୩୪ଟି କାଂସ୍ୟ ସହ ମୋଟି ୬୬ଟି ପଦକ ଜିତିବାରେ ସଫଳ ହୋଇଛି। ଭାରତ ଏବେ ପଦକ ତାଲିକାର ୮ମ ସ୍ଥାନରେ ରହିଛି।

ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ପୁରୁଷ ରେସ୍‌ଲିଂ ବା କୁସ୍ତିରେ ନିତେଶ, ସେଲିଂରେ ମନୁ ଫ୍ରାନ୍ସିସ୍ ଓ ପ୍ରିନ୍ସ ନୋବଲ ରୌପ୍ୟ ପଦକ ହାସଲ କରିଛନ୍ତି। ଭାରତୀୟ ଦଳକୁ ଆଜି ୪ଟି କାଂସ୍ୟ ପଦକ ମିଳିଛି। ସ୍କ୍ୱାଶର ପୁରୁଷ ଓ ମହିଳା ଟିମ୍ ସେମିଫାଇନାଲରେ ପରାଜିତ ହେବା ଫଳରେ ଭାରତକୁ ୨ଟି କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତୀରନ୍ଦାଜୀରେ ଗଣେଶରାମ ମଣି ରତ୍ନମ, ମହିଳା ସ୍କିଫ୍ ସେଲିଂରେ ହର୍ଷିତା ତୋମାର-ଶିତଳ ବର୍ମାଙ୍କ ଯୋଡି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## ରୌପ୍ୟରେ ସନ୍ତୁଷ୍ଟ ହେଲେ ନିତେଶ



ଏସିଆନ ଗେମ୍ସ କୁସ୍ତିର ଗ୍ରୀକୋ ରୋମାନ ଶୈଳୀରେ ଆଜି ଅନୁଷ୍ଠିତ ୯୭ କିଲୋଗ୍ରାମ୍ କାଟାଗୋରୀର ଫାଇନାଲରେ ଭାରତର ନିତେଶକୁମାର ସିୱାଚ୍ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଜାପାନର ୟୁରି ନାକାଜାଟୋ ୪-୦ରେ ଏହି ମୁକାବିଲାକୁ ଜିତିନେଇଥିଲେ। ଏହା ଫଳରେ ଭାରତର ପ୍ରଥମ ରେସଲର ଭାବେ ସ୍ୱର୍ଣ୍ଣପଦକ ଜିତିବା ସମ୍ଭବ ହୋଇପାରି ନ ଥିଲା। ଲହି ରେସଲିଂରେ ସେ ମାତ୍ର ଦ୍ୱିତୀୟ ଯୋଦ୍ଧା ଭାବେ ପଦକ ବିଜୟୀ ହୋଇଛନ୍ତି। ତାଙ୍କ ପୂର୍ବରୁ ମାରୁତି ମାନେ ୬୪ ବର୍ଷ ପୂର୍ବେ ୧୯୬୨ ଜାକର୍ତ୍ତା ଏସିଆନ ଗେମ୍ସରେ ପ୍ରଥମ ତଥା ରୌପ୍ୟ ପଦକ ଜିତିଥିଲେ।

## ହକି ଟିମ୍‌ର ନାଟକୀୟ ବିଜୟ



ପୁରୁଷ ହକିରେ ଆଜି ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଗତଥରର ସ୍ୱର୍ଣ୍ଣପଦକ ବିଜେତା ଭାରତ ନାଟକୀୟ ପରିସ୍ଥିତିରେ ପାକିସ୍ତାନ ୪-୩ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ଏହି ମୁକାବିଲାଟିର ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଭାରତ ୩-୦ରେ ଆଗୁଆ ଥିଲା। ଏହା ପରେ କିନ୍ତୁ ଖେଳ ପାକିସ୍ତାନ ନିୟନ୍ତ୍ରଣରେ ରହିଥିଲା। ଯାହା ଫଳରେ ଭାରତ ଆଦୌ ଗୋଲ ସ୍କୋର କରି ପାରି ନ ଥିଲାବେଳେ ପାକିସ୍ତାନ ୩ଟି ଯାକ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲା। ଖେଳ ଆଉ ଗୋଟିଏ ମିନିଟ ବାକିଥିଲାବେଳେ ଭାରତୀୟ ଖେଳାଳିମାନେ ଗୋଲ ଦେବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ। ଖେଳ ଶେଷ ହେବାକୁ ଆଉ ୪୫ ସେକେଣ୍ଡ ବାକିଥିଲାବେଳେ ମହମ୍ମଦ୍ ରାଜାଙ୍କଠାରୁ ବଲ ଚୋରାଇନେଇ ଅଭିଷେକ ଦଳ ଲାଗି ଚତୁର୍ଥ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଫଳରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ କ୍ରମାଗତ ୨୧ଟି ମୁକାବିଲାରେ ଅପରାଜେୟ ରହିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ୨ଟି ଓ ସୁଖଜିତ ସିଂହ ଗୋଟିଏ ଗୋଲ ସ୍କୋର କରିଥିଲେ। ପାକିସ୍ତାନର ମାମୁଦ, ସାହିଦ୍ ଓ ରାଣା ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଅକ୍ଟୋବର ୩ ତାରିଖ ଦିନ ସ୍ୱର୍ଣ୍ଣପଦକ ଲାଗି ଭାରତ ସହ ମାଲେସିଆର ମୁକାବିଲା ହେବ। ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ୨-୧ ଗୋଲରେ ପରାସ୍ତ କରି ମାଲେସିଆ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇ ମାଲେସିଆ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରିଥିଲା। ଆସନ୍ତାକାଲି ମହିଳା ହକିରେ ସ୍ୱର୍ଣ୍ଣପଦକ ଲାଗି ଭାରତ ଓ ଚୀନ୍ ମଧ୍ୟରେ ମୁକାବିଲା ହେବ। ୧୯୯୮ ପରେ ପ୍ରଥମଥର ଲାଗି ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣପଦକ ଲାଗି ମୁକାବିଲା କରିବେ।

## କ୍ରିକେଟରେ ପାକିସ୍ତାନ ସହ ମୁକାବିଲା

ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ପୁରୁଷ କ୍ରିକେଟରେ କ୍ରମାଗତ ୬ଟି ମ୍ୟାଚ୍ ବାତିଲ ହେବା ପରେ ଆଜି ସେମିଫାଇନାଲ ମୁକାବିଲା ଆୟୋଜିତ ହୋଇଛି। ଆଜି ସେମିଫାଇନାଲରେ ଭାରତ ୧୨୪ ରନ୍‌ରେ ଶ୍ରୀଲଙ୍କାକୁ ଓ ୧୩ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ୬ ୱିକେଟରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଅକ୍ଟୋବର ୩ ତାରିଖରେ ସ୍ୱର୍ଣ୍ଣପଦକ ଲାଗି ଭାରତ ଓ ପାକିସ୍ତାନ ମଧ୍ୟରେ, କାଂସ୍ୟ ପଦକ ଲାଗି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ପୂର୍ବରୁ ମହିଳା କ୍ରିକେଟରେ ଶ୍ରୀଲଙ୍କାକୁ ହରାଇ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇସାରିଛି।

ଆଜିର ସେମିଫାଇନାଲରେ ଝାଡଖଣ୍ଡର ଦୁଇ ଖେଳାଳି ଯଥା ଇଶାନ କିଶାନ ୪୮ ବଲ୍‌ରେ ୮୦ରନ୍ ଓ ବୈଭବ ସୂର୍ଯ୍ୟବଂଶୀ ୨୧ବଲ୍‌ରେ ୬ଚୌକା ଓ ୨ଛକା ସହ ୩୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ଭାରତର ବୋଲିଂର ଉଚିତ ମୁକାବିଲା କରି ନ ପାରି ଶ୍ରୀଲଙ୍କା ଟି-୨୦ରେ ସର୍ବନିମ୍ନ ସ୍କୋର ସହ ୯.୫ ଓଭର ଖେଳି ମାତ୍ର ୪୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ ଓ ଅଭିଷେକ ଶର୍ମା ୨ଜଣ ଲେଖାଏଁ, ୱାଶିଂଟନ ସୁନ୍ଦର ଜଣେ ଖେଳାଳିଙ୍କୁ ଆଉଟ କରିଥିଲେ। ଶ୍ରୀଲଙ୍କା ୩ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ୧୩ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୭ ୱିକେଟରେ ୧୧୧ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୧.୩ ଓଭରରେ ୪ ୱିକେଟ ହରାଇ ବିଜୟଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। କାଂସ୍ୟ ପଦକ ଲାଗି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ।



## କାଂସ୍ୟ ଜିତିଲେ ଗଣେଶ ମଣିରତ୍ନମ



ପୁରୁଷ ଇଣ୍ଡିଭିଜୁଆଲ କମ୍ପାଉଣ୍ଡ ଇଭେଣ୍ଟରେ ଭାରତର ଗଣେଶ ମଣିରତ୍ନମ ତିରମୁର କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। କାଂସ୍ୟ ପଦକ ମୁକାବିଲାରେ ଗଣେଶ ୧୧୯-୧୧୬ ପଏଣ୍ଟରେ ଭିଏତନାମର କଙ୍ଗ ଡକ୍ ନାଙ୍ଗଙ୍କୁ ପରାସ୍ତ କରିଥିଲେ। ୪ ରାଉଣ୍ଡ ମଧ୍ୟରୁ ୩ଟିରେ ୧୦ ଓ ଗୋଟିକରେ ୯ ପଏଣ୍ଟ ସ୍କୋର କରିଥିଲେ ଗଣେଶ। ଫଳରେ ଏହି ବିଭାଗରେ ପୂର୍ବରୁ ଭାରତ ୩ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏଣୁ ତୀରନ୍ଦାଜୀରେ ଭାରତ ୩ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା।

## ସ୍କ୍ୱାଶ୍ ଟିମ୍‌କୁ ଡବଲ କାଂସ୍ୟ





ଭାରତୀୟ ସ୍କ୍ୱାଶ ଟିମ୍‌କୁ ଡବଲ ସଫଳତା ମିଳିଛି। ଆଜି ଉଭୟ ପୁରୁଷ ଓ ମହିଳା ଟିମ୍ ସେମିଫାଇନାଲରେ ପରାଜିତ ହେବାରୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରଥମେ ମହିଳା ଦଳ ୨-୧ରେ ହଂକଂଠାରୁ ପରାଜିତ ହୋଇ କ୍ରମାଗତ ଦ୍ୱିତୀୟ ଥର ଲାଗି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଦଳରେ ଅନାହତ ସିଂ, ତନ୍‌ଭୀ ଖାନ୍ନା ଓ ଜୋସ୍ନା ଚିନ୍ନାପ୍ପା ସାମିଲ ଥିଲେ। ପୁରୁଷ ବିଭାଗରେ ଅଭୟ ସିଂ, ଭେଲାଭାନ ସେନ୍ଥିଲକୁମାର ଓ ବୀର ଛୋଟରାନୀଙ୍କୁ ନେଇ ଗଠିତ ଭାରତୀୟ ଟିମ୍ ସେମିଫାଇନାଲରେ ମାଲେସିଆ ନିକଟରୁ ୨-୧ରେ ହାରିଯାଇଥିଲେ। ଫଳରେ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏହି ଇଭେଣ୍ଟରୁ ଭାରତକୁ ୫ମ ପଦକ ମିଳିଥିଲା।

## ସେଲିଂରୁ ପ୍ରିନ୍ସ-ଫ୍ରାନ୍ସିସଙ୍କ ରୌପ୍ୟ ପଦକ



ଏସିଆନ ଗେମ୍ସ ସେଲିଂରେ ଆଜି ଭାରତ ପ୍ରଥମ ପଦକ ବିଜୟୀ ହୋଇଛି। ପୁରୁଷ ସ୍କିଫ୍ ଇଭେଣ୍ଟରେ ପ୍ରିନ୍ସ ନୋବଲ ଓ ମନୁ ଫ୍ରାନ୍ସିସ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଚୀନ୍‌ର ୱେନ୍ ଜାଇଡିଂ ଓ ଲିଉ ଡିଆନ ପ୍ରଥମସ୍ଥାନରେ ରହି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। କେରଳର ଏହି ଦୁଇ ବନ୍ଧୁ ଏକାସଙ୍ଗେ ସେନାରେ ଭର୍ତ୍ତି ହୋଇଥିଲେ। ଉଭୟ ମଧ ମଧ୍ୟପ୍ରଦେଶରେ ସେଲିଂ ଟ୍ରେନିଂ ସ୍କୁଲ୍‌ରେ ପ୍ରଶିକ୍ଷଣ ନେଇଥିଲେ। ଗତବର୍ଷ ଆବୁଧାବିରେ ଅନୁଷ୍ଠିତ ଏସିଆନ ଚାମ୍ପିଅନସିପ୍‌ରେ ଏମାନଙ୍କୁ କାଂସ୍ୟ ପଦକ ମିଳିଥିଲା।

ମହିଳା ବିଭାଗରେ ହର୍ଷିତା ତୋମାର ଓ ଶିତଳ ବର୍ମାଙ୍କୁ କାଂସ୍ୟ ପଦକ ମିଳିଛି। ଉଭୟ ପଦକ ବିଜୋ ୪୯ କାଟାଗୋରୀରେ ଏହି ପଦକ ବିଜୟୀ ହୋଇଛନ୍ତି।

## ୪୦ ବର୍ଷ ପରେ ଟେନିସରେ ପଦକ ଶୂନ

ଲନ୍ ଟେନିସର ଶେଷ ଆଶା ସୁମିତ ନାଗଲ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ପରାଜିତ ହେବା ଫଳରେ ଭାରତର ପଦକ ଆଶା ଶେଷ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ପରେ ଭାରି ଟେନିସରୁ କୌଣସି ପଦକ ଜିତିବାରେ ବିଫଳ ହୋଇଛି। ଆଜି ଖେଳାଯାଇଥିବା ପୁରୁଷ ଭଲିବଲରେ ପାକିସ୍ତାନ ନିକଟରୁ ଭାରତ ପରାଜିତ ହୋଇଯାଇଛି। ଏହା ବ୍ୟତୀତ ୨୫ ମିଟର ଏୟାର ପିସ୍ତଲ, ଜୁଡୋ, ସିପକଟାକ୍ର, ତାଏକ୍ୱୋଣ୍ଡୋରେ ଭାରତକୁ ପରାଜିତ ହେବାକୁ ପଡ଼ିଛି।

**ଇରାନୀ କପ୍**

## ଅବଶିଷ୍ଟ ଭାରତକୁ ୨୩୭ ରନରେ ଅଟକାଇଲା ଜମ୍ମୁ

ଶ୍ରୀନଗର, ୧।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଇରାନୀ କପ୍‌ର ୬୩ତମ ସଂସ୍କରଣ ଗୁରୁବାରଠାରୁ ଶ୍ରୀନଗରରେ ଆରମ୍ଭ ହୋଇଛି। ରଣଜୀ ଚାମ୍ପିଅନ ଜମ୍ମୁ-କାଶ୍ମୀର ବିପକ୍ଷରେ ଅବଶିଷ୍ଟ ଭାରତୀୟ ଦଳ ଦୟନୀୟ ପ୍ରଦର୍ଶନ କରିଛି। ଏହି ପାଞ୍ଚଦିବସୀୟ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅବଶିଷ୍ଟ ଭାରତୀୟ ଦଳ ପ୍ରଥମ ପାଳିରେ ୬୮.୧ ଓଭରରେ ୨୩୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ସ୍ମରଣ ରବିଚନ୍ଦ୍ରନ (୬୮ ରନ) ଓ ଓପନର୍ ଶିଖର ମୋହନ (୬୦) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୪୫, ଅଧିନାୟକ ଋଷଭ ପନ୍ତ ୧୦, ଆକାଶଦୀପ୍ ୨୨, ସାରାଂଶ ଜୈନ ୫, ମାନବ ସୁତାର ୨, ସୁଦୀପ୍ ଘରାମୀ ୮, ମୁକେଶ କୁମାର କୌଣସି ରନ ନ କରି ଅପରାଜିତ ରହିଥିଲେ। ଘରୋଇ ଦଳ ପକ୍ଷରୁ ନାସିର ମୁଜାଫର ଓ ସୁନିଲ କୁମାର ୩ଟି ଲେଖାଏ ଏବଂ ଉମର ନାଜିର ମିରଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ପାରସ ଡୋଗ୍ରାଙ୍କ ଜମ୍ମୁ-କାଶ୍ମୀର ଦଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୭ ଓଭରରେ ୨ ୱିକେଟ ହରାଇ ୨୧ ରନ କରି ସଙ୍କଟରେ ପଡ଼ିଛି। ଓପନର୍ କ୍ୱାରମ ଇକବାଲ ୧୨ ଓ ଶୁଭମ ଖଜୁରିଆ କୌଣସି ରନ ନ କରି ଖେଳୁଛନ୍ତି। ଉମର ନାଜିର ମିର ୪ ଓ ଶୁଭମ ପୁନ୍ଦିର ୧ ରନ କରି ଆଉଟ୍ ହୋଇଛନ୍ତି। ଆକାଶଦୀପ୍ ଓ ମୁକେଶ ଚୌଧୁରୀଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

■ ନିକ୍କିଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

## ଭାରତ-ଏ'ର ବୃହତ୍ ବିଜୟ

ମୋହାଲି,୧।୧୦(ଏଜେନ୍ସି): ବୈଷ୍ଣବୀ ଶର୍ମାଙ୍କ ଚତୁର ବୋଲିଂ ଓ ନିକ୍କି ପ୍ରସାଦଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଚାଲିଥିବା ଏକମାତ୍ର ମହିଳା 'ଏ' ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ୨୮୧ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବୈଷ୍ଣବୀ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ସହ ମୋଟ ୯ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। କିନ୍ତୁ ୪୪୬ ରନ୍‌ର ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୬୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ଇନିଂସରେ ନିକ୍କି ୫ ୱିକେଟ ଅକ୍ତିଆର କରି ଦଳକୁ ଜିତାଇଥିଲେ। ଏହା ପୂର୍ବରୁ ପ୍ରଥମ ଇନିଂସରେ ୯୧ ରନ୍ କରିବା ସାଙ୍ଗକୁ ୨ ୱିକେଟ ନେଇଥିବା ନିକ୍କି ପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପ୍ରିୟା ପୁନିଆ ୧୦୫ ରନ୍‌ର ଶତକୀୟ ଇନିଂସ ଖେଳିଥିଲେ। ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ୩୬୪ ଓ ୨୫୭ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ-ଏ' ୧୭୬ ଓ ୧୬୪ରେ ସୀମିତ ରହିଥିଲା। ଏହା ପୂର୍ବରୁ ଖେଳାଯାଇଥିବା ଟି-୨୦ରେ ଅଷ୍ଟ୍ରେଲିଆ-ଏ' ଓ ଦିନିକିଆରେ ଭାରତ-ଏ' ସିରିଜ୍ ବିଜୟୀ ହୋଇଥିଲା।

**ଆଇସିସି ଦିନିକିଆ ବିଶ୍ୱକପ୍-୨୦୨୭**

## ଗୋଟିଏ ଗ୍ରୁପ୍‌ରେ ଭାରତ-ପାକିସ୍ତାନ

ଜୋହାନ୍ସବର୍ଗ, ୧।୧୦ (ଏଜେନ୍ସି): ଆଇସିସି ଦିନିକିଆ ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆସନ୍ତାବର୍ଷ ଅକ୍ଟୋବର ୨ ତାରିଖରୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ମିଳିତ ଭାବେ ଆରମ୍ଭ ହେବାକୁଯାଉଛି। ଏହାର ଠିକ୍ ବର୍ଷକ ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗୁରୁବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ରନର୍ସଅପ୍ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେହିଭଳି ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧ୍ୟ ଭାରତ ସହ ଏହି ଗ୍ରୁପ୍‌ରେ ରହିଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲା ଆଫଗାନିସ୍ତାନ, ସହ-ଆୟୋଜକ ଜିମ୍ବାୱେ ଓ ଏକ କ୍ୱାଲିଫାୟର ଦଳ। ସେହିଭଳି ଆୟୋଜକ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ଅନ୍ୟ ଏକ ଯୋଗ୍ୟତା ଅର୍ଜନକାରୀ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଦୁଇ ଯୋଗ୍ୟତା ଅର୍ଜନକାରୀ ଦଳ ମଧ୍ୟରେ ଅକ୍ଟୋବର ୨ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେହିଭଳି ଭାରତ ଅକ୍ଟୋବର ୭ ତାରିଖରେ ଅଷ୍ଟ୍ରେଲିଆ ସହ ଖେଳି ଅଭିଯାନ ଆରମ୍ଭ କରିବ। ବିଶ୍ୱକପର ସବୁଠୁ ହାଇଭୋଲଟେଜ୍ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଅକ୍ଟୋବର ୧୦ ତାରିଖରେ ଖେଳାଯିବ।

## କ୍ରିକେଟ୍‌ରେ ୭ ନିୟମରେ ପରିବର୍ତ୍ତନ କଲା ଆଇସିସି

ଦୁବାଇ, ୧।୧୦ (ଏଜେନ୍ସି)

ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଅନେକ ନୂତନ ନିୟମ ଜାରି କରିଛି। ଯାହା ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହି ନୂତନ ନିୟମ ଅକ୍ଟୋବର ୧ ପରେ ଆରମ୍ଭ ହେବାକୁଥିବା

**ଏଣିକି ଦିବାଟେଷ୍ଟରେ ଖେଳାଯିବ ପିଙ୍କ୍ ବଲ୍**

ସିରିଜ୍ ପାଇଁ ପ୍ରଯୁଜ୍ୟ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବ୍ୟାଟିଂ ସମୟରେ ସମୟ ନଷ୍ଟ କରିବା ପାଇଁ କ୍ଷେତ୍ରରକ୍ଷକ ଦଳକୁ ଏବେ ୫ ରନ୍ ବୋନସ୍ ଦିଆଯିବ। କାର୍ଯ୍ୟକାରୀ ହୋଇଥିବା ୭ଟି ପ୍ରମୁଖ ନୂତନ ନିୟମ ଉପରେ ସଂକ୍ଷେପରେ ନଜର ପକାଇବା।

୧- **ସମୟ ନଷ୍ଟ ପାଇଁ ଦଣ୍ଡ**: ଏବେ ବ୍ୟାଟିଂ ସମୟରେ ଜାଣିଶୁଣି ସମୟ ନଷ୍ଟ କରୁଥିବା ବ୍ୟାଟରଙ୍କୁ ଅମ୍ପାୟର ପ୍ରଥମେ ଚେତାବନୀ ଦେବେ। ଦ୍ୱିତୀୟଥର ଏଭଳି କଲେ ଅନ୍ତିମ ଚେତାବନୀ ଦିଆଯିବ। ତୃତୀୟ କିମ୍ବା ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୫ ରନ୍ ବୋନସ ଆକାରରେ ଫିଲ୍ଡିଂ କରୁଥିବା ଦଳକୁ ମିଳିବ।

୨- **ଦିବା ଟେଷ୍ଟ ମ୍ୟାଚ୍‌ରେ ଗୋଲାପୀ ବଲ୍**: ଟେଷ୍ଟ କ୍ରିକେଟ୍‌ରେ ଦୁର୍ବଳ ଆଲୋକ ଯୋଗୁଁ ସୃଷ୍ଟି ହେଉଥିବା ବାଧାକୁ ଏଡାଇବା ପାଇଁ, ଦଳଗୁଡ଼ିକ ପାରସ୍ପରିକ ସହମତିରେ ଗୋଲାପୀ ବଲ୍ ବ୍ୟବହାର କରିପାରିବେ। ଏହାର ଅର୍ଥ ହେଉଛି କମ୍ କିମ୍ବା ଦୁର୍ବଳ ଆଲୋକ ଯୋଗୁଁ ମ୍ୟାଚ୍‌ଗୁଡ଼ିକ ଆଉ ବନ୍ଦ ହେବ ନାହିଁ। ପୂର୍ବରୁ କେବଳ ଦିବା-ରାତ୍ର ଟେଷ୍ଟ ମ୍ୟାଚ୍‌ରେ ଗୋଲାପୀ ବଲ୍ ବ୍ୟବହାର କରାଯାଉଥିଲା।

୩- **ଦିବସର ଶେଷ ଓଭର**: ବର୍ତ୍ତମାନ ଟେଷ୍ଟ ମ୍ୟାଚ୍‌ରେ, ଶେଷ ଓଭରରେ ୱିକେଟ୍‌ର ପତନ ପରେ ସ୍ୱଚାଳିତ ଭାବରେ ଦିନର ଖେଳ ସମାପ୍ତ ହେବ ନାହିଁ। ଯଦି ଓଭରରେ ବଲ୍ ବାକି ଥାଏ ଏବଂ ଖେଳ ପରିସ୍ଥିତି ଉପଯୁକ୍ତ ଥାଏ, ତେବେ ଓଭର୍ ସମାପ୍ତ ହେବାଯାଏ ଖେଳ ହେବ। ପୂର୍ବରୁ ଶେଷ ଓଭରର ଯେକୌଣସି ବଲରେ ୱିକେଟ ପଡ଼ିଲେ ସେଠାରୁ ଖେଳ ବନ୍ଦ କରିଦିଆଯାଉଥିଲା।

୪- **ଓଭରଥ୍ରୋ'ର ପରିଭାଷା**: ଏବେ ଓଭରଥ୍ରୋ' ନିୟମକୁ କଡ଼ାକଡ଼ି କରାଯାଇଛି। କେବଳ ରନ ଆଉଟ୍ ଓ ରନ ଅଟକାଇବା ଉଦ୍ଦେଶ୍ୟରେ ଷ୍ଟମ୍ପ ଆଡ଼କୁ ହେଉଥିବା ଥ୍ରୋ' ମିସ୍ ଫିଲ୍ଡ ହେଲେ ଏହାକୁ ଓଭର ଥ୍ରୋ' ଭାବେ ବିବେଚନା କରାଯିବ। ସାଧାରଣ ମିସ୍‌ଫିଲ୍ଡ କିମ୍ବା ଫିଲ୍ଡର-ଫିଲ୍ଡର ମଧ୍ୟରେ ଥ୍ରୋ'କୁ ମିସ୍ ଫିଲ୍ଡ ଭାବରେ ବିବେଚନା କରାଯିବନି।

୫- **ସମ୍ପୂର୍ଣ୍ଣ ନିୟନ୍ତ୍ରଣ**: ରନ୍‌ଆଉଟ୍ କିମ୍ବା ଷ୍ଟମ୍ପିଂ ପାଇଁ ୱିକେଟ୍‌କୁ ଭାଙ୍ଗିବା ସମୟରେ ଫିଲ୍ଡରଙ୍କୁ ବଲ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବାକୁ ପଡିବ। କେବଳ ହାତ ଟଚ୍ କରିବାକୁ ବୈଧ ବିବେଚନା କରାଯିବ ନାହିଁ।

୬- **ମହିଳା କ୍ରିକେଟ୍ ବଲ୍ ପାଇଁ ମାନଦଣ୍ଡ**: ପୁରୁଷ, ମହିଳା ଏବଂ ଜୁନିଅର କ୍ରିକେଟ୍ ପାଇଁ ବଲ୍‌ର ଆକାର ଏବଂ ଓଜନ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ ତିନୋଟି ଭିନ୍ନ ବର୍ଗ ସ୍ଥାପନ କରାଯାଇଛି।

୭- **ଟି-୨୦ରେ ଇନିଂସ ବିରତି**: ଏକ ଟି-୨୦ ମ୍ୟାଚ୍‌ରେ ଦୁଇଟି ଇନିଂସ ମଧ୍ୟରେ ୧୫ ମିନିଟ୍‌ର ବିରତି ରହିଛି। କିନ୍ତୁ ଯଦି ସମୟ କୌଣସି କାରଣ ଲାଗି ସମୟ ନଷ୍ଟ ହୋଇଥିଲେ ଏହାକୁ ୧୦ ମିନିଟ୍ ପର୍ଯ୍ୟନ୍ତ ହ୍ରାସ କରାଯାଇପାରିବ।

**ଭାରତ-ବ୍ରାଜିଲ ଐତିହାସିକ ମ୍ୟାଚ୍**

## ପିଚ୍‌କୁ ବଲ୍ ନେଇ ଯିବେ ବିଜୟନ-ବାରେଟୋ

କୋଲକାତା, ୧।୧୦ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ବ୍ରାଜିଲ ଓ ଭାରତୀୟ ଫୁଟବଲ୍ ଦଳ ମଧ୍ୟରେ ଐତିହାସିକ ମ୍ୟାଚ୍ ଶନିବାର ଖେଳାଯିବ। କୋଲକାତାର ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ପ୍ରତୀକ୍ଷିତ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିଲାଗି ମ୍ୟାଚ୍‌ର ଆମ୍ବାସାଡର ତଥା କିମ୍ବଦନ୍ତୀ ଫୁଟବଲର୍ ଆଇଏମ ବିଜୟନ ଓ ବ୍ରାଜିଲର ଜୋଶ ବାରେଟୋ ପିଚ୍ ମଧ୍ୟକୁ ଅଫିସିଆଲ୍ ବଲ୍ ନେଇଯିବେ। ଅର୍ଜୁନ ପୁରସ୍କାର ବିଜେତା ବିଜୟନ ଭାରତ ପାଇଁ ଦ୍ରୁତତମ ଅନ୍ତର୍ଜାତୀୟ ଗୋଲ୍ ଦେବାର ରେକର୍ଡ କରିଛନ୍ତି। ୧୯୯୯ ସାଫ୍ ଗେମ୍ସରେ ସେ ଭୁଟାନ ବିପକ୍ଷରେ ମାତ୍ର ୧୨ ସେକେଣ୍ଡରେ ଗୋଲ୍ ଦେଇଥିଲେ। ଉଲ୍ଲେଖଯୋଗ୍ୟ ସିନିଅର ପୁରୁଷ ଅନ୍ତର୍ଜାତୀୟ ଫୁଟବଲ୍ ଇତିହାସରେ ବିଶ୍ୱର ଶକ୍ତିଶାଳୀ ଦଳ ବ୍ରାଜିଲ ଓ ଭାରତ ପରସ୍ପର ପ୍ରଥମଥର ଲାଗି ସାମ୍ନାସାମ୍ନି ହେବାକୁ ଯାଉଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY